R.N.I. REGN. No. 65000/96 POSTAL REGN. No. OR/BN-32/12-14

20 October 2025, Monday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୬
ତିଥି : ଚତୁର୍ଦ୍ଦଶୀ
୨୦ ଅକ୍ଟୋବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur




## ଦୀପାବଳି ଶୁଭେଚ୍ଛା

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ।

ନିର୍ଦ୍ଦେଶିକା

## 'ସମୟ'ର ଛୁଟି

ପବିତ୍ର ଦୀପାବଳି ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ଅକ୍ଟୋବର ୨୦ ତାରିଖ ସୋମବାର ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

# ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବିତରଣ

- ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କର ମୂଳମନ୍ତ୍ର : ମୁଖ୍ୟମନ୍ତ୍ରୀ
- ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ହେଲା ଭୂମି ପୂଜନ
- ୨୮ ଜିଲ୍ଲାର ୪୮,୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତି
- ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ
- ପଞ୍ଚାୟତ କାର୍ଯ୍ୟାଳୟ ଏକକ ସେବା କେନ୍ଦ୍ର ଭାବେ କାର୍ଯ୍ୟ କରିବ



ଭୁବନେଶ୍ୱର, ୧୯ ।୧୦ (ସବ୍ୟୁ) : ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କର ମୂଳମନ୍ତ୍ର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦିଗଦର୍ଶନରେ ଆମେ ଗ୍ରାମ ପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣର ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛୁ । ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗୀତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରି ଏହା କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି । ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି । ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ।

ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ ହଜାର ଟଙ୍କା ମିଳିବ । ଯେଉଁମାନେ ୬ ମାସରେ ଘର ଶେଷ ( ୯ ପୃଷ୍ଠାରେ)

# ଟ୍ରମ୍ପଙ୍କ ବିରୋଧରେ ଆନ୍ଦୋଳନ

## ରାସ୍ତାକୁ ଓହ୍ଲାଇଲେ ବିକ୍ଷୋଭକାରୀ




ୱାଶିଂଟନ,୧୯ ।୧୦: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତି ବିରୋଧରେ ଜନତା ରାଜରାସ୍ତାକୁ ଓହ୍ଲାଇଛନ୍ତି । ୱାଶିଂଟନ ଡିସି, ନ୍ୟୁୟର୍କ, ଚିକାଗୋ ଏବଂ ଲସ୍ ଆଞ୍ଜେଲସ୍ ସମେତ ଆମେରିକାର ବିଭିନ୍ନ ସହରରେ ଲକ୍ଷ ଲକ୍ଷ ପ୍ରଦର୍ଶନକାରୀମାନେ ନୋ କିଙ୍ଗସ୍ ସ୍ଲୋଗାନ ଦେଇ ଶୋଭାଯାତ୍ରା ଏବଂ ରାଲି କରିଥିଲେ ।

ନୋ କିଙ୍ଗସ୍ ନାମକ ଏହି ପ୍ରଦର୍ଶନର ପ୍ରଭାବ କେବଳ ଆମେରିକା ପର୍ଯ୍ୟନ୍ତ ସୀମିତ ନଥିଲା, ବରଂ ଏହାର ପ୍ରତିଧ୍ୱନୀ କାନାଡା, ୟୁରୋପ ଏବଂ ସମଗ୍ର ୟୁରୋପରେ ଶୁଣିବାକୁ ମିଳିଥିଲା । ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନେତୃତ୍ୱରେ ଆମେରିକାର ଏକଛତ୍ରବାଦ ଆଡକୁ ଦ୍ରୁତ ଗତିକୁ ପ୍ରତିବାଦକାରୀମାନେ ନିନ୍ଦା କରିଥିଲେ । ନ୍ୟୁୟର୍କର ( ୯ ପୃଷ୍ଠାରେ)

# ରାଷ୍ଟ୍ରପତିଙ୍କ ଦୀପାବଳି ଶୁଭେଚ୍ଛା

ନୂଆଦିଲ୍ଲୀ, ୧୯।୧୦ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଦୀପାବଳିର ପବିତ୍ର ଅବସରରେ, ମୁଁ ଦେଶର ସମସ୍ତ ନାରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛ । ଭାରତର ସବୁଠାରୁ ଲୋକପ୍ରିୟ ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ ଦୀପାବଳି, ଅତ୍ୟନ୍ତ ଉତ୍ସାହ ଏବଂ ଉତ୍ସାହର ସହିତ ପାଳନ କରାଯାଏ । ଏହି ପର୍ବ ଅନ୍ଧକାର ଉପରେ ଆଲୋକ, ଅଜ୍ଞତା ଉପରେ ଜ୍ଞାନ ଏବଂ ମନ୍ଦ ଉପରେ ଭଲର ( ୯ ପୃଷ୍ଠାରେ)

# ୨୧ରେ ଲଘୁଚାପ, ବଢୁଛି ବାତ୍ୟା ଭୟ

ଭୁବନେଶ୍ୱର, ୧୯ ।୧୦ (ସବ୍ୟୁ): ଅକ୍ଟୋବରରେ ସୃଷ୍ଟି ହେବ ଅବପାତ । ଏହା ବାତ୍ୟା ରୂପ ନେବ କି ନାହିଁ, ତାହା ସ୍ପଷ୍ଟ କରିନି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)। ଅନ୍ୟପଟେ ବିଭିନ୍ନ ମଡ଼େଲ ଆକଳନ କରୁଛି ଯେ, ୨୧ରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟା ରୂପ ନେବାର ବହୁ ସମ୍ଭାବନା ଅଛି । ତେବେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ପରେ ଏହାର ଚିତ୍ର ସ୍ପଷ୍ଟ ହେବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ।

ପାଣିପାଗ ବିଭାଗର କହିବାନୁସାରେ, ପୂର୍ବାଳି ବାୟୁ ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ପାଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ବିଜୁଳି ଘଡଘଡି ସହିତ ବର୍ଷା ହୋଇଛି । କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ପୁରୀ, ଯାଜପୁର, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, କୋରାପୁଟ ଓ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ବର୍ଷା ହୋଇଥିବା ଜଣାପଡିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ପୁରୀରେ ୩୩.୮ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୧୯ ମିମି, ( ୯ ପୃଷ୍ଠାରେ)

# ନିୟମଗିରିରେ ଲାଗିଲା ପୋଷ୍ଟର : ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ

ରାୟଗଡା, ୧୯ ।୧୦ (ସବ୍ୟୁ) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପାହାଡ଼ ଅଞ୍ଚଳ, ମୁନିଗୁଡା ବ୍ଲକ ଓ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ ଉଲ୍ଲେଖ କରି ରବିବାର ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । କଲ୍ୟାସିଂହପୁର ବ୍ଲକର ପାର୍ଶାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସଦର ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ମଧ ଏଭଳି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ଏହି ପୋଷ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ, ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ନିଖିଲ ଓରଫ ଶିବାଜୀ, ସୁଦର୍ଶନ ଓରଫ ବିକାଶ, ଅଙ୍କିତା ଓରଫ ଇନ୍ଦୁ, ଶୁକ୍ରଓରଫ କ୍ରିଷ୍ଣା, ନିତୁ, ମିଲିଟାରୀ ପ୍ଲାଟୁନ କମାଣ୍ଡର ଶିଳା ଓରଫ ନାଗମଣୀ, ଅନ୍ୱେଷ ଓରଫ ରେଣୁ, ଡିଭିଜନାଲ କମିଟି ସଦସ୍ୟ ମମତା ଓରଫ ସାଇତେ ଓ ନକୁଲ ଓରଫ ଚନ୍ଦ୍ରାଙ୍କ ନାମ ଉଲ୍ଲେଖ କରି ପୁରସ୍କାର ରାଶି ଉଲ୍ଲେଖ ରହିଛି । ଅନ୍ୟ ସମସ୍ତ ମାଓବାଦୀମାନଙ୍କ ଉପରେ ମଧ ପୁରସ୍କାର ରାଶି ଉପଲବ୍ଧ ରହିଛି । ଯେଉଁ ବ୍ୟକ୍ତି ବିଶେଷ ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବେ ସୂଚନାଦାତାଙ୍କ ପରିଚୟ ଗୋପନ ରଖି ପୁରସ୍କୃତ କରାଯିବ ବୋଲି ପୋଷ୍ଟରରେ ଲେଖା ଯାଇଛି । ଏନେଇ ମୋବାଇଲ ନମ୍ବର ୯୪୩୭୬୪୩୮୩୯ ରେ ଯୋଗାଯୋଗ କରିବା ପାଇଁ ଲେଖା ଯାଇଛି ।

ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ମୁନିଗୁଡା, ବିଷମକଟକ ଓ କଲ୍ୟାଣସିଂହପୁର ଅଞ୍ଚଳର ନିୟମଗିରି ପାହାଡ଼ରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ମାଓବାଦୀ କାର୍ଯ୍ୟକଳାପ କରିଥିବାର ଅନେକ ପ୍ରମାଣ ରହିଥିବା ବେଳେ ବହୁ ହିଂସାତ୍ମକ କାଣ୍ଡ ଘଟାଇଛନ୍ତି । ରାୟଗଡ଼ା ( ୯ ପୃଷ୍ଠାରେ)

DADLS-58



ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)

OIPR: 15001/13/1235/2526

DADLS-58



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ । ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ । ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/1239/2526



# ଆନନ୍ଦର ପର୍ବ ଦୀପାବଳି

ହିନ୍ଦୁ ଧର୍ମରେ ପାଳନ ହେଉଥିବା ବିଭିନ୍ନ ପର୍ବ ମଧ୍ୟରୁ ଦୀପାବଳିର ରହିଛି ସ୍ୱତନ୍ତ୍ରତା । ଦୀପାବଳି ସମସ୍ତଙ୍କ ମନରେ ଭରିଥାଏ ଆନନ୍ଦ । ଏହି ପର୍ବରେ ଧନଦାତ୍ରୀ ଲକ୍ଷ୍ମୀଙ୍କ ସହିତ କାଳୀଙ୍କର ଉପାସନା ମଧ୍ୟ କରାଯାଇଥାଏ । ତେବେ ଦୀପାବଳିକୁ ନେଇ ଅନେକ ପ୍ରଥା ରହିଛି । ଭିନ୍ନଭିନ୍ନ ସ୍ଥାନରେ ଏହାକୁ ବିଭିନ୍ନ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ ।

## ମନଜାଣି ଉପହାର

ଦୀପାବଳି ଆସିଲେ ଆରମ୍ଭ ହୋଇଥାଏ ଉପହାର ଦେବାର ପ୍ରଥା । ସମସ୍ତେ ନିଜନିଜର ପ୍ରିୟଜନଙ୍କ ପାଇଁ କିଛି ମନ ପସନ୍ଦର ଉପହାର କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥାଆନ୍ତି । ତେବେ ଏହି ସମୟରେ କଣ ଉପହାର ଦେବେ ସେନେଇ କେତେଜଣ ଦ୍ୱନ୍ଦରେ ଥାଆନ୍ତି । ଉପହାର ଚୟନ କରିବାରେ ସେମାନଙ୍କୁ ସମସ୍ୟା ହୋଇଥାଏ । ତେବେ ଆସନ୍ତୁ ପଢିବା ସେହିଭଳି କେତେକ ଉପହାର ସମ୍ବନ୍ଧରେ ଯାହା ଆପଣ ନିଜ ପ୍ରିୟ ଜନଙ୍କୁ ବିନା ଦ୍ୱନ୍ଦରେ ଦେଇପାରିବେ ।

### ଗହଣା

ଯଦି ଆପଣ କେହି ମହିଳାଙ୍କୁ ଉପହାର ଦେବାକୁ ଚାହୁଁଛନ୍ତି, ତେବେ ତାଙ୍କ ପାଇଁ ଗହଣା ଉପଯୁକ୍ତ ଉପହାର । ତାଙ୍କ ବ୍ୟକ୍ତିତ୍ୱକୁ ଖାପ ଖୁଆଇଲା ଭଳି ସୁନ୍ଦର ଗହଣା ଉପହାରରେ ଦିଅନ୍ତୁ । ଏଥିରେ ନାକ, କାନ, ବେକ, ହାତ ଆଦିର ଜୁଏଲାରୀ ସାମିଲ ହୋଇପାରିବ । ସେହିଭଳି ଗହଣାର ସେଟ୍ ଆପଣ ଉପହାରରେ ଦେଇପାରିବେ ।

### ସ୍କିନ୍ କେୟାର କିଟ୍

ସେହିଭଳି ମହିଳାଙ୍କର ଆଉ ଏକ ପସନ୍ଦ ନିଜ ତ୍ୱଚାର ଯନି ନେବା । ତେଣୁ ସେମାନଙ୍କୁ ଆପଣ ସ୍କିନ୍ କେୟାରର ପୂରା କିଟ୍ ଉପହାରରେ ଦେଇପାରିବେ । ଏଥିରେ ସେମାନେ ଲଗାଉଥିବା ବ୍ରାଣ୍ଡ କିମ୍ବା ଆପଣଙ୍କ ପସନ୍ଦର କୌଣସି ବ୍ରାଣ୍ଡ ସାମିଲ କରିପାରିବେ ।

### ଫୁଲ

ଦୀପାବଳିରେ ଘରକୁ କେବଳ ଲାଇଟ କି ରଙ୍ଗୋଲି ନୁହେଁ ବରଂ ଫୁଲରେ ବି ସଜାଇ ପାରିବେ । ଯଦି ଚାହିଁବେ ପ୍ରାକୃତିକ ଫୁଲ ବ୍ୟବହାର କରି ମଧ୍ୟ ସଜାଇ ପାରିବେ କିମ୍ବା ବଜାରରେ ମିଳୁଥିବା ମନୁଷ୍ୟକୃତ ଫୁଲ ମଧ୍ୟ ବ୍ୟବହାର କରି ସଜାଇ ପାରିବେ ।

## ପାରମ୍ପରିକ ଉପହାର

ଝିଅ କିମ୍ବା ପୁଅ ସମସ୍ତଙ୍କୁ ପାରମ୍ପରିକ ଉପହାର ଦିଆଯାଇପାରିବ । ଏଥିରେ ଲକ୍ଷ୍ମୀ ମୂର୍ତ୍ତି, ଗଣେଶ ମୂର୍ତ୍ତି, ଲକ୍ଷ୍ମୀଙ୍କ ମୁହଁ ଥିବା କଏନ୍ ଆଦି ଦେଇପାରିବେ । ଏହା ଖୁବ ସୁନ୍ଦର ଲାଗିବା ସହିତ ଧର୍ମୀୟ ଭାବନା ମଧ୍ୟ ଜାଗ୍ରତ କରିଥାଏ ।

### ହାତ ଘଣ୍ଟା

ଏହା ମଧ୍ୟ ସମସ୍ତଙ୍କୁ ଦେଇହେବ । ଆଜିକାଲି ବଜାରରେ ବିଭିନ୍ନ ପ୍ରକାରର ସ୍ମାର୍ଟଓ୍ୱାଚ୍ ମିଳୁଛି । ଘଣ୍ଟା ଏକ କ୍ଲାସି ଗିଫଟ ହେବାସହିତ ଜଣଙ୍କର ବ୍ୟବହାରରେ ମଧ୍ୟ ଆସିଥାଏ । ତେଣୁ ଏହାକୁ ମଧ୍ୟ ଆପଣ ଦୀପାବଳି ଉପହାରରେ ଦେଇପାରିବେ ।

### ସାର୍ଟ ଓ ଅତର

ପୁଅ ପିଲାଙ୍କ ପାଇଁ ସାର୍ଟ ସହ ଅତର ଏକ ଭଲ କମ୍ବିନେସନ୍ । ଯଦି ଆପଣ କୌଣସି ପୁଅକୁ ଗିଫଟ ଦେବାକୁ ଚାହୁଁଛନ୍ତି, ତେବେ ଏକ ଭଲ ସାର୍ଟସହ ତାଙ୍କ ପସନ୍ଦର ଅତର ଦିଅନ୍ତୁ । ଏହା ସେମାନଙ୍କୁ ବେଶ୍ ପସନ୍ଦ ଆସିବ ।





## ମିଠାରେ ମିଠାରେ ଦୀପାବଳି

ଦୀପାବଳିର ପାଳନ ବିନା ମିଠାରେ ଅସମ୍ଭବ । ତେବେ ଆଜିକାଲିର ବ୍ୟସ୍ତ ବହୁଳ ଜୀବନରେ ସମସ୍ତଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି । ଯେଉଁକାରଣରୁ ମନ ମାରି ରହିବାକୁ ପଡୁଛି । ତେବେ ଏଥର ଦୀପାବଳିରେ ଘରେ ବନାନ୍ତୁ କିଛି ଏଭଳି ମିଠା ଯାହାକୁ ସମସ୍ତେ ଖାଇପାରିବେ ।

### ଗ୍ରିଲ୍ଡ ଆଲମଣ୍ଡ ବର୍ଫି

ପ୍ରଥମେ ଖୁଆକୁ ଗୁଣ୍ଡ କରିନିଅନ୍ତୁ । ପ୍ୟାନ ବସାଇ ସେଥିରେ ଖୁଆ ପକାନ୍ତୁ । ଏଥିରେ ମିଠା ପାଇଁ ସୁଇଟ୍‌ନର ବ୍ୟବହାର କରନ୍ତୁ, ଯେଉଁଥିରେ ବିନା ଚିନିରେ ମିଠା ରହିଥାଏ । ଖୁଆରେ ସୁଇଟ୍‌ନର ପକାଇ ତିନିରୁ ଚାରି ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଏହାପରେ ଏହାକୁ ବାହାରକରି ଆଣନ୍ତୁ । ଏଥିରେ ପରେ ଭଜା ପେସ୍ତାବାଦାମ ମିଶାନ୍ତୁ, ଉପରେ କିଛି ସୁଇଟ୍‌ନର ଛିଞ୍ଚନ୍ତୁ । ମିଶାଇବା ପରେ ଏହାକୁ ଓଭାନରେ ୨୦୦ସି ହିଟ୍‌ରେ ରଖନ୍ତୁ । ସୁଇଟ୍‌ନର ଅଳ୍ପ ତରଳିବା ପରେ ବର୍ଫିକୁ କାଢି ପରଷନ୍ତୁ ।

### ଖାସ ମାଲପୋଇ

ଖାସ ମାଲପୋଇ ତିଆରି କରିବା ପାଇଁ ପ୍ରଥମେ ଗାଜର ହାଲୁଆକୁ ପାରମ୍ପରିକ ଉପାୟରେ ପ୍ରସ୍ତୁତ କରନ୍ତୁ । ଏଥିରେ ଚିନି ଛଡା ଆଉ ସମସ୍ତ ସାମଗ୍ରୀ ବ୍ୟବହାର କରିହେବ । ସେହିଭଳି କ୍ଷୀର, ଅଟା, ଗୁଜୁରାତି, ଖୁଆ ଆଦି ପକାଇ ମାଲପୁଆ ପ୍ରସୁତ କରନ୍ତୁ । ଏଥିରେ ମଧ୍ୟ ଚିନି ବ୍ୟବହାର କରନ୍ତୁ ନାହିଁ । ପ୍ରସ୍ତୁତ ମାଲପୁଆରେ ଗାଜର ହାଲୁଆକୁ ପୁର ଭଳି ପୁରାନ୍ତୁ ଏବଂ ଏହାକୁ ବଜାରରେ ମିଳୁଥିବା ସୁଗାର ଫ୍ରି ରାବିଡି ସହିତ ପରଷନ୍ତୁ ।



### ବାଦାମ ବର୍ଫି

ଗୋଟିଏ ପ୍ୟାନ୍‌ରେ ଖୁଆ ଓ ବାଦାମ ମିଶାଇ ଭାଜନ୍ତୁ । ଏହାକୁ ଭଲ ଭାବେ ମିଶାଇ ୫ ମିନିଟ୍ ଭାଜନ୍ତୁ । ଏହାପରେ ଏଥିରେ କଟାଯାଇଥିବା ବାଦାମ, ଗୁଜୁରାତି ପାଉଡର, କଟାହୋଇଥିବା ଫଳ ମିଶାନ୍ତୁ । ଏହାକୁ ଘିଅ ଲଗାଯାଇଥିବା ଏକ ଆଲୁମିନିୟମ ଡବାରେ କାଢନ୍ତୁ । ଏହାକୁ ପ୍ରାୟ ୫ଘଣ୍ଟା ପାଇଁ ଥଣ୍ଡା ହେବା ପାଇଁ ଛାଡନ୍ତୁ । ଥଣ୍ଡା ହେବାପରେ ଏହାକୁ ଖଣ୍ଡଖଣ୍ଡ କରି କାଟନ୍ତୁ ଏବଂ ପରଷନ୍ତୁ ।

## ଘରସଜ୍ଜା

ଦୀପାବଳିରେ ଘରସଜ୍ଜାକୁ ନେଇ ସମସ୍ତେ ଦ୍ୱନ୍ଦରେ ରହିଥାଆନ୍ତି । ତେବେ କିଛି ଏଭଳି ଟ୍ରିକ ରହିଛି ଯାହାକୁ ଆପଣାଇଲେ ଖୁବ ସହଜରେ ସୁନ୍ଦରଭାବେ ଘରସଜ୍ଜା ହୋଇପାରିବ । ତେଣୁ କିଛି ଦିଗ ପ୍ରତି ଧ୍ୟାନ ରଖି ଦୀପାବଳିରେ ଘର ସଜାନ୍ତୁ ।

### ଲାଇଟର ଚୟନ

ଯେତେବେଳେ ବି ଦୀପାବଳିରେ ଘର ପାଇଁ ଲାଇଟ ଚୟନ କରୁଛନ୍ତି, ସେତେବେଳେ କିଛି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ । ପ୍ରଥମେ ଘରର ରଙ୍ଗ, ଡିଜାଇନକୁ ଧ୍ୟାନରେ ରଖନ୍ତୁ । ସେହିଭଳି କେଉଁ ଏରିଆକୁ ଆପଣ ଲାଇଟରେ ସଜାଇବାକୁ ଚାହୁଁଛନ୍ତୁ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଯଦି ଘରର ରଙ୍ଗ ଫିକା ଅଛି ତେବେ ବ୍ରାଇଟ କଲର ଲାଇଟ ଆଣନ୍ତୁ ଘର ଗର୍ଜିଅସ ଲାଗିବ । ସେହିଭଳି ଘରର ରଙ୍ଗ ସହିତ କଣ୍ଟ୍ରାଷ୍ଟ କରି ଲାଇଟ ରଙ୍ଗକୁ ଚୟନ କରନ୍ତୁ । ସବୁବେଳେ ବେଶି ବଡବଡ ମାଳ ବଦଳରେ ଛୋଟଛୋଟ ମାଳକୁ କୌଣସି ଡିଜାଇନ କରି ଘରେ ଟାଙ୍ଗନ୍ତୁ, ଖୁବ ଭଲ ଲାଗିବ । ସେହିଭଳି ବାଲକୋନିରେ ବଡ ମାଳ ଟାଙ୍ଗି ପାରିବେ । ଅଥବା କୌଣସି ପରଦାରେ ମଧ୍ୟ ବଡ ମାଳ ଟାଙ୍ଗି ପାରିବେ ସୁନ୍ଦର ଲାଗିବ । ବର୍ତ୍ତମାନ ବଜାରରେ ଛୋଟଛୋଟ ସୁନ୍ଦର ସୁନ୍ଦର ଡିଜାଇନର ଲାଇଟ ମିଳୁଛି, ଏଗୁଡିକୁ ଘରେ ଟାଙ୍ଗନ୍ତୁ ସୁନ୍ଦର ଲୁକ ମିଳିବ ।

### ରଙ୍ଗୋଲି

ଘରେ ରଙ୍ଗୋଲି ପକାଇବା ଆଗରୁ ଘରର ସ୍ଥାନ ପ୍ରତି ଧ୍ୟାନ ଦିଅନ୍ତୁ । ବଡ ଖୋଲା ସ୍ଥାନ ଥିଲେ ଟିକେ ବଡ ରଙ୍ଗୋଲି ପକାନ୍ତୁ । ତେବେ ଯଦି ଛୋଟ ସ୍ଥାନକୁ ସଜାଇବାକୁ ଚାହୁଁଛନ୍ତି ତେବେ ଛୋଟଛୋଟ ରଙ୍ଗୋଲି ପକାନ୍ତୁ ସୁନ୍ଦର ଲାଗିବ । ସେହିଭଳି ସବୁବେଳେ ରଙ୍ଗୋଲିରେ ଡାର୍କ କଲର ବ୍ୟବହାର କରନ୍ତୁ । ବଜାରରେ ଖୁବ ସୁନ୍ଦର ସୁନ୍ଦର ଫ୍ରେମ ମିଳୁଛି ଏଗୁଡିକ ବ୍ୟବହାର କରି ରଙ୍ଗୋଲି କରିପାରିବେ ।



## ଭୁବନେଶ୍ୱରରେ ଅପମିଶ୍ରିତ ମିଠା

# ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ାଉ ଧର୍ମକୁ ଆଖିଠାର

ଭୁବନେଶ୍ୱର,(ସବ୍ୟୁ): ଏବେ ପାର୍ବଣ ଋତୁ ଚାଲିଛି। ଦଶହରା ପରେ ଆସନ୍ତାକାଲି ଦୀପାବଳି। ତେବେ ମିଠା ବଜାରରେ ନାହିଁ ନଥିବା ଦେଖିବାକୁ ମିଳିଛି। ଦୀପାବଳିରେ ମିଠାର ଚାହିଦା ବହୁତ ବଢ଼ିଯାଏ। ଲୋକଙ୍କ ଡିମାଣ୍ଡ ଅନୁସାରେ ରାଜଧାନୀ ସମେତ ବିଭିନ୍ନ ସହରରେ ମିଠା ଦୋକାନୀମାନେ ଯୋଗାଇ ପାରିବେ ନାହିଁ। ଓଡ଼ିଶାକୁ



ନାଗପୁର ଭଳି ବାହାର ରାଜ୍ୟରୁ ବିଭିନ୍ନ ପ୍ରକାରର ମିଠା ଆମଦାନୀ ହେଉଛି। ସେଗୁଡିକୁ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରୁନାହାନ୍ତି। କେବଳ ସେତିକି ନୁହେଁ, ଯେକୌଣସି ପାର୍ବଣ ଦିନର ୩ ଦିନ ପୂର୍ବରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ମିଠା ପ୍ରସ୍ତୁତ କରି ମିଠା ଦୋକାନୀ ବିକ୍ରି କରିଥାନ୍ତି। ସେହି ମିଠା ଗୁଡିକର ମାନ ଯାଞ୍ଚ କରାଯାଉନଥିବା ସାଧାରଣରେ ଅଭିଯୋଗ ହେଉଛି। ସରକାର ଏହି ଅସାଧୁ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ପର୍ବପର୍ବାଣୀ ହେଲେ ଘରକୁ ମିଠା ଆସିଥାଏ। ଅଫିସ୍‌ରେ କର୍ମଚାରୀମାନଙ୍କୁ ଖୁସିରେ ମିଠା ଦିଆଯାଇଥାଏ। ରାଜଧାନୀରେ ମିଠା ଏବଂ ଦୁଗ୍ଧ ଜାତୀୟ ସାମଗ୍ରୀ କିଣୁ ଥିଲେ ହୋଇଯାନ୍ତୁ ସାବଧାନ। କାରଣ ବଜାରରେ ମାଳମାଳ ଅପମିଶ୍ରିତ ମିଠା ଓ ଦୁଗ୍ଧ ଜାତୀୟ ଦ୍ରବ୍ୟ। ଏହାକୁ ଯାଞ୍ଚ କରିବାଲାଗି ଖାଦ୍ୟ ସୁରକ୍ଷା ଅଧିକାରୀ ଥିବା ବେଳେ ସଠିକ ଭାବେ ଯାଞ୍ଚ ହେଉନଥିବା ଅଭିଯୋଗ ହେଉଛି। ପାର୍ବଣ ଋତୁ ଆସିଲେ ସୁରକ୍ଷା ଅଧିକାରୀମାନେ ଲୋକଦେଖାଣିଆ ଚଢ଼ାଉ କରନ୍ତି। ସେ ପୁଣି ଛୋଟ ଦୋକାନୀଙ୍କ ଉପରେ। ବଡ଼ ବଡ଼ ଦୋକାନ ଉପରେ ଚଢ଼ାଉ କରିବାରେ ସେମାନେ ଟାଳଟୁଳ ନୀତି ଆପଣାଉଛନ୍ତି।

ଦୁଗ୍ଧ ଜାତୀୟ ଦ୍ରବ୍ୟ ଯେପରି ଛେନା, ଖୁଆ, ପନିର, ମିଠାରେ ଅପମିଶ୍ରିତ ହେଉଥିବା ଜଣାପଡିଛି। ସେହିପରି ମହାରାଷ୍ଟ୍ରର ନାଗପୁରରୁ ଡୋଡା ବର୍ଫି ମିଠା ସମେତ ଅନେକ ପ୍ରକାରର ମିଠା ଓଡ଼ିଶାରେ ମିଳୁଛି। ଏହାର ଏକ ବଡ଼ ର୍ୟାକେଟ୍ ଓଡ଼ିଶାରେ ସକ୍ରିୟ ଅଛନ୍ତି। ସେମାନେ ନାଗପୁରରୁ ଆମଦାନୀ କରି ବିଭିନ୍ନ ମିଠା ଦୋକାନରେ ଲଗାଇଥାନ୍ତି। ସେହି ମିଠା ଗୁଡିକ ୩ ଦିନରୁ ଉର୍ଦ୍ଧ୍ୱ ଟ୍ରେନରେ ଆସିଥିବା ବେଳେ ଏହାର ମାନ ଯାଞ୍ଚ କରାଯାଉନି। ଭୁବନେଶ୍ୱରରେ ୩ଟି ଜୋନରେ ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ତେବେ ସେମାନେ ବର୍ଷ ତମାମ ଶୋଇ ରହିଥିବା ବେଳେ ପାର୍ବଣଋତୁ ସମୟରେ ସରକାରଙ୍କ ନଜରକୁ ଆସିବା ପାଇଁ ଅଳ୍ପ କିଛି ଦୋକାନରେ ଚଢ଼ାଉ କରିଥାନ୍ତି। ଆସନ୍ତାକାଲି (ସୋମବାର) ଦୀପାବଳି ଉତ୍ସବ ସାରା ଓଡ଼ିଶା ପାଳନ କରୁଥିବା ବେଳେ ଅସାଧୁ ମିଠା ଦୋକାନରେ ଜୋରଦାର ଚଢ଼ାଉ କରାଯାଇ ଦୋଷୀ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

- ବାହାର ରାଜ୍ୟର କ୍ୱିଣ୍ଟାଲ କ୍ୱିଣ୍ଟାଲ ମିଠା
- ପନିର, ଛେନା, ଖୁଆବି ଅପମିଶ୍ରିତ
- ବଡ଼ ବଡ଼ ଦୋକାନରେ ହେଉନି ଚଢ଼ାଉ

## ଷ୍ଟିଲରଡ ଚୋରୀ କରି : ୨ ଗିରଫ

ବାରଙ୍ଗ ,(ସବ୍ୟୁ): ନନ୍ଦନକାନନ ଥାନା ଅଧୀନରେ ଥିବା ଆସିୟାନା ରିଗାଲ୍ସରେ ହେଉଥିବା ନୂଆ ଘର ନିମନ୍ତେ ବ୍ୟବହୃତ ଷ୍ଟିଲ ରଡ ଚୋରୀ ଅଭିଯୋଗରେ ପୋଲିସ ରବିବାରଦିନ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି ।ସେମାନେ ହେଲେ ଢେଙ୍କାନାଳ ଜିଲ୍ଲା ଚନ୍ଦ୍ରଶେଖର ପ୍ରସାଦ ଗ୍ରାମର ପିଣ୍ଟୁ ସେଠୀ ଓ ବାରଙ୍ଗ ଥାନା ମଧୁବନ ଗ୍ରାମର ବିକଶ୍ ଜେନା । ଉଭୟଙ୍କ ମଧ୍ୟରୁ ସେଠୀରେ ଜଣେ ସିକୁରିଟି ଗାର୍ଡ ଅନ୍ୟ ଜଣେ ସିକୁରିଟି ସୁପର ଭାଇଜର ବୋଲି ସୂଚନା ମିଳିଛି । ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ନିଜର ଦୋଷ ସୀକାର କରିବା ସହ ଚୋରୀ କରିଥିବା ୯ ବଣ୍ଡଲ ଷ୍ଟିଲ ରଡ କୁ ସେମାନେ କବଡିଆ ରମଜାନ ଅଲ୍ଲିକୁ ୧୧୦୦୦ ଟଙ୍କାରେ ବିକ୍ରି କରିଥିବା ପ୍ରକାଶ କରିଥିଲେ ।

## ଦୀପାବଳି ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା

# ପ୍ରଦୂଷଣମୁକ୍ତ ସବୁଜ ଦୀପାବଳି ପାଳନ କରିବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଆଲୋକର ପର୍ବ ପବିତ୍ର ଦୀପାବଳି ଅବସରରେ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ସେ କହିଛନ୍ତି ରାଜ୍ୟର ଭାଇ-ଭଉଣୀମାନଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଉଛି । ଦୀପାବଳି ହେଉଛି ଆଲୋକ ଓ ଆନନ୍ଦର ପର୍ବ । ଭିଡିଓ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଜ୍ଞାନର ଆଲୋକ ମଣିଷକୁ ଅଜ୍ଞାନର ଅନ୍ଧକାରରୁ ଉଦ୍ଧାର କରିଥାଏ । ନୂଆ ଆଶା, ନୂଆ ସ୍ୱପ୍ନ ଓ ନୂଆ ଲକ୍ଷ୍ୟ ସହିତ



ସୁନ୍ଦର ଓ ସମୃଦ୍ଧ ଭବିଷ୍ୟତକୁ ସ୍ୱାଗତ କରିବା ପାଇଁ ଦୀପାବଳି ଉତ୍ସବ ଆମକୁ ପ୍ରେରଣା ଦେଇଥାଏ । ଅସତ୍ୟ ଓ ଅନ୍ୟାୟର ଅନ୍ଧାରକୁ ଭେଦି ସତ୍ୟ ଓ ନ୍ୟାୟର ଆଲୁଅ ଜୀବନରେ ପରିପ୍ରକାଶ କରିଥାଏ । ଏହା ଆଶା, ବିଶ୍ୱାସ ଓ ଦୃଢ଼ ପ୍ରତିବଦ୍ଧତାର ପର୍ବ । ପ୍ରକୃତି ଓ ପରିବେଶକୁ ସମ୍ମାନ ଜଣାଇ ଚଳିତ ବର୍ଷ ଏକ ପ୍ରଦୂଷଣମୁକ୍ତ ସବୁଜ ଦୀପାବଳି ପାଳନ କରିବା । ଅହଂକାର ଓ ଦାନବୀୟ ପ୍ରକୃତିର ଅମାଅନ୍ଧକାର ଭିତରୁ ଦୟା, କ୍ଷମା, ପ୍ରେମ ଓ ମାନବିକତାକୁ ଆଲୁଅ ଦେଖାଇବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରୀ ଜିଲ୍ଲାର ୬ ଟି ଗ୍ରାମ ପଞ୍ଚାୟତ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ

ପୁରୀ, (ସବ୍ୟୁ) : ରବିବାର ପୂର୍ବାହ୍ନରେ ଓସୱାନ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୁରୀ ଜିଲ୍ଲାରେ ୬ ଗୋଟି ଗ୍ରାମ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ୬ ଗୋଟି ପଞ୍ଚାୟତ ହେଲା ଡେଲାଙ୍ଗ ବ୍ଲକର କଲ୍ୟାଣପୁର, ଗୋପ ବ୍ଲକର ଡଭାର,କଣାସ ବ୍ଲକର ଗଡ ବଳଭଦ୍ରପୁର,କୃଷ୍ଣ ପ୍ରସାଦ ବ୍ଲକର ଗୋପୀନାଥପୁର,ନିମାପଡା ର ଭୋଗସଳଦା ଓ ସଦର ବ୍ଲକର ପ୍ରତାପ ପୁରୁଷୋତ୍ତମପୁର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ମଧ୍ୟ ପୁରୀ ଜିଲ୍ଲାର



ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୨୩୨୧ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ହିସାବରେ ୯ କୋଟି ୫୨ ଲକ୍ଷ ଟଙ୍କା ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନ୍ତୋଦୟ ଆବାସ ଯୋଜନା ର ହିତାଧିକାରୀମାନଙ୍କୁ ଏହି କାର୍ଯ୍ୟାଦେଶ ପ୍ରଦାନ କରିବା ସହ ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ଗୁଡିକୁ ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଇଥିଲେ। ପୁରୀ ଜିଲ୍ଲାର ଅନ୍ତୋଦୟ ଆବାସ ଯୋଜନା ଅଧୀନରେ ଘର ନିର୍ମାଣ ପାଇଁ ଅନ୍ତୋଦୟ ଆବାସ ଯୋଜନାର ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଅର୍ଥ ଆଜି ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ,ସଦର ବିଡ଼ିଓ ସମ୍ବିତ ଶତପଥୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକରେ ବିଡ଼ିଓ ଓ ପଞ୍ଚାୟତ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

## ଆଜି ଶ୍ରୀକ୍ଷେତ୍ରରେ ପବିତ୍ର ଦୀପାବଳି ବା ପୟାଶ୍ରାଦ୍ଧ

ପୁରୀ, (ସବ୍ୟୁ): ସୋମବାର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ ପବିତ୍ର ଦୀପାବଳି ବା ପୟାଶ୍ରାଦ୍ଧ । ଶ୍ରୀକ୍ଷେତ୍ରରେ କାଉଁରିଆ କାଠି ଜାଳି ବଡ଼ବଡ଼ିଆ ଡାକିବେ ଶ୍ରଦ୍ଧାଳୁମାନେ। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପ୍ରବଳ ଭକ୍ତଙ୍କ ସମାଗମ ହେବ । ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଭାବେ ବଡ଼ବଡ଼ିଆ ଡାକିବା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା। ସୁରକ୍ଷା ଦାୟିତ୍ୱରେ ୨୮ ପ୍ଲାଟୁନ ପୋଲିସ ଫୋର୍ସ ସହିତ ୪ ଜଣ ଅତିରିକ୍ତ ଏସପି, ୧୫ ଡିଏସପି, ୧୪ ଜଣ ଇନ୍ସପେକ୍ଟର ମୁତୟନ ହେବେ। ସିଂହଦ୍ୱାର ନିକଟରେ କାଉଁରିଆ କାଠି ଜାଳି ବଡ଼ବଡ଼ିଆ ଡାକିବା ପାଇଁ ଚାରୋଟି ସ୍ଥାନ ନିରୂପଣ କରାଯାଇଛି। ୨୦ ଏବଂ ୨୧ ତାରିଖ ଦୁଇଦିନ ପାଇଁ କରାଯାଇଛି ବ୍ୟବସ୍ଥା। ଭୋର ୪ ଟା ରୁ ରାତି ୧୦ ଟା ଯାଏଁ ଲାଗୁ ହେବ ଟ୍ରାଫିକ କଟକଣା। ମାର୍କେଟ ଛକ ଠାରୁ ନୋ ଭେହିକିଲ ଜୋନ୍ କରାଯାଇଛି।

## ସଦର ଥାନା ପକ୍ଷରୁ ୧୪ ଜୁଆଡ଼ି ଗିରଫ

# ୭ ଲକ୍ଷ ୭୧ ହଜାର ଟଙ୍କା ଜବତ : ମୁଖ୍ୟ ଅଭିଯୁକ୍ତ ଫେରାର



ପୁରୀ, (ସବ୍ୟୁ): ପୋଲିସ ପକ୍ଷରୁ ଆରମ୍ଭ ହୋଇ ଥିବା ଅପରାଧ ଦମନ ଅଭିଯାନ "ଚକ୍ର" ଆଧାରରେ ଶନିବାର ବିଳମ୍ବିତ ରାତ୍ରୀରେ ସଦର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପୁରୀ ବ୍ରହ୍ମଗିରି ଜାତୀୟ ରାଜପଥ ଖଡ଼ିପଦା ଗ୍ରାମ ନିକଟ କୋଠ ଘରେ ଚାଲି ଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଅତର୍କିତ ଭାବେ ଚଢ଼ାଉ କରି ୧୪ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣା ସ୍ଥଳରୁ ପୋଲିସ ନଗଦ ୭ ଲକ୍ଷ ୭୧ ହଜାର ୭୦୦ ଟଙ୍କା ଜବତ କରିଛି ବୋଲି ଏହି ସୂଚନା ଦେଇଛନ୍ତି ଜିଲ୍ଲା ଏସପି ପ୍ରତୀକ ସିଂ । ତେବେ ଜୁଆ ଆଡ୍ଡା ଚଳାଉଥିବା ମୁଖ୍ୟ କିଙ୍ଗପିଁନ ଜଟିଆ ଓରଫ ସୋମନାଥ ରାଉତ ପୋଲିସକୁ ଚକମା ଦେଖାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛି । ଜଟିଆକୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଘଟଣା ସ୍ଥଳରୁ ପୋଲିସ ଏକ ମହିନ୍ଦ୍ରା ସ୍କର୍ପିଓ ଏକ୍ସୟୁଭି ଗାଡ଼ି ଓ ବାଇକ୍ ଜବତ କରିଛି। ମହିନ୍ଦ୍ରା ଗାଡ଼ିର ମାଲିକନା ସତ୍ତ୍ୱ ଜଟିଆ ନାମରେ ରହିଛି ବୋଲି କହିଛନ୍ତି ସଦର ଥାନା ଆଇ ଆଇ ସି ସୁନିଲ କୁମାର ପ୍ରଧାନ ।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

ନୟାହାଟ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ଥାନା ଅଧିନ ନୟହାଟ ଫାଣ୍ଡିରେ ଆୟୋଜିତ ଆମ ପୋଲିସ କାର୍ଯ୍ୟକ୍ରମରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ନୂତନ ସଦସ୍ୟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ପବନ କୁମାର ପାତ୍ର,ରବି ମିଶ୍ର ,ଶେଖ୍ ଆରିଫ୍,ବିଜୟ ବେହେରା,ପଦ୍ମ ଚରଣ ରାଉତ,ଆଦିତ୍ୟ ବିଶ୍ୱାଳ,କେଦାର ସାହୁ,ନିମାଇଁ ତ୍ରିପାଠୀଙ୍କ ସମେତ ୨୫ ଜଣ ନୂତନ ସଦସ୍ୟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କ ଠାରୁ ପରିଚୟ ପତ୍ର ଗ୍ରହଣ କରିଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ମଧୁସୂଦନ ରାୟ,ସୁରେନ୍ଦ୍ର ମୋହନ ବିଟି,ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ମଞ୍ଚ ପକ୍ଷରୁ ଫାଣ୍ଡି ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।







## ଦୀପାବଳୀରେ ବାଣ ଫୁଟାଇବା ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସଚେତନତା

ପୁରୀ, (ସବ୍ୟୁ) : ଦୀପାବଳୀ ଉତ୍ସବକୁ ସୁରକ୍ଷାର ସହ ପାଳନ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସତର୍କତା ଓ ସଚେତନତା ନିର୍ଦ୍ଦେଶନାମା ଜାରି କରାଯାଇଛି।ପୁରୀ ଜିଲ୍ଲାରେ ଏହି ନିର୍ଦ୍ଦେଶନାମାକୁ ସମସ୍ତ ଜନ ସାଧାରଣ ଅନୁପାଳନ ସହ ସୁରକ୍ଷିତ ଦୀପାବଳୀ ପାଳନ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ସୁରକ୍ଷିତ ଦୀପାବଳୀ ପାଇଁ ଅନୁରୋଧ କରିଛନ୍ତି। ନିୟମ ଅନୁସାରେ ଦୀପାବଳୀକୁ କେବଳ ଦୀପ ଜଳାଇ ପାଳନ କରନ୍ତୁ ଏବଂ ବାଣ ଫୁଟାଇବା ସମୟ ସଂଧ୍ୟା ୭ ରୁ ୯ ଟା ପର୍ଯ୍ୟନ୍ତ ସୀମିତ ରଖନ୍ତୁ। ଅଧିକ ଶବ୍ଦ କରୁଥିବା ବାଣ ଫୁଟାନ୍ତୁ ନାହିଁ, ବାଣର ଶବ୍ଦ ୧୨୫ ଡିସିବିଲରୁ ଅଧିକ ହୋଇ ପାରିବ ନାହିଁ, ଶାନ୍ତି କ୍ଷେତ୍ର ଯଥା ବଗିଚା, ପାର୍କ, ହସ୍ପିଟାଲ, ଶିକ୍ଷା ସଂସ୍ଥା, କୋର୍ଟ,ଧାର୍ମିକ ସ୍ଥାନ ଇତ୍ୟାଦିର ୧୦୦ ମିଟର ଦୂରତା ମଧ୍ୟରେ ବାଣ ଫଟାଇବା ବର୍ଜିତ । କେବଳ ପରିବେଶ ଉପଯୋଗୀ ବାଣ ବା ଗ୍ରୀନ କ୍ରାକର୍ଶ ଖୋଲା ଜାଗାରେ ଫୁଟାଇବା ର ଅନୁମତି ରହିଛି। ୧୦ ବର୍ଷ ରୁ କମ ବୟସର ଶିଶୁ ମାନେ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଅନୁମତି ନାହିଁ। ସୁପ୍ରିମକୋର୍ଟ କେବଳ ଗ୍ରୀନ କ୍ରାକର୍ଶ ବ୍ୟତୀତ ଅନ୍ୟ ସମସ୍ତ ବାଣର ଉତ୍ପାଦନ ଓ ବିକ୍ରିକୁ ନିଷେଧ କରିଛନ୍ତି,ଉପରୋକ୍ତ ନିୟମର ଅନୁପାଳନ ନ କଲେ ଓଡିଶା ଫାୟାର କ୍ରାକର୍ଶ ଆଣ୍ଡ ଲାଉଡ ସ୍ପିକର୍ସ (ରେଗୁଲେସନ) ଆକ୍ଟ ୧୯୫୮ ଓ ନଏଜ ପଲ୍ୟୁସନ( ରେଗୁଲେସନ ଆଣ୍ଡ କଣ୍ଟ୍ରୋଲ) ରୁଲସ ୨୦୦୦ ଅନୁସାରେ ଦଣ୍ଡନୀୟ କାର୍ଯ୍ୟ ଭାଗୀ ହେବେ। ଏ ସମ୍ବନ୍ଧରେ କୌଣସି ଅଭିଯୋଗ ଥିଲେ ସମ୍ବନ୍ଧିତ ଜିଲ୍ଲା ଓ ଉପ ବିଭାଗ ର ଜିଲ୍ଲା ମାଜିଷ୍ଟ୍ରେଟ, ଏଡିଏମ୍, ଏସଡିଏମ୍,ଏସ୍‌ପି, ଏଏସ୍‌ପି, ଡିଏସ୍‌ପି, ଏସ୍‌ଡିପିଓଙ୍କ ନିକଟରେ ଦାଖଲ କରି ପାରିବେ। ବୃଦ୍ଧ ମାନେ ଓ ଶ୍ୱାସ ରୋଗୀ ମାନେ ବାଣର ଧୂଆଁ ରୁ ଦୂରେଇ ରହିବାକୁ ପରାମର୍ଶ ଦିଆ ଯାଉଅଛି। ବାଣ ଫୁଟାଇବା ସମୟରେ ଆଖି ସୁରକ୍ଷା ପାଇଁ ପାରଦର୍ଶୀ ଚଷମା ପିନ୍ଧିବା ଏବଂ ଅତ୍ୟଧିକ ବାଣ ବ୍ୟବହାର କରିବା ପରିବର୍ତ୍ତେ ଦୀପ,ପ୍ରଦୀପ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସହ ପରିବେଶ ଅନୁକୂଳ ପ୍ରକାରରେ ପର୍ବ ପାଳନକୁ ଉତ୍ସାହିତ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସତର୍କ କରାଯାଇଛି।


## ସଡକ ସୁରକ୍ଷା ଉଲ୍ଲଂଘନ ବାବଦରେ ଜୋରିମାନା

| | ଟ୍ରାଫିକ୍ ନିୟମ ଅବମାନନା | ଫାଇନ୍ (ଟଙ୍କା) |
|---|---|---|
| ୧ | DLବିନା ଡ୍ରାଇଭିଂ | ୫୦୦୦ |
| ୨ | ଅଯୋଗ୍ୟତା / ନିଲମ୍ବନ ସମୟରେ ଗାଡି ଚଲାଇବା | ୧୦,୦୦୦ |
| ୩ | 18ବର୍ଷରୁ କମ ଡ୍ରାଇଭିଂ | ୨୫,୦୦୦ |
| ୪ | ବୀମା ବିନା ଡ୍ରାଇଭିଂ | ୨୦୦୦ |
| ୫ | ଜରୁରୀକାଳୀନ ଯାନ (ଅଗ୍ନି ସେବା କିମ୍ବା ଆମ୍ବୁଲାନ୍ସ) ପାଇଁ ରାସ୍ତା ପ୍ରଦାନ ନ କରିବା | ୧୦,୦୦୦ |
| ୬ | ବିନା ଅନୁମତିରେ ଯାନ | ୧୦,୦୦୦ |
| ୭ | ପଞ୍ଜୀକରଣ ବିନା ଗାଡି ବ୍ୟବହାର ଏବଂ F.C | ୫୦୦୦ |
| ୮ | ଅନଧିକୃତ ବ୍ୟକ୍ତିଙ୍କୁ ଗାଡି ଚଲାଇବାକୁ ଅନୁମତି ଦେବା | ୫୦୦୦ |
| ୯ | ଷ୍ଟପ୍ ଚିହ୍ନ ଉଲ୍ଲଂଘନ | ୫୦୦୦ |
| ୧୦ | କର୍ତ୍ତୃପକ୍ଷଙ୍କ ଆଦେଶର ଅବମାନନା | ୨୦୦୦ |
| ୧୧ | PUC ସାର୍ଟିଫିକେଟ୍ ବିନା ଗାଡି ଚଲାଇବା | ୧୦,୦୦୦ |



# ବିଜେପିରେ ଯୋଗ ଦେଲେ ସୁକନ୍ୟା ଶିଖା ଆଜାଦ



ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି । ଦିବଂଗତ ନେତା ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ଗତ ୧୧ ତାରିଖ ଦିନ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଥିଲେ । ଏହା ପରେ ଉଭୟ କଂଗ୍ରେସ ଓ ବିଜେଡି ନେତା ଓ କର୍ମୀ ପର୍ଯ୍ୟାୟକ୍ରମେ ବିଜେପିରେ ଯୋଗ ଦେଉଛନ୍ତି । ନୂଆପଡା ଜିଲ୍ଲାର ବରିଷ୍ଠ ଓ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସ୍ୱର୍ଗତଃ ପ୍ରେମ କୁମାର ଆଜାଦଙ୍କ ସୁକନ୍ୟା ଶ୍ରୀମତୀ ଶିଖା ଆଜାଦ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଶ୍ରୀମତି ଆଜାଦଙ୍କୁ ସ୍ୱାଗତ ଜଣାଇଛନ୍ତି । ନୂଆପଡା ଉପନିର୍ବାଚନ ପୂର୍ବରୁ ଶ୍ରୀମତୀ ଆଜାଦଙ୍କ ଯୋଗଦାନ ଦ୍ୱାରା ଭାରତୀୟ ଜନତା ପାର୍ଟି ଆହୁରି ଅଧିକ ଶକ୍ତିଶାଳୀ ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଛି । କଂଗ୍ରେସ ଦଳ ଉପରୁ ନୂଆପଡାବାସୀ ଆସ୍ଥା ହରାଇ ବସିଛନ୍ତି । ଚଳିତ ନୂଆପଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ସଂଖ୍ୟାରେ ଭୋଟ ପାଇ ଜୟଯୁକ୍ତ ହେବେ ବୋଲି ଶ୍ରୀମତୀ ଆଜାଦ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ଅମ୍ବିକା ହେମ୍ବ୍ରମ ମଧ୍ୟ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

## ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଅଚଳ

ନୟାହାଟ, (ସବ୍ୟୁ): ପୁରୀ ଜିଲ୍ଲା ଗୋପ ବ୍ଲକର ନୟାହାଟରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ୩ ମାସ ହେବ ଅଚଳ ହୋଇପଡିଛି। ଏହା ଜିଲ୍ଲାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବା ବେଳେ ଏଠାରେ ସପ୍ତାହକୁ ୪ଦିନ ପାନ ଓ ପନିପରିବା ହାଟ ବସେ। ଏଟିଏମ୍ ଅଚଳ ହେତୁ ବ୍ୟବସାୟୀ ମାନେ ଟଙ୍କା ଉଠାଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥରପ୍ରତି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।




ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁରର କୁନି ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଗ୍ରୀନ୍ ଦିପାବଳୀ ପାଳନ କରାଯାଇଛି ।

# ରାଜ୍ୟ ପୋଲିସ୍ ବୃତ୍ତିଗତ ପ୍ରତିଯୋଗିତା ଉଦଯାପିତ

କଟକ, (ସବ୍ୟୁ): ତିନି ଦିନ ଧରି ଚାଲିଥିବା ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ରବିବାର ଅପରାହ୍ନରେ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ବର୍ଣ୍ଣାଢ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଏକ ବିକଶିତ ରାଷ୍ଟ୍ର ଓ ସମୃଦ୍ଧ ରାଜ୍ୟର ସଙ୍ଗଠନାର ସଂକଳ୍ପକୁ ସାକାର କରିବାରେ ପୋଲିସ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଭାଗର ମେରୁଦଣ୍ଡ ଭଳି ନିଷ୍ଠାର ସହ ଦାୟିତ୍ୱ ତୁଲାଉଥିବା ପୋଲିସ କର୍ମଚାରୀଙ୍କୁ ଉତ୍ସାହିତ କରିବାକୁ ବୃତ୍ତିଗତ ପ୍ରତିଯୋଗିତା ଆୟୋଜିତ ହୋଇଛି । ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅପରାଧିକ ମାମଲା ଗୁଡ଼ିକରେ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରି ପୋଲିସ ସଫଳତା ଆଣିବ ବୋଲି ଆଶାପ୍ରକଟ କରିଥିଲେ । ଏହା ପୋଲିସର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ଦ୍ୱାରା ଆଦୃତ ଏବଂ ପ୍ରଶଂସାର ପାତ୍ର ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଉନ୍ନତ ମାନର ସେବା ପ୍ରଦାନ କରିବାରେ ପୋଲିସ ବିଭାଗ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।



ପୋଲିସ ବିଭାଗର ଆଧୁନିକିକରଣ ନିମନ୍ତେ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି । ସାରାରାଜ୍ୟରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ଜିଲ୍ଲାରେ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଅଧିକାରୀ ନିଯୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ରାଜ୍ୟ ପୋଲିସ ଅଧିକ ଲୋକାଭିମୁଖୀ ହୋଇ ରାଜ୍ୟବାସୀଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଭଲଭାବେ କାମ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିଜ ବକ୍ତବ୍ୟରେ ବୃତ୍ତିଗତ ଦକ୍ଷତାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବୃତ୍ତିଗତ ଦକ୍ଷତାକୁ ଉଚ୍ଚକୋଟିର କରିବାକୁ ହେଲେ ମନୋଭାବରେ ପରିବର୍ତ୍ତନ, ଜ୍ଞାନ ଆରୋହଣ କରିବା ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ । ପୁଲିସର ଅଧିକାରୀମାନଙ୍କୁ ବୃତ୍ତିଗତ ବିଷୟ ଉପରେ ଆଲୋକପାତ କରାଇ ଏକ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ମନୋଭାବରେ ଆଗ୍ରହ ଓ ଉଦ୍ଦୀପନା ସୃଷ୍ଟି କରି ତାଙ୍କର ଦୈନନ୍ଦିନ କାର୍ଯ୍ୟରେ କ୍ଷେତ୍ରରେ ଏହାକୁ ଉପଯୋଗ କରି ଜନସାଧାରଣଙ୍କ ଆସ୍ଥା ଭାଜନ କରିବାକୁ ଡିଜିପି ଆହ୍ୱାନ ଦେଇଥିଲେ । ଗଞ୍ଜେଇ ଚୋରା ଚାଲାଣ, ଅପରାଧ ନିୟନ୍ତ୍ରଣ, ପୋକ୍ସୋ ମାମଲା ଗୁଡ଼ିକରେ ପୋଲିସ ଉଲ୍ଲେଖନୀୟ କାର୍ଯ୍ୟ କରିଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ । କ୍ରାଇମବ୍ରାଞ୍ଚର ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବୃତ୍ତିଗତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ ।

# ସୁଭଦ୍ରା ଯୋଜନାରୁ ବାଦ ପଡ଼ିବେ ଛାତ୍ରୀ

ଭୁବନେଶ୍ୱର(ସବ୍ୟୁ): ସୁଭଦ୍ରାକୁ ନେଇ ଆସିଛି ବଡ଼ ଖବର । ଏହି ଯୋଜନାରୁ ବାଦ ପଡ଼ିବେ ଛାତ୍ରୀ । ବିଭାଗ ନେଲା ପଦକ୍ଷେପ, ମାଗିଲା ରିପୋର୍ଟ । ଏଣିକି ସରକାରଙ୍କ ଦ୍ୱାରା ବୃତ୍ତି ପାଉଥିବା ଛାତ୍ରୀଙ୍କ ପାଇଁ କଟକଣା ଜାରି କରାଯାଇଛି । ଯେଉଁ ଛାତ୍ରୀ ୧୮ ହଜାର ଟଙ୍କା ବୃତ୍ତି ପାଉଥିବେ ସେମାନେ "ସୁଭଦ୍ରା" ପାଇଁ ଅଯୋଗ୍ୟ ବିବେଚିତ ହେବେ । କୌଣସି ଛାତ୍ରୀ ୧୮ ହଜାର ବା ତାଠାରୁ ଅଧିକ ଟଙ୍କାର ବୃତ୍ତି କେନ୍ଦ୍ର ଅବା ରାଜ୍ୟ ସରକାରଙ୍କଠୁ ସହାୟତା ପାଉଥିଲେ ସେମାନଙ୍କୁ ସୁଭଦ୍ରା ସହାୟତା ମିଳିବ ନାହିଁ ବୋଲି କୁହାଯାଇଛି । ଏ ସଂକ୍ରାନ୍ତରେ ଦୁଇ ବିଭାଗକୁ ରିପୋର୍ଟ ମାଗିଛି ମହିଳା ଓ ଶିଶୁ ବିଭାଗ । ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ସୁଭଦ୍ରା ନିୟମାବଳୀ ଅନୁସାରେ ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮ ହଜାର ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ ସେ କ୍ଷେତ୍ରରେ ସଂପୃକ୍ତ ମହିଳା ସୁଭଦ୍ରା ପାଇଁ ଅଯୋଗ୍ୟ ଘୋଷିତ ହେବେ । ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଚିଠି ଲେଖିଛି ବିଭାଗ ।

## ୫ଦିନ ହେବ ଚୁଡଙ୍ଗଗଡ ବାରଙ୍ଗ ମହୋତ୍ସବ

ବାରଙ୍ଗ ,(ସବ୍ୟ): ଚୁଡଙ୍ଗଗଡର ପୂର୍ବ ଐତିହ୍ୟ ଓ ପରମ୍ପରାର କଥାକୁ ଲୋକଲୋଚନକୁ ଆଣିବା ସହିତ ଭାଇଚାରାର ବାର୍ତ୍ତା ବାଣ୍ଟୁଥିବା ଚୁଡଙ୍ଗଗଡ ବାରଙ୍ଗ ମହୋତ୍ସବ ଏଥର ୫ଦିନ ଧରି ଚାଲିବ । ପୁରାତନ ଲୋକକଳା , ପାଇକ ଆଖଡ଼ା ସାଙ୍ଗକୁ ରାଜ୍ୟ ଓ ରାଜ୍ୟ ବାହାରୁ ନାମୀଦାମୀ କଳାକାରମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ରବିବାର ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ କହିଛନ୍ତି ।ରବିବାରଦିନ ବାରଙ୍ଗ ମେଡିକାଲ ଛକଠାରେ ଥିବା ଏକ ଘରୋଇ ମଣ୍ଡପଠାରେ ଚୁଡଙ୍ଗଗଡ ବାରଙ୍ଗ ମହୋତ୍ସବ - ୨୦୨୫ ନିମନ୍ତେ ଆୟୋଜିତ ଖବରଦାତା ସମ୍ମିଳନୀରେ ୮ମ ବାର୍ଷିକ ଚୁଡଙ୍ଗଗଡ଼ ବାରଙ୍ଗ ମହୋତ୍ସବ-୨୦୨୫ର ରୂପରେଖର ବର୍ଣ୍ଣନା କରାଯାଇଥିଲା ।

# ଇପିଏଫ୍ ପେନ୍‌ସନ ସଂଘର ରାଜ୍ୟ କମିଟି ବୈଠକ

କଟକ, (ସ୍ୱପ୍ର): ଅଲଓଡିଶା ଇପିଏଫ ପେନସନରର୍ସ ଆସୋସିଏସନର ରାଜ୍ୟ କମିଟି ଏବଂ କଟକ ଆଞ୍ଚଳିକ କମିଟି କର୍ମକର୍ତ୍ତା ମାନଙ୍କର ଏକ ମିଳିତ ବୈଠକ ଶନିବାର କଟକ ଖାନନଗର ସ୍ଥିତ କାଳୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କମିଟିର ସଭାପତି ଇଓ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦ୍ରପଡା, ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବ ଭାରତୀୟ ଉପ ସଭାପତି ଭାଗ୍ୟଧର ବ୍ରହ୍ମା ଉଦବୋଧନ ଦେଇ ସାରା ଦେଶର ୮୫ଲକ୍ଷ ଇପିଏଫ ପେନସନଭୋଗୀ ପରିବାର ଦୀର୍ଘ ବର୍ଷ ଧରି ସାମ୍ନା କରୁଥିବା ସମସ୍ୟା ଯଥା ସର୍ବନିମ୍ନ ପେନସନ ବୃଦ୍ଧି ଏବଂ ନିଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦେବାରେ କେନ୍ଦ୍ର ସରକାରଙ୍କର ଚରମ ଅବହେଳାକୁ ଘୋର ନିନ୍ଦା କରିଥିଲେ । ସର୍ବନିମ୍ନ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ନିଶୁଳ୍କ ଚିକିତ୍ସା ସୁବିଧା ତୁରନ୍ତ ଯୋଗାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆବଶ୍ୟକ ସ୍ଥଳେ ଆଇନୀର ଆଶ୍ରୟ ନେବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଆସନ୍ତା ନଭେମ୍ବର ୩




ଦେବାଲାଗି ଆସନ୍ତା ନଭେମ୍ବର ୧୬ ତାରିଖରେ ରାଜଭବନ ଆଗରେ ଧାରଣା ଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ଦାବିପତ୍ର ଦେବାଲାଗି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହିଭଳି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସଠିକ ଭାବେ ପାଳନ କରି ବର୍ଦ୍ଧିତ ପେନସନ ଦେବା ଲାଗି ଇପିଏଫ କର୍ତ୍ତୃପକ୍ଷଙ୍କ ଅହେତୁକ ବିଳମ୍ବ ବାବଦରେ ତାରିଖରେ ଆସୋସିଏସନର ୮ମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀରେ ପାଳନ କରିବା ଲାଗି ନିଷ୍ପତ୍ତି ହେବା ସହ ପ୍ରତ୍ୟେକ ଜଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସ୍ଥିର ହୋଇଥିଲା । ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଝୁଣ୍ଟିଆ ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଧାନୀରେ ଚିନ୍ତାର କାରଣ ଗାଈ, ବୁଲା କୁକୁର

ଭୁବନେଶ୍ୱର, (ତଥ୍ୟ) ରାଜ୍ୟ ରାଜଧାନୀ ଏବେ ବୁଲା ଗାଈ ଓ କୁକୁରଙ୍କ ଆଶ୍ରୟସ୍ଥଳୀ। ସରକାରୀ ଗଣନାରୁ ସହରରେ ୪୭ ହଜାରରୁ ଅଧିକ ବୁଲା କୁକୁର ଥିବା ଜଣାପଡିଥିବାବେଳେ ରାସ୍ତାରେ ବୁଲୁଥିବା ୧୮୦୦ ବୁଲା ଗାଈଗୋରୁଙ୍କୁ ବିଏମ୍‌ସି ଧରିବାରେ ସଫଳ ହୋଇଛି। ରାଜଧାନୀର ଏବେ ବିଭିନ୍ନ ସ୍ଥାନରେ ମାଳ ମାଳ ବୁଲା କୁକୁରଙ୍କ ସହିତ ଗାଈଗୋରୁଙ୍କ ଉପସ୍ଥିତି। ସହରରେ କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନେ ମଣିଷଙ୍କୁ ଗୋଡାଇ କାମୁଡିବାକୁ ପଛାଉ ନାହାନ୍ତି। ବିଶେଷକରି ଯେବେଠାରୁ ବିଏମ୍‌ସି ଘରକୁ ଘର ବୁଲି ବଳକା ଖାଦ୍ୟ ସଂଗ୍ରହ କରିବାପରେ ଖାଇବାକୁ ନପାଇ ବୁଲା କୁକୁରମାନେ ହିଂସ୍ରହୋଇ ଉଠୁଛନ୍ତି। ଏମାନେ ଭୋକ ଦାଉରେ ପଥଚାରୀଙ୍କ ସହିତ ଦୁଇ ଚକିଆ ଆରୋହୀଙ୍କୁ କାମୁଡି ଗୋଡାଇବା ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବୁଲା କୁକୁରଙ୍କ ମଳତ୍ୟାଗ ଯୋଗୁଁ ସହରସାରା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବାବେଳେ ବହୁ ସ୍ଥାନରେ କୁକୁରଭୁକାରେ ଲୋକେ ରାତିରେ ଶାନ୍ତିରେ ଶୋଇପାରୁ ନାହାନ୍ତି।

ଗତ କିଛି ବର୍ଷ ଧରି କୁକୁର ବନ୍ଧ୍ୟାକରଣ ସଂକ୍ରାନ୍ତରେ ବାରମ୍ବାର ଘୋଷଣା କରାଯାଉଥିବାବେଳେ ତାହା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି। ସହରସାରା ଯୁଆଡେ ଦେଖିବ ମାଳ ମାଳ କୁକୁର। ସଚିବାଳୟ ଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଆଡେ ବୁଲା କୁକୁରଙ୍କ ରାଜୁତି। କୁକୁରଙ୍କ ଭଳି ବୁଲା ଗାଈଗୋରୁ ମଧ୍ୟ ଉଭୟ ସରକାର ଓ ସହରବାସିନ୍ଦାଙ୍କୁ ନାକେଦମ କରୁଛନ୍ତି। ସହର ଭିତରେ ଥିବା ମାଳ ମାଳ ଗୋପାଳକ ସେମାନଙ୍କ ଗାଈଗୋରୁଙ୍କୁ ନିର୍ବିଘ୍ନରେ ରାସ୍ତା ଉପରକୁ ଛାଡି ଦେଉଛନ୍ତି। ଏହି ଗାଈଗୋରୁମାନେ ରାସ୍ତା ଅବରୋଧ କରିବା ସହିତ ଲୋକଙ୍କୁ ବି ଆକ୍ରମଣ କରୁଛନ୍ତି। ଗାଈ ଗୋରୁଙ୍କ ମୁଣ୍ଡିଆରେ ଲୋକେ ଆହତ ହେବା ସହିତ ଗାଡିମୋଟର ଜଖମ ହେବାରେ ଲାଗିଛି।

ତେବେ ବିଏମ୍‌ସି ପକ୍ଷରୁ ଗାଈଧରିବାପାଇଁ ଦୁଇଟି ଯାନ ଓ କର୍ମଚାରୀ ନିୟୋଜିତ ହୋଇଥିବାବେଳେ ଏ ବାବଦରେ ସରକାରୀ ତହବିଲରୁ ଅର୍ଥଶ୍ରାଦ୍ଧ ହେଉଛି। ଇତି ମଧ୍ୟରେ ବିଏମସିର ଏହି ଗାଈଧରା ଗାଡି ୧୮୦୦ ବୁଲା ଗୋରୁଙ୍କୁ ଧରି ସହରରେ ଥିବା ଗୋଶାଳାଗୁଡିକରେ ରଖିଛନ୍ତି। ଗୋଶାଳାରେ ବି ଏମାନଙ୍କ ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ତେବେ ଯେଉଁମାନେ ରାଜଧାନୀର ରାସ୍ତା ଉପରକୁ ନିଜ ନିଜ ଗାଈଗୋରୁଙ୍କୁ ଛାଡୁଥିବା ଲୋକଙ୍କ ବିରୁଦ୍ଧରେ କିନ୍ତୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ସହର ଭିତରେ ହେଉ କିମ୍ବା ସହରତଳି ଅଞ୍ଚଳରେ ହେଉ ମାଳ ମାଳ ଗାଈଗୋରୁ ରାସ୍ତା ଉପରେ ବୁଲୁଛନ୍ତି। କେତେକ ଗୋପାଳକ କ୍ଷୀର ଦୁହିଁ ସାରିବାପରେ ଗାଈମାନଙ୍କୁ ଖୁଆଇ ରାସ୍ତା ଉପରୁ ଛାଡି ଦେଉଛନ୍ତି।

କୁକୁର ବଂଶ ବୃଦ୍ଧିକୁ ନିୟନ୍ତ୍ରଣ କରିବାପାଇଁ ବିଏମ୍‌ସି ପକ୍ଷରୁ ଏବେ କୁକୁରଗଣନାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ସହର ମଧ୍ୟରେ ଥିବା ଗୋପାଳକମାନଙ୍କୁ ସ୍ଥାନାନ୍ତର ପାଇଁ କିନ୍ତୁ ସେଭଳି କୌଣସି ଯୋଜନା କରୁନାହିଁ। ବିଭିନ୍ନ ୟୁନିଟ୍‌ରେ ଜନବସତି ମଧ୍ୟରେ ଗଢି ଉଠିଥିବା ଗୁହାଳ ଯୋଗୁଁ କେବଳ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉନାହିଁ ସହରରେ ମଶାବଂଶ ବୃଦ୍ଧିର ମଧ୍ୟ ଏହା ଅନ୍ୟତମ କାରଣ ପାଲଟିଛି। ଏଥି ସହିତ ଏଭଳି ବ୍ୟବସାୟ ସହର ଭିତରେ ଜମି ଜବରଦଖଲକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ସହର ଭିତରୁ ଗାଈ ଧରିବାପାଇଁ ବିଏମ୍‌ସି ଓ ଗୋପାଳଙ୍କ ଲୁଚକାଳି ଖେଳ ଯୋଗୁଁ କିଛି ଗାଈଧରା କର୍ମଚାରୀଙ୍କ ପକେଟ ଗରମ ହେଉଥିବାବେଳେ ରାସ୍ତାରୁ କିନ୍ତୁ ଗାଈଗୋରୁ ହଟୁନଥିବା ସାଧାରଣରେ ଆଲୋଚନା ହେଉଛି।

# ୪୦ ଭାଗ ଆଦିବାସୀ ଥାଇ ମଧ୍ୟ ନୂଆପଡ଼ାରେ ଆଇଟିଡିଏ ନାହିଁ: ଭକ୍ତ

ଭୁବନେଶ୍ୱର, (ସବ୍ୟୁ): ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ତାର ପ୍ରଚାରକୁ ଜୋରଦାର କରିଥିବା ବେଳେ ଆଜି କଂଗ୍ରେସ ବିଧାୟକ ପାର୍ଥୀ ଘାସିରାମ ମାଝି ନାମାଙ୍କନ ଦାଖଲ କରିଛନ୍ତି । ଏହି ଅବସରରେ ନୂଆପଡ଼ାର ଖୁଣ୍ଟିଆ ଭବନ ଠାରେ ନୂଆପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଥିଲେ କି ଓଡ଼ିଶା ରାଜ୍ୟ ଆଗାମୀ ଦିନରେ ଗାନ୍ଧୀ ପଥେ ଚାଲିବ । ଆମ ଦଳ କ୍ଷମତାକୁ ଆସିଲେ ଆମେ ପଞ୍ଚସୂତ୍ରୀ ନ୍ୟାୟ ବ୍ୟବସ୍ଥା କରିବୁ । ନାରୀ, ବେକାରୀ, ଚାଷୀ, ଶ୍ରମିକ ଏବଂ ପଛୁଆ ବର୍ଗଙ୍କ ପାଇଁ ନ୍ୟାୟ ପାଇଁ ଲଢେଇ କରିବୁ । ନୂଆପଡ଼ାକୁ ଜିଲ୍ଲା ଘୋଷଣାର ତିନି ଦଶନ୍ଧି ବିତି ଯାଇଥିଲେ ମଧ୍ୟ ସଦର ମହକୁମା ନୂଆପଡ଼ା ଏନଏସିରୁ ପୌର ପରିଷଦକୁ ପରିବର୍ତ୍ତିତ ହୋଇପାରିଲା ନାହିଁ । ସାମାନ୍ୟ ବର୍ଷା ହେଲେ ନାଳ, ନର୍ଦ୍ଦମା, ଘର ଏବଂ ରାସ୍ତା ଘାଟ ସବୁ ଏକାକାର ହୋଇଯାଇଛି । ଅନ୍ୟାନ୍ୟ ଭିତ୍ତିଭୂମିର ଘୋର ଅଭାବ ରହିଛି । ଯଦି ସଦର ମହକୁମାର ଏହି ଅବସ୍ଥା ତେବେ ଗ୍ରାମାଞ୍ଚଳ ଅବସ୍ଥା କଣ ନ ଥିବ, ଅନୁମାନ କରାଯାଇପାରେ । ବଜେଟରେ କୌଣସି ଯୋଜନାର ବ୍ୟବସ୍ଥା ନ ଥିବା ସତ୍ତ୍ୱେ କେବଳ ନିର୍ବାଚନକୁ ଆଖି ଆଗରେ ରଖି କୋମନାକୁ ଏନଏସି ଏବଂ ଖରିଆର ରୋଡର ଏନଏସିକୁ ପୌର ପରିଷଦ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କଲେ । ତାହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଠକାମୀ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନୂଆପଡ଼ା ଜିଲ୍ଲାରେ ଆଦିବାସୀ ସଂପ୍ରଦାୟଙ୍କ ସଂଖ୍ୟା ଶତକଡା ୪୦ରୁ ଉର୍ଦ୍ଧ୍ୱ । କିନ୍ତୁ ଆଇଡିଏ ପଇସା ଆଜି ପର୍ଯ୍ୟନ୍ତ ପାଇପାରିଲା ନାହିଁ । ଆମ ପାର୍ଥୀ ଜିତିଲେ ସେ ଆଦିବାସୀଙ୍କ ପାଇଁ ବିଧାନସଭାରେ ଲଢେଇ କରିବେ ଏବଂ କଂଗ୍ରେସ ରାଜରାସ୍ତାରେ ଲଢେଇ କରିବ । ଏହି ସରକାର ଆଦିବାସୀଙ୍କୁ ଅନୁଦାନ ଦେବାକୁ ବାଧ୍ୟ ହେବ । ଏହି ସରକାରର ଆଦିବାସୀଙ୍କ ପ୍ରତି ତିଳେ ମାତ୍ର ସହାନୁଭୂତି ନାହିଁ । ଯଦି ଥାନ୍ତା ତେବେ ଜଳ, ଜମି, ଜଙ୍ଗଲ ଏବଂ ପଟ୍ଟା ପାଇଁ ଏମାନେ ଘୋଷଣା କରିଥାନ୍ତେ । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମୟରେ ପତୋରା ଡ୍ୟାମ୍ ନିର୍ମାଣ କରାଯାଇଥିଲା । ଶ୍ରୀ ଗାନ୍ଧୀ ନୂଆପଡ଼ା ଗସ୍ତରେ ଆସି ବହୁ ପ୍ରତୀକ୍ଷିତ ତିଖାଳି ଡ୍ୟାମର ଘୋଷଣା କରିଥିଲେ । ଏହି ଦୁଇ ଡ୍ୟାମ ଯୋଗୁଁ ଆଜି ଯାହା ବି କିଛି ଜଳସେଚନ ହେଉଛି କଂଗ୍ରେସର ଅବଦାନ ଥିଲା । କିନ୍ତୁ ଏତେ ବର୍ଷ ବିତିଯାଇଥିଲେ ସୁଦ୍ଧା କାହିଁକି ନୂଆପଡ଼ା ବଡ଼ ବଡ ଯୋଜନା ପାଇଲା ନାହିଁ ? କାହିଁକି ନୂଆପଡ଼ାକୁ ଅଣଦେଖା କରାଗଲା । ଆଦିବାସୀ ମାନଙ୍କ ଶିକ୍ଷା ପାଇଁ ହେବାକୁ ଥିବା ଆଶ୍ରମ ଏବଂ ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରାଗଲା ନାହିଁ ଯାହା ବି ଥିଲା ତାକୁ ମଧ୍ୟ ବନ୍ଦ କରିଦିଆଗଲା । ଏଣୁ ଏହି ସରକାର ଆଦିବାସୀଙ୍କ ହିତାକାଂକ୍ଷୀ ହୋଇ ପାରିବନାହିଁ । ତେଣୁ ଆଦିବାସୀଙ୍କ ଶିକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ଆମ ବିଧାୟକ ପାର୍ଥୀ ଘାସିରାମ ମାଝୀ ଏବଂ କଂଗ୍ରେସ ଦଳ ଦ୍ୱାରା ସମ୍ଭବ ବୋଲି ଶ୍ରୀ ଦାସ ମତବ୍ୟକ୍ତ କରିଥିଲେ ।

ପିସିସି ଗଣମାଧ୍ୟମର ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସନ୍ତୋଷ ସିଂ ସାଲୁଜା, ଜଗନ୍ନାଥ ପଟ୍ଟନାୟକ, ସୁରେଶ ରାଉତରାୟ, ସସ୍ମିତା ବେହେରା, ଅଭୟ ସାହୁ, ଭୁଜବଳ ମାଝୀ, ହମିଦ ହୁସେନ, ସତ୍ୟଭୂଷଣ ସାହୁ, ସସ୍ମିତା ବେହେରା, ଲଳଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କ ଗହଣରେ ଯାଇ ପ୍ରାର୍ଥୀ ଶ୍ରୀ ମାଝୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶେଷରେ ସାଇ କଲେଜ ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀକୁ ଦଳୀୟ ନେତୃବୃନ୍ଦ ସମ୍ବୋଧନ କରିଥିଲେ ।

# ନିଶା ମୁକ୍ତ ଅଭିଯାନ ମାଧ୍ୟମରେ ଦିପାବଳୀ ଓ କାଳୀପୂଜାରେ ସଚେତନତା ସନ୍ଦେଶ

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ଦୀପାବଳୀ ଓ କାଳୀ ପୂଜା ଅବସରରେ ଆରୋହଣ ଟ୍ରଷ୍ଟ ପକ୍ଷରୁ ଜୟଦେବ ବିହାର ୱାର୍ଡ ନଂ ୨୭ ଅନ୍ତର୍ଗତ କ୍ରାଉନ୍ ହୋଟେଲ ନିକଟସ୍ଥ ଗଣପତି ନଗର ଓ ତ୍ରିନାଥ ନଗର ବସ୍ତି ଅଞ୍ଚଳରେ ଏକ ନିଶା ମୁକ୍ତ ଅଭିଯାନ ଆୟୋଜନ କରାଯାଇଥିଲା । ଏହି ଅଭିଯାନରେ ଲୋକମାନଙ୍କୁ ନିଶା ପରିତ୍ୟାଗ କରି ଏକ ସୁସ୍ଥ, ସୁଖୀ ଓ ସଚେତନ ଜୀବନ ଅତିବାହିତ କରିବା ପାଇଁ ପ୍ରେରିତ କରାଗଲା । ପାଖାପାଖି ୪୦୦ ରୁ ଅଧିକ ପୁରୁଷ, ମହିଳା ଓ ପିଲାମାନେ ଅଭିଯାନରେ ଯୋଗଦେଇ ନିଶା ମୁକ୍ତ ଜୀବନ ପାଇଁ ସଙ୍କଳ୍ପ ନେଲେ । ସମସ୍ତଙ୍କୁ ଏହି ଅବସରରେ ଜୁସ୍ଥ (ପାନୀୟ) ବଣ୍ଟନ କରାଯାଇଥିଲା ।ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ନିଶା ପରିତ୍ୟାଗ ଓ ସମାଜିକ ଜାଗୃକତା ବିଷୟରେ ନିଜ ବାର୍ତ୍ତା ରଖିଥିଲେ । ସେ କହିଥିଲେ ଯେ ନିଶାରୁ ଦୂରେଇ ସଚେତନ ଓ ସଂଯମୀ ଜୀବନ ଆପଣାଇଲେ ଘର, ସମାଜ ଓ ଦେଶ ଉନ୍ନତିର ମାର୍ଗରେ ଆଗେଇଯିବ । ଏହି ଅବସରରେ ଆରୋହଣ ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ସ୍ୱପ୍ନେନ୍ଦୁ ମହାନ୍ତି ନିଜ ମତାମତ ରଖି କହିଥିଲେ "ସମାଜ ସେତେବେଳେ ସୁସ୍ଥ ହୁଏ ଯେତେବେଳେ ଲୋକମାନଙ୍କ ମନ ଓ ଚିନ୍ତା ଶୁଦ୍ଧ ହୁଏ । ନିଶା କେବଳ ଶରୀରକୁ ନୁହେଁ, ମନକୁ ମଧ୍ୟ ଦୁର୍ବଳ କରେ । ଆମର ଏହି ଅଭିଯାନ ଦ୍ୱାରା ଆମେ ଚେଷ୍ଟା କରୁଛୁ ଯେ ଲୋକମାନେ ଆଲୋକର ପର୍ବ ଦୀପାବଳୀର ଦୀପ ଭଳି ନିଜ ଜୀବନକୁ ଆଲୋକିତ କରନ୍ତୁ ନିଶା ଓ ଅସଚେତନତା ଅନ୍ଧକାରକୁ ପଛେଇ ଦେଇ ସୁସ୍ଥ ଓ ସଚେତନ ଜୀବନ ଗଢ଼ନ୍ତୁ । କାର୍ଯ୍ୟକ୍ରମରେ ଦିବ୍ୟଜ୍ୟୋତି କର, ବଟକୃଷ୍ଣ ରାଉତ, ମୁକୁନ୍ଦ ବାରିକ, ଦେବରାଜ ପଣ୍ଡା, କରଣ ନାୟକ ଙ୍କ ସହ ଅନେକ ସ୍ଥାନୀୟ ବାସିନ୍ଦା ସକ୍ରିୟ ଭାବରେ ଅଂଶଗ୍ରହଣ କରି ଅଭିଯାନକୁ ସଫଳ କରିଥିଲେ ।



ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ସୋମବାର, ୨୦ ଅକ୍ଟୋବର ୨୦୨୫
29th ANNIVERSARY



# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଧନନ୍ତ୍ୱରୀ ଜୟନ୍ତୀ




କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଧନତେରସ୍ ଅବସରରେ ଧନନ୍ତ୍ୱରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ଏହି ପୂଜା ଅପରାହ୍ନ ଦୁଇଟା ତିରିଶ ମିନିଟରେ ପ୍ରସାଦ ସେବନ ସହ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଏକ ବାର୍ତ୍ତା ଦେଇ କହିଛନ୍ତି, ଧନତେରସ ଉପଲକ୍ଷେ ଧନ୍ୱନ୍ତରୀଙ୍କର ମଧ୍ୟ ପୂଜା ହୋଇଥାଏ । କାରଣ ସ୍ୱାସ୍ଥ୍ୟ ହିଁ ହେଉଛି ସର୍ବଶ୍ରେଷ୍ଠ ଧନ । ଅତଃ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଅନାଦି କାଳରୁ ଚଳି ଆସିଥିବା ଆୟୁର୍ବେଦକୁ ଆମ ମୁନିଋଷିମାନେ ଆମକୁ ଦେଇଛନ୍ତି । ଆୟୁର୍ବେଦ କେବଳ ଶରୀର ନୁହେଁ, ସମଗ୍ର ଜୀବନଶୈଳୀରେ ପରିବର୍ତ୍ତନ ଆଣିବାର ଏକ ପ୍ରକ୍ରିୟା ଅଟେ । କେବଳ ନିରୋଗ ରହିବା ସ୍ୱାସ୍ଥ୍ୟର ପରିଭାଷା ନୁହେଁ, ଅଧିକନ୍ତୁ ଆନନ୍ଦିତ ରହିବା ହିଁ ଏହାର ମୂଳମନ୍ତ୍ର । ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ସମାଜ ଏବଂ ପ୍ରସନ୍ନ ଚିତ୍ତ ହେଉଛି ସ୍ୱାସ୍ଥ୍ୟର ମୂଳ ଲକ୍ଷଣ । କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଅମୃତ କଳସ ସହ ଭଗବାନ ଧନନ୍ତ୍ୱରୀଙ୍କର ମଧ୍ୟ ଆର୍ବିଭାବ ହୋଇଥିଲା । ତାଙ୍କ ସହ ସେହି ସମୟରୁ ହିଁ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଦୁନିଆକୁ ଆସିଥିବା ବିଶ୍ୱାସ ରହିଛି । ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣୀଙ୍କ ସମେତ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ଡେପୁଟି ଡିନ୍ ପ୍ରଫେସର ନଗେନ୍ଦ୍ର ପ୍ରସାଦଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ବିଦ୍ୟାର୍ଥୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ମିଳୁନି ସରକାରୀ ପ୍ରୋତ୍ସାହନ, ହଜି ଯିବାକୁ ବସିଲାଣି ଅର୍ଥକାରୀ ନଳିତା ଚାଷ



ଭଞ୍ଜନଗର, (ସବ୍ୟ) : ଏବେ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି ଅନ୍ୟତମ ଅର୍ଥକାରୀ ଫସଲ ନଳିତା ଚାଷ । ଦୀର୍ଘବର୍ଷ ଧରି ଭଞ୍ଜନଗରର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ସେମାନଙ୍କ ଜମିରେ ଅର୍ଥକାରୀ ଫସଲ ନଳିତା ଚାଷ କରିଆସୁଥିଲେ । ଏହି ନଳିତା ଚାଷରୁ ସେମାନେ ଝୋଟ ଉତ୍ପାଦନ କରିବା ସହ ଏହାକୁ ବିକ୍ରୟ କରି ପ୍ରଚୁର ଲାଭ ପାଉଥିଲେ । ନଳିତା ଚାଷ ଏକ ଲାଭଜନକ ଚାଷ ଥିଲା । ଏବେ କିନ୍ତୁ ପ୍ରୋତ୍ସାହନ ଅଭାବରୁ ଆଉ ସେଭଳି ନଳିତା ଚାଷ ଦେଖିବାକୁ ମିଳୁନାହିଁ । ପୂର୍ବରୁ ହଜାର ହଜାର ଏକର ଜମିରେ ଏହି ନଳିତା ଚାଷ ହେଉଥିଲା । ନଳିତା ଗଛ ବଡ଼ ହେଲାପରେ ତାକୁ କାଟି ବିଡ଼ା କରାଯାଇ ବିଭିନ୍ନ ଜଳାଶୟରେ ତାକୁ ବେଶ କିଛି ଦିନ ପୋତି ଦିଆଯାଉଥିଲା । ଆଉ ନଳିତା ଗଛ ପାଣିରେ ପଚିଗଲା ପରେ ଏହାକୁ ପାଣିରୁ ବାହାର କରି ଆଣି ସେଥିରୁ ଝୋଟ ବାହାର କରାଯିବା ସହ କାଉଁରିଆ କାଠି ବାହାର କରାଯାଉଥିଲା । ସଂଗୃହିତ ଝୋଟକୁ ରାସ୍ତାରେ ଶୁଖାଇବା ପରେ ତାହାକୁ ବାନ୍ଧି ବେପାରୀମାନଙ୍କୁ ବିକ୍ରୟ କରାଯାଉଥିଲା । ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଏହି ଚାଷରୁ ବହୁ ଚାଷୀ ବିମୁଖ ହୋଇପଡ଼ିଲେଣି । ବିଶେଷ କରି ଝୋଟ ଉପରେ ସରକାର ଗୁରୁତ୍ୱ ନଦେବାରୁ ଓ ଝୋଟ ବ୍ୟାଗ୍, ଅଖା ବିଶେଷ ଭାବେ ବ୍ୟବହାର ନହେବାରୁ ଝୋଟ କମ୍ପାନୀମାନେ ଚାଷୀଙ୍କଠାରୁ ଆଉ ଆଗ ଭଳି ଝୋଟ ନେଲେ ନାହିଁ । ଯାହାଫଳରେ ନଳିତା ଚାଷ କରୁଥିବା ଚାଷୀମାନେ ଝୋଟ ବିକ୍ରି କରି ନପାରି ଏହି ଚାଷରୁ ନିବୃତ୍ତ ରହିଲେ । ପୂର୍ବରୁ ଚାଷୀମାନେ ଗୋଟିଏ କ୍ଷେତରେ ୩ଟି ଫସଲ କରି ଅଧିକ ଉପାର୍ଜନ କରୁଥିଲେ । ଖରିଫ ଋତୁରେ ଧାନ ଚାଷ କରୁଥିବାବେଳେ ରବି ଋତୁରେ ମୁଗବିରି ଚାଷ ଓ ପରେ ନଳିତା ଚାଷ କରୁଥିଲେ । ଯାହା ଫଳରେ ଚାଷୀମାନେ ୩ଟି ଫସଲ ପାଇ ପାରୁଥିଲେ । ଏବେ ଘୁମୁସର ଉପଖଣ୍ଡର ଚାଷୀମାନେ କେବଳ ଧାନ ଚାଷ ଏବଂ କେଉଁଠି କେଉଁଠି ଧାନ ଚାଷ ପରେ ମୁଗ ବିରି ଆଦି ଫସଲ କରୁଛନ୍ତି । ଆଗଭଳି ଆଉ ନଳିତା ଚାଷ ହେଉନାହିଁ । ନଳିତା ଚାଷ ହେଉଥିବା ଜମିରେ ନଳିତା କଟାଗଲା ପରେ ଏହାର ଝଡ଼ା ପତ୍ରଗୁଡ଼ିକ ସେଠାରେ ପଚି ସବୁଜ ସାର ଜମିକୁ ଯୋଗାଉଥିଲା । ଯାହା ଫଳରେ ନଳିତା ଚାଷ ଜମିରେ ଭଲ ଧାନ ଅମଳ ହେଉଥିଲା । ପୂର୍ବରୁ ଚାଷୀମାନେ ଝୋଟ କ୍ୱିଣ୍ଟାଲ ପିଛା ୧୫ଶହରୁ ୨ହଜାର ଟଙ୍କାରେ ବିକ୍ରୟ କରୁଥିଲେ । ଯାହା ଫଳରେ ଚାଷୀମାନେ ଝୋଟ ଚାଷରୁ ଅଧିକ ଅର୍ଥ ପାଇପାରୁଥିଲେ । ଏହି ଅର୍ଥରେ ଧାନ ଚାଷ ପାଇଁ ସାର ବିହନ ଇତ୍ୟାଦି କ୍ରୟ କରୁଥିଲେ ଏବଂ ଘର ଖର୍ଚ୍ଚରେ ଏହାକୁ ବ୍ୟବହାର କରୁଥିଲେ । ହେଲେ ଏବେ କେଉଁଠି କେମିତି ଏହି ନଳିତା ଚାଷ କରାଯାଉଛିଛ ଦୀପାବଳି ବେଳେ ଘରେ ଘରେ କାଉଁରିଆ କାଠି ଆବଶ୍ୟକ ପଡୁଥିବାରୁ କିଛି ହାତ ଗଣତି ଚାଷୀ ଏହାକୁ ଚାଷ କରୁଥିବା ଦେଖିବାକୁ ମିଳୁଛି । ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ବେଲଗୁଣ୍ଠା ବ୍ଲକର ଧୁମୁଛାଇ ଓ ଇଙ୍ଗିନାଠି ପଞ୍ଚାୟତର ଧୁମୁଛାଇ, ସାରିଆ ପଲ୍ଲୀ, ତରଙ୍ଗ, ବଲାଡ଼ି, ମନ୍ଦାର ଆଦି ଗ୍ରାମ ସମେତ ଭଞ୍ଜନଗର ବ୍ଲକର ଜିଲୁଣ୍ଡି ପଞ୍ଚାୟତର ମଳାସପଦର, ମୁଦୁଲି, ବୁଡିଆମ୍ବା, ପୁରୁଣା ପାଣି ଓ ମୁଦୁଲି ପଲ୍ଲୀ ପଞ୍ଚାୟତର ମୁଦୁଲି ପଲ୍ଲୀ, ଭାଲିଆଖାଇ ଆଦି କିଛି ଇଲାକାରେ ଚାଷୀମାନେ ଏବେ ନଦୀ ହିଡ, ପଦର ଜମିରେ କିଛି ଅଳ୍ପ ପରିମାଣର ନଳିତା ଚାଷ କରୁଛନ୍ତି । ଧୁମୁଛାଇର ଚାଷୀ ମନୋଜ କୁମାର ଡାକୁଆ, କାଳିଆ ସ୍ୱାଇଁ, ପଦ୍ମ ରାଉତ ଓ ଦଣ୍ଡପାଣି ସ୍ୱାଇଁ ଚଳିତ ବର୍ଷ ନିଜ ପଦର ଜମି ଓ ନଦୀ ହିଡରେ କିଛି ପରିମାଣର ନଳିତା ଚାଷ କରିଥିଲେ । ମନୋଜ ଡାକୁଆଙ୍କ ସୂଚନା ପ୍ରକାରେ ଚଳିତ ବର୍ଷ ସେ ୧୨ ଶହ ଗଛ ଲଗାଇଥିଲେ । ଏବେ ଅମଳ ସରିଛି । ତେବେ ପୂର୍ବ ଭଳି ନଳିତା ଚାଷ ରୁ ଲାଭ ମିଳୁନି । ଝୋଟ ପ୍ରସ୍ତୁତ କରି ଘରେ ସାଇତି ରଖୁଥିବାବେଳେ ଶାଗ ମାଛ ଦରରେ ଏହାକୁ ବେଲଗୁଣ୍ଠାର କିଛି ବ୍ୟବସାୟୀଙ୍କୁ ଦେବାକୁ ସେମାନେ ବାଧ ହେଉଛନ୍ତି । ଜିଲୁଣ୍ଡି ଗ୍ରାମ ର ଚାଷୀ ନିରଞ୍ଜନ ପ୍ରଧାନ ଏବେ ବହୁ ବର୍ଷ ହେବ ନଳିତା ଚାଷ ବନ୍ଦ କରି ଦେଇଥିବା କହିଛନ୍ତି । ପୂର୍ବରୁ ଝୋଟ ଅମଳ ପରେ ସେଥିରୁ ଦଉଡି ପ୍ରସ୍ତୁତ ହେଉଥିଲା । ଝୋଟ ମଧ୍ୟ ବିକ୍ରି ହେଉଥିଲା । ହେଲେ ନା ଏବେ ଝୋଟର ଉଚିତ ବଜାର ମୂଲ୍ୟ ମିଳୁଛି ନା ଝୋଟର ଦଉଡି ତିଆରି ହେଉଛି । ଗାଁ ଗହଳିରେ ଏବେ ଝୋଟ ଦଉଡି ବଦଳରେ ପ୍ଲାଷ୍ଟିକ୍ ଦଉଡି ବେଶୀ ମାତ୍ରାରେ ବ୍ୟବହାର କରାଯାଉଛି । ଏବେ ଝୋଟ କୁଇଣ୍ଟାଲ ପିଛା ଦର ଏକ ହଜାର ଟଙ୍କାରେ କିଛି ବ୍ୟବସାୟୀ କିଣି ନେଉଛନ୍ତି । ଯଦି ବ୍ୟବସାୟୀଙ୍କୁ ଝୋଟ ନଦେବ ତେବେ ବର୍ଷ ସାରା ଘରେ ପଡିରହି କଳା ପଡିଯାଉଛି । ଅପରପକ୍ଷରେ ନଳିତା ଚାଷ ପାଇଁ ସରକାରଙ୍କ ସେଭଳି ପ୍ରୋତ୍ସାହନ ନଥିବାରୁ ଏବେ ଚାଷୀଭାଇମାନେ ଏହି ଅର୍ଥକାରୀ ଫସଲ ରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି । କହିବାକୁ ଗଲେ ଏବେ କେବଳ ଦୀପାବଳୀ ଉତ୍ସବ ପାଳନ ବେଳେ କାଉଁରିଆ କାଠି ପାଇଁ ଏହି ନଳିତା ଚାଷ କେଉଁଠି କେମିତି ବଞ୍ଚି ରହିଛି ।

# ସୋସାଇଟି ପଞ୍ଜିକରଣ ଅଧିନିୟମ, ୨୦୨୧ ପାଇଁ ତାଲିମ ଶିବିର



ବାରିପଦା, (ସବ୍ୟ) : ମୟୂରଭଞ୍ଜ ଜିଲ୍ଲାର ଚାରିଟି ଉପଖଣ୍ଡରୁ ୨୦ଜଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ପାଇଁ ଏକ ତାଲିମ ଶିବିର ବାରିପଦାର ଆଧାର ଅନୁଷ୍ଠାନର କନଫରେନ୍ସ ହଲ ଠାରେ ଆୟୋଜିତ ହୋଇଯାଇଅଛି । ଏହି ତାଲିମ ଶିବିରରେ କଟକ ସ୍ଥିତ କ୍ଲାପ ଅନୁଷ୍ଠାନର ପୁରୁଷୋତ୍ତମ ସାହୁ ତାଲିମ ଦାତା ଭାବେ ଯୋଗଦେଇ କିଭଳି ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ତାଙ୍କ ଅନୁଷ୍ଠାନକୁ ପୁଣି ୨୦୨୬ ଏପ୍ରିଲ ୨୪ତାରିଖ ସୁଦ୍ଧା ପୁନ ନବୀକରଣ କରିପାରିବେ ସେ ସଂପର୍କରେ ତାଲିମ ପ୍ରଦାନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୨୬ ଏପ୍ରିଲ ୨୪ ପରେ ୧୮୬୦ ଅଧିନିୟମରେ ୨୦୧୭ ମସିହା ପୂର୍ବରୁ ପଞ୍ଜିକରଣ କରାଯାଇଥିବା ସମସ୍ତ ଅନୁଷ୍ଠାନ ମାନଙ୍କର ବୈଧତା ଶେଷ ହୋଇଯିବ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ମୟୂରଭଞ୍ଜ ଏନ୍‌ଜିଓ ନେଟୱାର୍କ (ମନ୍) ପକ୍ଷରୁ ଏହି କାର୍ଯ୍ୟକ୍ରମଟିକୁ ଆୟୋଜନ କରାଯାଇଥିଲା । ଏଥିରେ ସଂଯୋଜକ ବିବେକାନନ୍ଦ ପଟ୍ଟନାୟକ, ଦୀପକ ପାଣି, ତୁଷାର କାନ୍ତ ବେହେରା, ପ୍ରଦୀପ ଦାସମହାପାତ୍ର ଓ ପ୍ରଣତୀ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ବାଣ ବଜାରରେ ଲାଗିଛି ଭିଡ଼, ଜମୁଛି ବେପାର

ବୁଗୁଡ଼ା, (ସବ୍ୟ) : ଆଲୋକର ପର୍ବ ଦୀପାବଳି ପାଇଁ ବୁଗୁଡ଼ାରେ ଖୋଲିଛି ସ୍ୱତନ୍ତ୍ର ବାଣ ବଜାର । ସ୍ଥାନୀୟ ଶକ୍ତିନଗରସ୍ଥିତ ଏକ ବିଲମାଳରେ ଗତ ଶନିବାରଠାରୁ ବାଣ ବିକ୍ରି ଆରମ୍ଭ ହୋଇଛି । ବାଣ ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ବାଣ ଦୋକାନରେ ବିକ୍ରି କରୁଛନ୍ତି । ବାଣ କିଣିବା ପାଇଁ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ତେବେ ସବୁଜ ବାଣ ଲୋଗ ଥିବା ବିଭିନ୍ନ କମ୍ପାନୀର ବାଣ ଦୋକାନରୁ ମିଳୁଛି । ଅଧିକ ଶବ୍ଦ ହେଉନଥିବା ବାଣ ବିକ୍ରିକୁ ବ୍ୟବସାୟୀ ଗୁରୁତ୍ୱ ଦେଇଛନ୍ତି । ଛୋଟ ଛୁଆଙ୍କ ଠାରୁ ବଡ ଲୋକ ଫୁଟାଉଥିବା ବାଣ ଓ ଆଲୁଅ ସୃଷ୍ଟିକାରୀ ବିଭିନ୍ନ ବାଣ ବିକ୍ରି ହେଉଛି । ବିଶେଷକରି ନଳବଣ୍ଡା, ତିଗିରିଆ, କଳାପଥର, ରାଇପୁର ଓ ଶିବକାଶୀରୁ ଆସିଥିବା ବାଣର ଚାହିଦା ଅଧିକ ରହୁଥିବା ବେଳେ ଅପରାହ୍ନରୁ ରାତ୍ରୀ ପର୍ଯ୍ୟନ୍ତ ବାଣ ଦୋକାନରେ ଭିଡ ରହୁଛି । କୌଣସି ଅଘଟଣ ଘଟିବା ଆଶଙ୍କାରେ ବାଣ ଷ୍ଟଲ ନିକଟରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି । ଚଳିତବର୍ଷ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି ।

# ସାମ୍ବାଦିକଙ୍କ ମାତୃ ବିୟୋଗ



ଆସିକା, (ସବ୍ୟ): ଆସିକା ଅଞ୍ଚଳର ଜଣାଶୁଣା ତଥା ଧର୍ମପରାୟଣା ମହିଳା ଜୟନ୍ତୀ ଦାସ ଙ୍କ ୭୯ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ୱର୍ଗତା ଦାସଙ୍କ ମଧ୍ୟମ ପୁତ୍ର ତଥା ସାମ୍ବାଦିକ ସରୋଜ ଦାସଙ୍କ ଆର୍ବନବ୍ୟାଙ୍କ ରୋଡ଼ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶୋକ ବ୍ୟକ୍ତ କରିଛନ୍ତି । ଆସିକା ପ୍ରେସ କ୍ଲବ ପ୍ରତିଷ୍ଠାତା ରାଜ୍ୟର ପୂର୍ବତନ ବରିଷ୍ଠ ସାମ୍ବାଦିକ ବିପିନ ଦାସଙ୍କ ଧର୍ମ ପନିୀ ସ୍ୱର୍ଗତା ଦାସ ଜଣେ ପରୋପକାରୀ, ଆଧ୍ୟାତ୍ମିକ ପ୍ରେମୀ ମହିଳା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ରହିଥିଲା । ମୃତ୍ୟୁ ସମୟରେ ତାଙ୍କର ତିନି ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ମନୋଜ ମଧ୍ୟମ ପୁତ୍ର ତଥା ସାମ୍ବାଦିକ ସରୋଜ ପୁତ୍ର ବଧୂ ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ସ୍ୱର୍ଗତା ଦାସ ଙ୍କ ପାର୍ଥିବ ଶରୀର କୁ ପୁରୀ ସ୍ୱର୍ଗଦ୍ୱାର କୁ ସଂସ୍କାର ନିମନ୍ତେ ନିଆ ଯାଇଛି । ତାଙ୍କ ବିୟୋଗରେ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, ପି. ଜଗନ୍ନାଥ ପାତ୍ର, ଏସ. ନାର୍ଶୀମୁଲୁ ଆଚରି, ମନୋଜ ମୁନି, ମୁନାଫ ସରିଫ୍, ନରେନ୍ଦ୍ର ସାହୁ, ସନ୍ତୋଷ ମିଶ୍ର, ବିଶିଷ୍ଟ ସଂଗଠକ ଅଜିତ କୁମାର ପଟ୍ଟନୟକ, ଏମ୍. ତାରିଣୀ ସେନାପତି, ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# ବାଲୁକାଶିଳ୍ପୀ ସତ୍ୟନାରାୟଣଙ୍କ ଗୋପାଳପୁର ବେଳାଭୂମିରେ ମା' କାଳୀଙ୍କ ମୂର୍ତ୍ତି



ବ୍ରହ୍ମପୁର, (ସବ୍ୟ): ଦୀପାବଳି ପାଳନ ଅବସର ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଙ୍କ ବାଲୁକା କଳା କୃତି । ଗୋପାଳପୁର ବେଳାଭୂମିରେ ତିଆରି କଲେ ମା' କାଳୀଙ୍କ ମୂର୍ତ୍ତୀ, ଜାହା କି ବହୁତ ସୁନ୍ଦର ହୋଇଛି । ଯାହାର ଉଚ୍ଚତା ୬ ଫୁଟ ୧୦ ଇଞ୍ଚ ଓ ଓସାର ୯ ଫୁଟ ରହିଛି । ଏହାକୁ କରିବାକୁ ସତ୍ୟଙ୍କୁ ୩ ଘଣ୍ଟା ସମୟ ଲାଗିଥିଲା । ଆସନ୍ତୁ ସବୁ ମିଳିମିଶି ସବୁଜ ଦୀପାବଳି ପାଳନ କରିବା । ମାଟି ଦୀପ ଜଳାଇବା କୁମ୍ଭାର ଭାଇ ଭଉଣୀ ଙ୍କ ମନ ଖୁସିହେବ ଏବଂ ସେମାନେ କିଛି ସହାୟତା ପାଇବେ । ଯାହା ସେମାନଙ୍କୁ ଏହି କାର୍ଯ୍ୟ କରେଇବାରେ ପ୍ରେରଣା ଦେବ ।






# ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର


ବ୍ରହ୍ମପୁର, (ସବ୍ୟ): ଲାୟନ୍ସ ଏବଂ ଲିଓ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡ, ସାନ ଏବଂ ନୀଲ ଫାଉଣ୍ଡେସନ ପକ୍ଷରୁ ନାଓମି ହେଲଥ କେୟାର, ରେଡିଓ ଷ୍ଟେସନ ନିକଟସ୍ଥରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସଚେତନତା ପ୍ରୋତ୍ସାହିତ କରିବା ଏବଂ ସାଧାରଣ ଲୋକଙ୍କୁ ମାଗଣା ରୋଗ ନିର୍ଣ୍ଣୟ ସେବା ପ୍ରଦାନ କରି ବିଭିନ୍ନ ପ୍ରକାରର ପରୀକ୍ଷା ଯଥା ଡାଇବେଟିସ୍, ଲିପିଡ୍ ପ୍ରୋଫାଇଲ୍, ଚକ୍ଷୁ ଯାଞ୍ଚ, ସ୍ପାଏରୋମିଟର ଦ୍ୱାରା, ନ୍ୟୁରୋପାଥି ଏବଂ ସାର୍କୋପେନିଆ ସ୍କ୍ରିନିଂ, ଏବଂ ଦନ୍ତ ପରୀକ୍ଷା ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟକ୍ରମକୁ ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡର ସଭାପତି ଲାୟନ୍ ଲୋକନାଥ ପାତ୍ର ସଂଯୋଜନା କରିଥିଲେ ।






# ତିନି ଦିନିଆ କାଳୀପୂଜା ଶୁଭାରମ୍ଭ

ଆସିକା, (ସବ୍ୟ) : ଜଗତ କଲ୍ୟାଣ ଓ ସାମୁହିକ ବିକାଶ ଓ ଭାଇ ଚାରା ସୃଷ୍ଟି ନେଇ ଅଞ୍ଚଳ ର ଅନ୍ୟତମ ଅଧିଷ୍ଠାତ୍ରୀ ଠାକୁରାଣୀ ଶ୍ରୀ ଶ୍ରୀ ମା କାଳୀମୁଖି ଙ୍କ ମନ୍ଦିରରେ ଚଳିତ ବର୍ଷ ତିନି ଦିନିଆ କାଳୀ ପୂଜା ଉତ୍ସବ ଶନିବାର ଶୁଭାରମ୍ଭ ହୋଇଛି । ହାଟପଦା ନିକଟସ୍ଥ ମନ୍ଦିରରେ ଦ୍ୱାଦଶୀ ତିଥିରେ ପ୍ରଥମ ଦିବସରେ ପ୍ରାତଃ ସମୟରେ ମା' ଙ୍କ ସେବା ଓ ମାଜଣା ସହ ବାଳ ଧୂପ ପରେ ମଧ୍ୟାହ୍ନରେ ପୂଜା ମଣ୍ଡପରେ ଷ୍ଟୋତ୍ରିୟ ବ୍ରାହ୍ମଣ ଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ଓ ଚଣ୍ଡୀ ପାଠ ଆରମ୍ଭ ହେଇଥିଲା । ସନ୍ଧ୍ୟାରେ ଆଳତୀ ଓ ଅନ୍ୟାନ୍ୟ ପୂଜା ଓ ହୋମ ପରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା । ଆଜି ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ତିଥି ବା ଶ୍ୟାମାକାଳୀ ପୂଜା ହେତୁ ବୈଷ୍ଣବୀ ରୀତି ନୀତି ଅନୁଯାୟୀ ଦିନ ତମାମ ବିଭିନ୍ନପୂଜା ଓ ଚଣ୍ଡୀପାଠ ସହ ରାତ୍ରିରେ ଯଜ୍ଞନୁଷ୍ଠାନ ଚାଲୁ ରହିଛି । ସୋମବାର ଦିନ ଦୀପାବଳୀ ରେ ପୂଜା ଉଦଯାପିତ ହେବ । ପୂଜା କାର୍ଯ୍ୟରେ ପଣ୍ଡିତ କାଳୁ ଚରଣ ମହାପାତ୍ର ଓ କାହ୍ନୁ ଚରଣ ତ୍ରିପାଠୀ ତଥା ଚଣ୍ଡୀ ପାଠରେ ପଣ୍ଡିତ ଦିଲ୍ଲୀପ ଦେବତା ନିୟୋଜିତ ରହିଛନ୍ତି । ଆୟୋଜିତ ପୂଜାରେ ମା ଙ୍କ ଆଶିଷ ପାଇବା ନେଇ ବହୁ ଭକ୍ତଙ୍କ ଦର୍ଶନ କରିବା ନେଇ ସମାଗମ ହେଉଛି ।



# ଅନାସ୍ଥା ପ୍ରସ୍ତାବ ଖାରଜ କରିବା ଦାବି

## ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ଭେଟିଲେ ହୁମ୍ମା ସରପଞ୍ଚ ଓ ସମିତିସଭ୍ୟ



ଛତ୍ରପୁର, (ସବ୍ୟ): ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଂଚାୟତର ସରପଂଚ ଜାନକୀ ଦାସଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଅଭିଯୋଗକୁ ଖାରଜ କରିବା ଲାଗି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ହୁମ୍ମା ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ୫ ୱାର୍ଡ ସଭ୍ୟ/ସଭ୍ୟା । ଶୁକ୍ରବାର ପଞ୍ଚାୟତର ସରପଞ୍ଚଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନେଇ ନାଏବ ସରପଂଚଙ୍କ ସମେତ ୧୫ ୱାର୍ଡ ସଭ୍ୟ/ସଭ୍ୟା ମାନେ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଭେଟିଥିଲେ । ଅନ୍ୟପଟେ ତେବେ ଏହାକୁ ରାଜନିତୀର ରୂପ ଦିଆଯାଇ ପଞ୍ଚାୟତର ଉନ୍ନତିକୁ ସହ୍ୟ ନକରିପାରି ବିରୋଧି ମାନେ ମିଥ୍ୟାରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଅଭିଯୋଗ ଆଗତ କରିଛନ୍ତି ବୋଲି ଶନିବାର ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥି ହାଁସଦାଙ୍କୁ ଭେଟି କହିଛନ୍ତି ହୁମ୍ମା ପଂଚାୟତର ଖୋଦ୍ ସରପଂଚ ଜାନକୀ ଦାସ ଓ ସମିତିସଭ୍ୟ ଧ୍ରୁବଚରଣ ପଲାଇଙ୍କ ସହ ୫ଜଣ ୱାର୍ଡ ସଭ୍ୟ/ସଭ୍ୟା । ଏହା ସହ ଏହାର ତଦନ୍ତ କରି ବିରୋଧି ଆଗତ କରିଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାକୁ ସେମାନେ ଅନୁରୋଧ କରିଥିଲେ ।




# ମେଡିକାଲ ହତାରୁ ଯୁବକଙ୍କୁ ଅପହରଣ, ଧାରଣାରେ ଗର୍ଭବତୀ



ପାରାଦୀପ,(ଜିପ୍ର): ପାରାଦୀପ ଅଠରବାଙ୍କୀ ମେଡିକାଲ ହତା ମଧ୍ୟରୁ ଜଣେ ଯୁବକଙ୍କୁ ଅପହଣ ହୋଇଛି। ରିବାର ମଧ୍ୟାହ୍ନରୁ ରାତି ହେଲା, ଏପର୍ଯ୍ୟନ୍ତ ମିଳୁନାହିଁ ଯୁବକଙ୍କ ପତ୍ତା ଆଉ ଏହାର ପ୍ରତିବାଦରେ ଜଣେ ଗର୍ଭବତୀ ମହିଳା ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଅଭିଯୋଗ ଅନୁଯାଇ ଗର୍ଭବତୀ ମହିଳା ଲିପ୍ସା ସାମଲଙ୍କୁ ତାଙ୍କ ଭଉଣୀ ସରୋଜିନୀ ସାମଲ ଓ ଭିଣୋଇ ଦେବେନ୍ଦ୍ର ଦାସ ରବିବାର ଦିନ ଅଠରବାଙ୍କୀ ମେଡିକାଲକୁ ଆସିଥିଲେ । ଏହି ସମୟରେ ପାରାଦୀପ ଅଞ୍ଚଳର ସୁକାନ୍ତ ମୁଣ୍ଡା ଆସି ଦେବେନ୍ଦ୍ର ଦାସଙ୍କୁ ମେଡିକାଲ ହତା ମଧ୍ୟରୁ ମାଡ ମାରିବା ସହ ଗାଡିରେ ଟେକି ନେଇଛନ୍ତି । ଅନେକ ନେହୁରା ହୋଇଥିଲେ ମଧ୍ୟ ସୁକାନ୍ତ ସରୋଜିନୀ ଙ୍କ କଥା ଶୁଣି ନଥିବା ବେଳେ ସେମାନେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରି ସେଠାରେ ଧାରଣାରେ ବସି ରହିଛନ୍ତି। ମେଡିକାଲ ପରିସର ମଧ୍ୟରେ ଏଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଏପଟେ ଧାରଣାରେ ବସିଥିବା ଗର୍ଭବତୀ ମହିଳା ପ୍ରସବ ବେଦନା ପାଉଥିବା ଜଣାପଡିଛି । ସୂଚନା ଅନୁସାରେ ଦେବେନ୍ଦ୍ର ସୁକାନ୍ତଙ୍କ ପାଖରେ ପାଣି ଗାଡିରେ କାମ କରନ୍ତି ଓ ଅଗ୍ରୀମ କିଛି ଟଙ୍କା ଆଣି ଆଉ ଶୁଝି ପାରି ନଥିଲେ । ରବିବାର ସେ ଲିପ୍ସାଙ୍କୁ ମେଡିକାଲ ଆଣି ଆସିଥିବା ବେଳେ କୌଣସି ସୂତ୍ରରୁ ସୁକାନ୍ତ ଖବର ପାଇ ମେଡିକାଲରେ ପହଂଚି ଏଭଳି କାଣ୍ଡ ଭିଆଇ ଥିବା କୁହଯାଉଛି । ତେବେ ଦେବେନ୍ଦ୍ରଙ୍କ ପାଖରେ ସବୁ କାଗଜପତ୍ର ଓ ଟଙ୍କା ଥିବା ବେଳେ ସେ ଏବେ ଅପହୃତ । ତେବେ ଲିପ୍ସା କିଭଳି ମେଡିକାଲ ଯିବେ ଓ ତାଙ୍କ ଚିକିତ୍ସା କିଭଳି ହେବ ତାହାକୁ ନେଇ ଦନ୍ଦ ସୃଷ୍ଟି ହୋଇଛି । ଦିନ ଦିପ୍ରହରରେ ଏଭଳି ଅପହରଣ କାର୍ଯ୍ୟ କରାଯାଉଥିବା ବେଳେ ଦେବେନ୍ଦ୍ରଙ୍କୁ ଉଦ୍ଧାର ପାଇଁ ଦାବି ହେଉଛି ।

# ଯାଜପୁର ସହରରେ କାଳୀପୂଜା ନିମନ୍ତେ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା

ଯାଜପୁରସଦର,(ସବ୍ୟୁ): ଆସନ୍ତା କାଳୀପୂଜା ଉପଲକ୍ଷେ ଯାଜପୁର ସହରରେ ଜନସମାଗମକୁ ଲକ୍ଷ କରି ସମସ୍ତ ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ଜିଲା ପୁଲିସ୍ ବିଭାଗ ସୂଚନା ଅନୁଯାୟୀ ତା ୧୯/୧୦/୨୦୨୫ ରିଖ ଠାରୁ ଏହା ୨୮/୧୦/୨୦୨୫ ରିଖ ଅପରାହ୍ନ ୪ ଟାରୁ ଠାରୁ ରାତ୍ର ୧ ଘଟିକା ପର୍ଯ୍ୟନ୍ତ କଟକ ସହର ଆଡୁ ଆସୁଥିବା ସମସ୍ତ ୪ ଚକିଆ ଯାନ ବସ୍ ଓ ଭାରୀଯାନ ମାନସା ପୋଲ ଦେଇ କିଆନାଳି ଛକରୁ ସିଧା ରିଂ ରୋଡରେ ଯାଇ ବଲ୍ଲଭୀ ଘାଟ,ସୁନ୍ଦରଇ ମୁହଁ ଦେଇ ମଙ୍ଗଳପୁର ଯିବେ । ସେହିପରି ମଙ୍ଗଳପୁର ଆଡୁ ଆସୁଥିବା ଗାଡି ଗୁଡିକ ଏହି ରୁଟରେ କଟକ ଯିବେ । କଟକ ସହର ଆଡୁ ଆସୁଥିବା ସମସ୍ତ ୪ ଚକିଆ ଯାନ ବସ୍ ଓ ଭାରୀଯାନ ମାନସା ପୋଲ ଦେଇ ବ୍ରଜରାଜପୁର ପୋଲ ଛକରୁ କେନାଲ୍ ରାସ୍ତା ଅଠରନଳା ଦେଇ ବିଞ୍ଝାରପୁର ଯିବେ । ସେହିପରି ବିଞ୍ଝାରପୁର ଆଡୁ ଆସୁଥିବା ଗାଡି ଗୁଡିକ ଏହି ରୁଟରେ କଟକ ଯିବେ । ଗାନ୍ଧୀ ଛକ ଠାରୁ ସମସ୍ତ ୪ ଚକିଆ ଓ ୨ ଚକିଆ ଯାକପନ ଦିନ ୪ଟା ଠାରୁ ଥାନା ହାଭେଳୀ ବଜାର ଆଡକୁ ଯିବେ ନାହିଁ କେବଳ ଚାଲିବା ଲୋକଙ୍କୁ ଅନୁମତି ଦିଆଯିବ । ଜୋଡିକୁଅ ଛକରୁ ସମସ୍ତ ୪ ଚକିଆ ଓ ୨ ଚକିଆଯାନ ଦିନ ୪ଟା ଠାରୁ ଗରିଆପୁର ଆଡକୁ ଛଡାଯିବ ନାହିଁ । ଗରିଆପୁର ଛକରୁ ସମସ୍ତ ୪ ଚକିଆ ଓ ୨ ଚକିଆ ଯାନ ଦିନ ୪ଟା ଠାରୁ ଜୋଡିକୁଅ ଆଡକୁ ଛଡାଯିବ ନାହିଁ । ବଲ୍ଲଭୀ ଘାଟ ଛକରୁ ସମସ୍ତ ଛକରୁ ସମସ୍ତ ୪ ଚକିଆ ଓ ୨ ଚକିଆ ଯାନ ଦିନ ୪ଟା ଠାରୁ ଗରିଆପୁର ଆଡକୁ ଛଡାଯିବ ନାହିଁ । ବଲ୍ଲଭୀ ଘାଟ ଛକରୁ ସମସ୍ତ ଛକରୁ ସମସ୍ତ ୪ ଚକିଆ ଓ ୨ ଚକିଆ ଯାନ ଦିନ ୪ଟା ଠାରୁ ବଡବଜାର ଆଡକୁ ଛଡାଯିବ ନାହିଁ । ନାରାୟଣ ଛକରୁ କୋଣସି ଯାନବାହନ ଗରିଆପୁର ଓ ବଡବଜାର ଦିନ ୪ଟା ଠାରୁ ବଡବଜାର ଆଡକୁ ଛଡାଯିବ ନାହିଁ । କାଳୀପୂଜା ଉପଲକ୍ଷେ ବିଞ୍ଝାରପୁର ଆସୁଥିବା ଯାନବାହନ ଗୁଡିକ କୁସୁମାରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ବରୁଆଁ ଓ ସଠିପୁର ଆସୁଥିବା ମେଡିକାଲ୍ କଲେଜ୍ ପାଖ ନୁଆ ପୋରପାଳିକା ପାଖରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ମଙ୍ଗଳପୁର ଓ ଭଦ୍ରକ ପଟୁ ଆସୁଥିବା ଯାନବାହନ ଗୁଡିକ ବୁଦ୍ଧ ପାର୍କ ପାଖରେ ପାର୍କିଂ ର ବ୍ୟବସ୍ଥା କରାଯାଇଛି ।

## ନିର୍ମାଣାଧିନ ଘରୁ ଚୋରି

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମର ଏକ ନିର୍ମାଣାଧିନ ଘରୁ ଶନିବାର ବିଳମ୍ବିତ ରାତ୍ରୀରେ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି । ପ୍ରକାଶଯେ ବାଲିପଶି ଗ୍ରାମର ଫକିର ପଲେଇଙ୍କ ପୁଅ ଭାଗବତ ପଲେଇ ବାଲିପଶି କରଦା ରାସ୍ତା କଡରେ ଏକ ନୂତନ ଗୃହ ନିର୍ମାଣ କରୁଛନ୍ତି । ଶନିବାର ରାତି ୧୧ଟା ବେଳେ ଉକ୍ତ ଗୃହର ଗ୍ରୀଲ ଚାବି ଦେଇ ଘରକୁ ଯାଇଥିଲେ । ହେଲେ କେହି ଦୁର୍ବୃତ୍ତ ବିଳମ୍ବିତ ରାତ୍ରୀରେ ଚୋରି କରିଛି । ରବିବାର କ ସକାଳୁ ଆସି ଦେଖିବା ବେଳକୁ ଗ୍ରଲ ଭାଗଂଯାଇ ଘର ମଦ୍ୟରେ ଥବବା ପାଣିମଟର, ଷ୍ଟାଣ୍ଡ ଫଯାନ, ପାଣିଡ୍ରମ, ଏକ ବଡ ହାଣ୍ଡି, ୨ଟି କଢେଇ, , ୧ଟି ଚେୟାର, ୨ଟି ପିତଳ ନୋଟା, , କୋଦାଳ, ପାଣିଜଗ, ଗାଡି ଜଗ ଇତ୍ୟାଦି ଚୋରି କରିନେଇଛି । ଭାଗବତ ପାଣିକୋଇଲି ତାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି ।

## ମଦ ଜବତ : ୨ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ଦୁଇ ଜଣ ଚୋରା ଦେଶୀ ମଦ ବେପାରୀଙ୍କ ଠାରୁ ୧୮ ଲିଟର ଦେଶୀ ମଦ ଜବତ କରିବା ସହ ରବବାର ଦିନ ଉଭୟଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପାଣିକୋଇଲି ପୁଲିସ ସନ୍ଧ୍ୟାରେ ପେଟ୍ରୋଲିଂ ସମୟରେ ଚୋରା ଦେଶୀ ମଦ ବେପାରର ଖବର ପାଇଥିଲା । ଥାନାଧିକାରୀ ରଂଜିତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ସଦଳବଳେ ଚଢାଉ କରିଥିଲେ । ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମରେ ଚଢାଉ କରିବା ବେଳେ ସେହି ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁଙ୍କ ପୁଅ ନବଘନ ସାହୁ(୫୨)ଙ୍କୁ ଧରିବାରୁ ତାନିକଟରୁ ୧୦ ଲିଟର (୫୦ ବୋତଲ ଆସ୍କାଫଟିଁ ଦେଶୀମଦ) ଜବତ କରି ଥାନାକୁ ଆଣିଥିଲେ । ସେହିପରି ପାଣିକୋଇଲି ପଂଚାୟତ ମଣିପୁର ଗ୍ରାମର ଭିକାରୀ ବେହେରାଙ୍କ ପୁଅ ସୁଶାନ୍ତ ବେହରୋ(୪୦)କୁ ଧରିବା ପରେ ତାନିକଟରୁ ୮ଲିଟର (୪୦ ବେତଲ ଆସ୍କାଫଟିଁ) ଜବତ କରି ଥାନାକୁ ଆଣିଥିଲେ । ଏନେଇ ଦୁଇଟି ମାମଲା ୩୩୯/୨୫ ଓ ୩୪୦/୨୫ ରୁଜୁ କରାଯାଇ ଅନବଘନ ଓ ସୁଶାନ୍ତକୁ ୫୨(ଏ) ଓଡିଶା ଅବକାରୀ ଆଇନ ବଳରେ ଅଦାଲତ ଚାଲାଣ କରାଯାଇଛି

## ଅଣଛାତ୍ରଙ୍କ ଆକ୍ରମଣରେ ୨ କଲେଜ୍ ଛାତ୍ର ଆହତ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ଆକ୍ରମଣରେ ୨ଜଣ କଲେଜ୍ ଛାତ୍ର ଆହତ ହୋଇଥିବା ଜଣାପଡିଛି । କଲେଜ୍ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ଏତଲାକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପ୍ରକାଶ ଯେ, ଜାରକାସ୍ଥିତ ଧର୍ମଶାଳା କଲେଜ୍‌ର ଜଣେ ଯୁକ୍ତଦୁଇ ଛାତ୍ରୀଙ୍କୁ ଜଣେ ଛାତ୍ର ପ୍ରେମ ନିବେଦନ କରିଥିଲା । ଏ ସଂପର୍କରେ ଛାତ୍ରୀ ଉକ୍ତ କଲେଜ୍‌ରେ ଯୁକ୍ତତିନି ଶ୍ରେଣୀରେ ପଢୁଥିବା ତାଙ୍କ ବଡ଼ଭାଇଙ୍କୁ ଜଣାଇଥିଲେ । ବଡ଼ଭାଇ ସଂପୃକ୍ତ ଛାତ୍ରକୁ ଫୋନ୍ କରି ଗାଳି କରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ଉକ୍ତ ଛାତ୍ର ଜଣେ ଅଣଛାତ୍ରକୁ କଲେଜ୍‌କୁ ଡକାଇ ଉଭୟ ଛାତ୍ରୀଙ୍କ ବଡ଼ଭାଇଙ୍କୁ ମାରପିଟ୍ କରିଥିଲେ । ଅଣଛାତ୍ର ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ବଡ଼ଭାଇଙ୍କ ମୁଣ୍ଡ ଫାଟି ଯାଇଥିଲା । ଏହା ଦେଖି ଅନ୍ୟ ଜଣେ ଛାତ୍ର ଆକ୍ରମଣକାରୀକୁ ଅଟକାଇବାରୁ ତାଙ୍କ ହାତରେ ମଧ୍ୟ କ୍ଷତ ହୋଇଥିଲା । ଆକ୍ରମଣକାରୀ ଅଣଛାତ୍ର ନାକପୋଲ ଅଂଚଳର ବୋଲି ଜଣାପଡିଛି । ଏହି ଘଟଣାକୁ ନେଇ କଲେଜ୍‌ରେ ଉତେଜନା ପ୍ରକାଶ ପାଇଛି । ଘଟଣାସ୍ଥଳକୁ ଅନ୍ୟ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଆସି ଯିବାରୁ ଅଭିଯୁକ୍ତଦ୍ୱୟ ଫେରାର୍ ହୋଇ ଯାଇଥିଲେ । ଉଭୟ ଆହତ ଛାତ୍ରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ଏ ସଂପର୍କରେ କଲେଜ୍ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ । ପୁଲିସ୍ ୬୫୮/୨୫ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବି

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲାରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ର ଅଭିଭାବକ ମାନେ ଏହି ବିଦ୍ୟାଳୟ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଏକ ଦାବିପତ୍ର କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ପ୍ରଦାନ କରି ତୁରନ୍ତ ପଦବୀ ଗୁଡିକୁ ପୁରଣ କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି । ସି.ବି.ଏସ୍.ଇ ପାଠ୍ୟକ୍ରମ ରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ ୨୦୧୦ ମସିହାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇ ଥିଲା । ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଏହି ପାଠ୍ୟକ୍ରମ ରେ ଅଧ୍ୟୟନ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । କିନ୍ତୁ ବର୍ତମାନ ଏହି ବାରିମୂଳ ସ୍ଥିତ ବିଦ୍ୟାଳୟ ର ଅର୍ଦ୍ଧାଧିକ ଶିକ୍ଷକ ପଦବୀ ଖାଲି ପଡି ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଠିକା ଶିକ୍ଷକ ନିଯୁକ୍ତି କରି କାର୍ଯ୍ୟ ସଂପାଦନ କରାଯାଉଛି । ଫଳରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନେ ଉନ୍ନତ ଗୁଣ ମାନର ଶିକ୍ଷା ପାଇବାରୁ ବଂଚିତ ହେବାସହ ସେମାନଙ୍କ ଲକ୍ଷ୍ୟ ପୂରଣ ବ୍ୟାହତ ହେଉଥିବା ଅନୁଭବ କରାଯାଉଛି । ୨୦୧୯-୨୦ ଶିକ୍ଷା ବର୍ଷର ଏକାଦଶ ଦ୍ୱାଦଶ ଶ୍ରେଣୀରେ ବିଜ୍ଞାନ ବିଭାଗରେ ଦକ୍ଷ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀ ମାନେ ବଂଚିତ ହୋଇ ଦଶମ ଶ୍ରେଣୀରୁ ଉତୀର୍ଣ୍ଣ ହେବାପରେ ବାହାର ଜିଲ୍ଲାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ରେ ନାମ ଲେଖାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ଏନେଇ ଅଭିଭାବକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ କେନ୍ଦ୍ରୀୟ ବିଦ୍ୟାଳୟ ର ଲକ୍ଷ୍ୟ ପୂରଣ ହେଇପାରୁ ନାହିଁ । ଅଭିଭାଗକ ସଂଘର ସଭାପତି ବିଷ୍ଣୁ ଚରଣ ସାମଲଙ୍କ ସମେତ ଅମରେନ୍ଦ୍ର ମହାନ୍ତି

## ସ୍ୱପ୍ନେଶ୍ୱର ବାଳାଶ୍ରମ ବାର୍ଷିକ ଉତ୍ସବ

ସାଲେପୁର,(ସବ୍ୟୁ):ସାଲେପୁର ବ୍ଲକ ଅନ୍ତର୍ଗତ ରଟିଲୋ ପଞ୍ଚାୟତର ବୋଇଲ ସ୍ଥିତ ସପ୍ନେଶର ବାଳାଶ୍ରମର ୪୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବାଳାଶ୍ରମର ସମ୍ପାଦକ ତଥା ସମାଜସେବୀ ରୋମିଓକାନ୍ତ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇକଥିଲେ। ବାଳାଶ୍ରମର ସଭାପତି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ।ମୁଖ୍ୟ ବକ୍ତା ଭାବେ ଜିଲ୍ଲା କିଶୋର ନ୍ୟାୟ ପରିଷଦ ସଦସ୍ୟ ମାନସ ରଞ୍ଜନ ବିଶାଳ,ସମ୍ମାନିତ ଅତିଥି ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ହରିହର ନାୟକ,ଜିଲ୍ଲା କିଶୋର ନ୍ୟାୟ ପରିଷଦ ସଦସ୍ୟା ବାସବୀ ଖାଡଙ୍ଗା,ଶିକ୍ଷାବିତ୍ ହେମନ୍ତ କୁମାର ନନ୍ଦ ,ପଣ୍ଡିତ ଅରୁଣ କୁମାର ମିଶ୍ର,ବାଳାଶ୍ରମର ସଦସ୍ୟ ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଶିକ୍ଷାବିତ ବିଷ୍ଣୁ ଚରଣ ମିଶ୍ର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ।ଏହି ଅବସରରେ ବାଳାଶ୍ରମର ଛାତ୍ରଛାତ୍ରୀଙ୍କ ଦାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।ବାଳାଶ୍ରମର ଅନୁଭୂତି ବିଷୟରେ ଅନ୍ତେବାସୀ ବାବୁଲା ତପନ,ରୁଦ୍ର ନାରାୟଣ ଲେଙ୍କା,ଶିବୁ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।କାର୍ଯ୍ୟକ୍ରମକୁ ବାଳାଶ୍ରମର ସୁପରିଟେଣ୍ଡେଣ୍ଟ ସୁସଂଧା ଶତପଥୀ ସଂଯୋଜନା କରିଥିଲେ।ବାଳାଶ୍ରମର ମୁଖ୍ୟ ପରିଚାଳକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,(ସବ୍ୟୁ):ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ଦେମାଣ୍ଡୋ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଚନ୍ଦ୍ରଶେଖର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିରୂପେ ବିଶିଷ୍ଟ ଶିକ୍ଷକ ନେତା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଜେନା,କଟକ ଜିଲ୍ଲାର ଅବସରପ୍ରାପ୍ତ ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ,ବିଶିଷ୍ଟ ଶିକ୍ଷକ ନେତା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷକ ରଜନୀକାନ୍ତ ନନ୍ଦ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ତିକ ଚନ୍ଦ୍ର ଦାସ ,ଭବାନୀ ପ୍ରସାଦ ପଣ୍ଡା,ସୁଧିର କୁମାର ଷଡଙ୍ଗୀ, ବାଲିଆପଦା ଉର୍ମିଳା ମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ଜେନା,ସିଆରସିସି ଅମିତା ସାହୁ, ପଞ୍ଚାୟତ ହାଇସ୍କୁଲ କଣ୍ଟାପାରୀର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ରାଉତରାୟ , ବାଲିଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ସେନାପତି,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ଜେନା,ପୂର୍ବତନ ସରପଞ୍ଚ ବିଶ୍ୱନାଥ ପଣ୍ଡା , ନକୁଳ ଚରଣ ଜେନା। ପ୍ରମୁଖ ଅତିଥିରୂପେ ଯୋଗଦାନ କରି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବାରିକ ଓ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଷମା ମହାପାତ୍ରଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ବହୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ଛାତ୍ରୀ ,ଦୁଇ ଅନୁଷ୍ଠାର ପରିଚାଳନା କମିଟିର ସଭ୍ୟ ସଭ୍ୟାମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଉଭୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଧାନ ପଣ୍ଡିତ ଦେବରଞ୍ଜନ ରଥ ବେଦପାଠ ଓ ଶେଷରେ ନୋଡାଲ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତିର ବୈଠକ

କେନ୍ଦ୍ରାପଡା,(ସବ୍ୟୁ):ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତିର ଏକ ପ୍ରସ୍ତୁତି ବୈଠକ କଜଳା ବାୟାବାବା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାଗବତ ଟୁଙ୍ଗୀ ରାଜ୍ୟ ସଭାପତି ନଙ୍ଗୁଳି ବାବାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭାଗବତ ଟୁଙ୍ଗୀର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା । ଆସନ୍ତା ୨୯ ତାରିଖ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଭାଗବତ ଟୁଙ୍ଗୀ ମହୋତ୍ସବ ରେ ଜିଲ୍ଲାର ୯ଟି ବ୍ଲକର ପ୍ରଚାର ସମିତିର ସଭାପତି ସଂପାଦକଙ୍କ ସହ ଅନ୍ୟାନ୍ୟ ପଦବୀ ଗୁଡିକୁ ପୁରଣ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ନଙ୍ଗୁଳି ବାବା ଘୋଷଣା କରିଛନ୍ତି । ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲା ଭାଗବତ ଟୁଙ୍ଗୀ ସଭାପତି ଭାବେ ସୁରେନ୍ଦ୍ର କୁମାର ଶତପଥୀ ଓ ସଂପାଦକ ଭାବେ ନିରାକର ମହାରଣା ଙ୍କୁ ମନୋନିତ କରାଯାଇଛି । ଆଜିର ଏହି ବୈଠକରେ ରାଜ୍ୟ ସଂଯୋଜକ ବସନ୍ତ କୁମାର ଦାସଙ୍କ ସହିତ ୯ଟି ବ୍ଲକର କର୍ମକର୍ତା ଉପସ୍ଥିତ ଥିଲେ ।

## ଶୁଭଶ୍ରୀ ଓଡ଼ିଶା ପ୍ଲାନିଙ୍ଗ ସେବା ଟପର



ପାଣିକୋଇଲି, (ସବ୍ୟ) କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମ ନିବାସୀ ଭୁବନେଶ୍ୱର ଜିଲ୍ଲା ସିଭିଲ୍ କୋର୍ଟର ବରିଷ୍ଠ ଆଇନ୍‌ଜୀବୀ ରବୀନ୍ଦ୍ର ଖୁଂଟିଆଙ୍କ ପୁତ୍ରବଧୁ ଶୁଭଶ୍ରୀ ଲେଙ୍କା ଓଡ଼ିଶା ପ୍ଲାନିଙ୍ଗ ସେବା ପରୀକ୍ଷାରେ ରାଜ୍ୟରେ ଟପର୍ ହୋଇଛନ୍ତି। ଓପିଏସ୍‌ସି ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ଶୁଭଶ୍ରୀ ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପଦବୀରେ ରାଜ୍ୟରେ ଶ୍ରେଷ୍ଠ ରୟାଙ୍କ୍‌ରେ ରହିଛନ୍ତି। ଶୁଭଶ୍ରୀ ୯ ବର୍ଷ ହେଲା କେନ୍ଦ୍ରାପଡ଼ା ଡିଗ୍ରି କଲେଜରେ ଅର୍ଥନୀତି ବିଭାଗର ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିବାବେଳେ ଏବେ ପିପିଲି ଡିଗ୍ରି କଲେଜରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ତାଙ୍କ ସ୍ୱାମୀ ସ୍ୱାଗତ ଖୁଂଟିଆ, ଶ୍ୱଶୁର ରବୀନ୍ଦ୍ର ଖୁଂଟିଆ, ଶାଶୁ ସ୍ୱାର୍ଗତ ଉର୍ମିଳା ଖୁଂଟିଆ ଏବଂ ବାପା ପ୍ରଶାନ୍ତ କୁମାର ଲେଙ୍କାଙ୍କର ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## କ୍ଲଷ୍ଟର ସ୍ତରୀୟ ସୁରଭି ଉଦ୍‌ଯାପିତ

ରାଜନଗର ,(ସବ୍ୟୁ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଠାକୁର ବାସୁଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଓସ୍ତିଆ ସରପଞ୍ଚ ବୈଦେହୀ ଦାସ ଏହାକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପାନୀ ଉତ୍ସବରେ ରାଜନଗର ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ, ପ୍ରାକ୍ତନ ସରପଞ୍ଚ କେଦାର କୁମାର ସାହୁ, ଶିକ୍ଷାବିତ ପ୍ରସନ୍ନ କୁମାର ଦାସ, ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ, ଶିକ୍ଷକ ନେତା ବୀରକିଶୋର ଜେନା, ପ୍ରାକ୍ତନ ସି.ଆର.ସି.ସି ସୁନୀଲ କୁମାର ଦାଶ, ପ୍ରଧାନ ଶିକ୍ଷକ ସନାତନ ଜେନା। ପ୍ରମୁଖ ଯୋଗଦେଇଥିଲେ ।ପଣ୍ଡିତ ବରାଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ସିଆରସିସି ନିରାକର ସେଠୀଙ୍କୁ ସତ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କ୍ଲଷ୍ଟରର ଦଶଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ସିନିଅର ତର୍କ ବିଭାଗରେ ସୌମ୍ୟରଞ୍ଜନ ପ୍ରଧାନ ପ୍ରଥମ ହୋଇଥିବା ବେଳେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଶାସନ ନୋଡାଲ ଶିକ୍ଷା ନିକେତନ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ଅନ୍ୟ ସମସ୍ତ ଆଠଗୋଟି ବିଭାଗର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ଶିକ୍ଷକ ଅରୁଣ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



## ଲକ୍ଷ୍ମଣ ମଲ୍ଲିକଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କ ପରିଚୟ




ଜଗତସିଂହପୁର,(ସବ୍ୟୁ): ବର୍ଷିୟାନ ରାଜନେତା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ପ୍ରଥମ ଜିଲ୍ଲା ପରିଷଦ ସଭାପତି ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ୧୧ ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ସ୍ମୃତି କମିଟିର ସଭାପତି ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ଓ ରାଜନୈତିକ ବିଶ୍ଳେଷକ ରବି ଦାସ ଯୋଗ ଦେଇ ଲକ୍ଷ୍ମଣ ମଲ୍ଲିକଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କ ପରିଚୟ ବୋଲି ମତବ୍ୟକ୍ତ କରିବା ସହ ତାଙ୍କ ରାଜନୈତିକ ଓ ସାମାଜିକ କାର୍ଯ୍ୟଶୈଳର ଭୂୟସୀ ପ୍ରଶଂସା କରିଥିଲେ। ଜଣେ ରାଜନେତା ଭାବରେ ସେ ସମସ୍ତଙ୍କର ପ୍ରିୟ ଭାଜନ ହେବା ସହିତ ବିଶେଷ କରି ଜଗତସିଂହପୁରରେ ତାଙ୍କର ଉନ୍ନୟନମୂଳକ କାର୍ଯ୍ୟଧାରା। ଅନ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଠାରୁ ସଂପୂର୍ଣ୍ଣ ନିଆରା ବୋଲି ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ଅର୍ଚ୍ଚନା ସିଂହ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା,ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା,ପ୍ରମୁଖ ଯୋଗଦେଇ ଦିବଂଗତ ନେତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଏହି ଅବସରରେ ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ ଅକ୍ଷୟ କୁମାର ଦାସ,ନାରୀନେତ୍ରୀ ସୁଚିତ୍ରା ବେହୁରା,ଭରତ ଚନ୍ଦ୍ର ସାହୁ, ବରିଷ୍ଠ ରାଜନେତା ବୈଷ୍ଣବ ଚରଣ ନାୟକ, ଗୁଣନିଧି ତ୍ରିପାଠୀ, କାଳନ୍ଦୀ ଦାସ ପ୍ରଭୃତିଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।ପ୍ରାରମ୍ଭରେ ସ୍ମୃତି କମିଟିର ଉପ ସଭାପତି ଅଭୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ପ୍ରତିମା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରାତଃ ସମୟରେ କଲେଜ ଛକ ନିକଟ ଗଣେଶ ମନ୍ଦିର ନିକଟରେ ତିଳୋତର୍ପଣ କରାଯାଇଥିଲା।ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ଦିବଂଗତ ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ ଓ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଧର୍ମପତ୍ନୀ ହାରାମଣି ମଲ୍ଲିକଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦେବୀ ପ୍ରସାଦ ଚୌଧୁରୀ,ପ୍ରସନ୍ନ ସାମନ୍ତରାୟ, ପ୍ରଶାନ୍ତ କୁମାର ମହାପାତ୍ର, ରାଜକିଶୋର ଗୋଛୟତ, କେଦାର ବିଶ୍ୱାଳ,ଭାଗ୍ୟଧର ସ୍ୱାଇଁ,ମିନୁ ଚୌଧୁରୀ, ରବି ଦାସ,ସୌମ୍ୟରଞ୍ଜନ ମହାନ୍ତି, ଜୀବନ ଜେନା, ସଙ୍କରେଶ୍ୱର ଦାସ, ବିଜୟ ମଲ୍ଲିକ,ପ୍ରଣବ ମହାପାତ୍ର, ନିରଞ୍ଜନ ମହାପାତ୍ର,ବିଜୟ ବିଶ୍ୱାଳ,ଅଭୟ କୁମାର ମଲ୍ଲ, ଧୃବ ଚରଣ କାଣ୍ଡି ପ୍ରମୁଖ ଯୋଗଦେଇ ଦିବଂଗତ ଲକ୍ଷ୍ମଣ ମଲ୍ଲିକ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ଗୋଟିଏ ରାତିରେ ତିନି ଘରୁ ଚୋରି : ୫ ଘଣ୍ଟା ପରେ ପହଞ୍ଚିଲା ପୋଲିସ

ବାଲିଚନ୍ଦ୍ରପୁର,(ସବ୍ୟ): ବାଲିଚନ୍ଦ୍ରପୁର ଥାନା ପତରାଜପୁର ଅଞ୍ଚଳ ବାଲିଚନ୍ଦ୍ରପୁର ଥାନା ଠାରୁ ମାତ୍ର ୫ ଶହ ମିଟର ଦୂରରେ ହୋଇଥିବା ବେଳେ ଗୋଟିଏ ରାତିରେ କ୍ରମାଗତ ଭାବେ ତିନି ଜଣଙ୍କ ଘରୁ ସିରିଜ ଚୋରି ହୋଇଛି। ପତରାଜପୁର ଅଞ୍ଚଳରେ ବସବାସ କରୁଥିବା ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ୨ ମହିଳା ବିଦ୍ୟାଳୟର ଅଧକ୍ଷା ମାମି ବଳବନ୍ତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମାରାଣୀ ସାମଲ ଏବଂ ମହେଶ୍ୱର ନାମକ ଜୈନିକ ବ୍ୟବସାୟୀଙ୍କ ଘରୁ ଶନିବାର ରାତିରେ ଦୁର୍ବୃର୍ତ୍ତ ମାନେ ପଶି ଲୁଟପାଟ କରି ଚାଲିଗଲେ । ସକାଳୁ ଗଣମାଧମ ପ୍ରତିନିଧି ମାନେ ପହଞ୍ଚି ଥାନା ବାବୁଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇନଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ଆଇ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଅବଗତ କଲା ପରେ ତାଙ୍କ ହସ୍ତକ୍ଷେପ ପରେ ବାଲିଚନ୍ଦ୍ରପୁର ପୋଲିସର ନିଦ ଭାଙ୍ଗିଲା । ୫ ଘଣ୍ଟା ପରେ ଜଣେ ଏ.ଏସ.ଆଇ ଓ ତିନି ଜଣ କର୍ମଚାରୀଙ୍କୁ ତଦନ୍ତ କରିବାକୁ ପଠାଗଲା । ବିଳମ୍ବରେ ହେଲେ ମଧ ଥାନାଧିକାରୀ ପହଞ୍ଚି ଘଟଣାସ୍ଥଳର ପରିସ୍ଥିତି ଅନୁସନ୍ଧାନ କରି କୌଣସି ଜିନିଷ ପତ୍ରରେ ହାତ ନମାରିବାକୁ ପରାମର୍ଶ ଦେଇ ଆସନ୍ତା କାଲି ଅର୍ଥାତ୍ ଚୋରିର ଦୁଇ ଦିନ ପରେ ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ଆସିବ ବୋଲି କହିକି ଯାଇଥିଲେ । ଏ ନେଇ ପଲ୍ଲିଶ୍ରୀ ମହିଳା ଯୁକ୍ତ ୨ ବିଦ୍ୟାଳୟର ଅଧକ୍ଷା ମାମି ବଳବନ୍ତରାୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ତାଙ୍କ ଘରୁ ୨୦ ଗ୍ରାମର ସୁନା ଗହଣା, ନଗଦ ୧୦ ହଜାର ଟଙ୍କା ଓ କଲେଜର କିଛି ଆବଶ୍ୟକୀୟ କାଗଜପତ୍ର ଲୁଟ ହୋଇଥିବା ନେଇ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୩୨୧/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି । ବାଲିଚନ୍ଦ୍ରପୁର ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଲାଗିଛି । ନିକଟରେ ସାହାସପୁର କଲେଜରୁ ଚୋରି ହେବା, ମହିଳାଙ୍କ ଠାରୁ ପଚ୍ଚାମୁଣ୍ଡାଇ କେନାଲ ବନ୍ଧରୁ ବିଭିନ୍ନ ସ୍ଥାନରୁ ଲୁଟ ହେବା । ନିଶା ବେପାରିଙ୍କ ଦୌରାତ୍ମ୍ୟ ଭଳି ଘଟଣା ମାନ ଘଟିଚାଲିଛି । ଥାନାରେ ବିଭିନ୍ନ ସମୟରେ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ କୌଣସି ଗୋଟିଏ ହେଲେ କେଶରେ ସଫଳତା ପାଇନଥିବା ଜଣାଯାଏ । ଏପରିକି ଥାନାଧିକାରୀଙ୍କ ମନମାନି ନେଇ ବ କଂଗ୍ରେସ ଦଳ ଓ ବିଜୁ ଜନତା ଦଳ ପକ୍ଷରୁ ଦୁଇ ଥର ଥାନା ଘେରାଉ କାର୍ଯ୍ୟକ୍ରମ ହୋଇସାରିଛି ।

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ

ମାହାଙ୍ଗା ,(ସବ୍ୟ): ମାହାଙ୍ଗାର ଅନ୍ୟତମ ବରପୁତ୍ର ଗୀତିନାଟ୍ୟ ଜଗତର ମଉଡମଣୀ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ନୂଆଦିଲ୍ଲୀସ୍ଥିତ ତ୍ୟାଗରାଜନଗରଠାରେ ଥିବା ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ କଳିଙ୍ଗ ଭାରତୀ ଫାଉଣ୍ଡେସନ ତରଫରୁ ପାଳିତ ହୋଇଯାଇଛି । ଗଣକବି ବୈଷ୍ଣବ ପାଣିଙ୍କ ୧୪୩ତମ ଜୟନ୍ତୀ ଉତ୍ସବରେ କଳିଙ୍ଗ ଭାରତୀ ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ. ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ । ଏହି ଉତ୍ସବକୁ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ମୁକୁନ୍ଦ ମୁରାରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । କଳା ସଂସ୍କୃତିର ମାଟି ମାହାଙ୍ଗା ପଲ୍ଲୀଠାରୁ ରାଜଧାନୀ ଦିଲ୍ଲୀରେ ପାଣିଙ୍କ ଜନ୍ମ ଜୟନ୍ତୀ ପାଳନ ହେଉଥିବାରୁ ଦିଲ୍ଲୀରେ ବସବାସ କରୁଥିବା ପ୍ରବାସୀ ଓଡିଆମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୀତିକାର ତଥା ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ବିଶ୍ୱେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବେ ନାଟ୍ୟକାର ଅଭୟ କୁମାର ଦାସ ଯୋଗଦାନ କରି ଗଣକବିଙ୍କ ବହୁମୁଖୀ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ପାଣି ସଂଗୀତ ଗାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ରାଉତ, ପ୍ରଦ୍ୟୁମ୍ନ କୁମାର ପଲେଇ, ଅଶ୍ୱିନୀ କୁମାର ପ୍ରଧାନ, ବିକ୍ରମ ରାଉତ, ମାନସ ନନ୍ଦି, ମଳୟ ପ୍ରଧାନ, ଦେବଶ୍ରୀବାସ୍ତବ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା ବର୍ଷଠାରୁ ଏହି କାର୍ଯ୍ୟକ୍ରମକୁ ନୂଆଦିଲ୍ଲୀରେ ବହୁ ଆଡମ୍ବରରେ ପାଳନ କରାଯିବ ବୋଲି ସଭାପତି ଶ୍ରୀ ସାମଲ ସୂଚନା ଦେଇଥିଲେ । ଶେଷରେ ଅଶ୍ୱିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



# ପୀତବାସ ପଣ୍ଡା ହତ୍ୟା ମାମଲାରେ ନୂଆ ମୋଡ଼: ବିହାରୀ ନୁହଁନ୍ତି, ମାରିଛନ୍ତି ଗଞ୍ଜାମ ପିଲା
## ୧୫ ଲକ୍ଷରେ ହୋଇଥିଲା ଡିଲ, ଧରାପଡି ନାହାନ୍ତି ସୁଟର୍

ବ୍ରହ୍ମପୁର,(ସବ୍ୟୁ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନୂଆ ମୋଡ଼ । ବ୍ରହ୍ମପୁରର ଜଣେ କର୍ପୋରେଟର ଏହି ହତ୍ୟା ଘଟଣାର ଷଡଯନ୍ତ୍ରକାରୀ ତଥା ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ବିହାରୀ ଯୁବକ ନୁହଁ ଗଞ୍ଜାମ ପିଲା ହିଁ ସୁପାରି ନେଇ ପୀତବାସଙ୍କୁ ଗୁଳି କରିଛନ୍ତି।ଏଥିପାଇଁ ୧୫ ଲକ୍ଷରୁ ଡିଲ ହୋଇଥିଲା ।ଏ ବିଷୟରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ହେଲେ କର୍ପୋରେଟରଙ୍କ ସଂପୃକ୍ତି ଜଣାପଡିବା ପରେ ଏହି ହତ୍ୟା ଘଟଣା ପଛରେ ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ଗତ ୬ ତାରିଖରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସଙ୍କୁ ବୈକୁଣ୍ଠନଗର ଛକ ଠାରେ ୨ ଜଣ ଯୁବକ ଅତି ନିକଟରୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟାକାରୀମାନେ ବିହାର ରାଜ୍ୟର ସୁପାରି କିଲର ତଥା ସାର୍ପ ସୁଟର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ସେହିକ୍ରମରେ ପୋଲିସ ବିହାର ସମେତ ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଯାଇ ୫ ଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲା । ହେଲେ ତଦନ୍ତ ବେଳେ ସେହି ଯୁବକମାନେ ପୀତବାସଙ୍କୁ ହତ୍ୟା ପାଇଁ ଯୋଜନା କରି ବ୍ରହ୍ମପୁର ଆସିଥିଲେ ମଧ୍ୟ କୌଣସି କାରଣରୁ ଏହି ଡିଲରୁ ଓହରି ଯାଇଥିଲେ। ଏହାପରେ ହତ୍ୟା ଘଟଣାର ଷଡଯନ୍ତ୍ରକାରୀ ତଥା ମାଷ୍ଟରମାଇଣ୍ଡ ଗଞ୍ଜାମର ୨ ଜଣ ଯୁବକଙ୍କୁ ସୁପାରି ଦେଇ ହତ୍ୟା କରିବାକୁ ରାଜି କରାଇଥିଲେ। ଏହି ପାଇଁ ଉଭୟ ଯୁବକ ୧୫ ଲକ୍ଷ ଟଙ୍କା ନେଇଥିବା କୁହାଯାଉଛି ।ତେବେ ପୋଲିସ ବିହାର ଯୁବକ ସମେତ ଅନ୍ୟ ରାଜ୍ୟରୁ ଉଠାଇ ଆଣିଥିବା ଯୁବକଙ୍କୁ ଘନଘନ ଜେରା ବେଳେ ବହୁ ତଥ୍ୟ ହାସଲ କରିଥିଲା। ଜଣେ କର୍ପୋରେଟର ସମେତ ସହରର ଜଣେ ସକ୍ରିୟ ନେତା କିଛାର ଅନ୍ୟ ଜଣେ ବ୍ୟବସାୟୀଙ୍କ ସହଯୋଗୀ ଜରିଆରେ ବାହାର ରାଜ୍ୟର ଯୁବକଙ୍କୁ ସୁପାରି ଦେଇଥିଲେ । ବାହାର ରାଜ୍ୟର ଏହି ଯୁବକମାନେ ଗତ ସେପ୍ଟେମ୍ବର ମାସରେ ବ୍ରହ୍ମପୁର ଆସିଥିଲେ। ସେହି ସମୟରେ ସେମାନେ ଷଡଯନ୍ତ୍ରକାରୀ ଠାରୁ ୪୦ ହଜାର ଟଙ୍କା ନେଇ ବ୍ରହ୍ମପୁରରେ ଅନେକ ଦିନ ରହିଥିଲେ । ପୀତବାସଙ୍କୁ ପିଛା କରିବା ସହ ତାଙ୍କ ଗତିବିଧି ପରଖିଥିଲେ । ହେଲେ ସେ ଜଣେ ଆଇନଜୀବୀ ହେବା ସହ ଅନେକ ସମୟରେ ଜନଗହଳି ଅଞ୍ଚଳରେ ରହୁଥିବାରୁ ବାହାର ଅଞ୍ଚଳର ଏହି ଯୁବକମାନେ ତାଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଇଥିଲେ । ସେହିକ୍ରମରେ ବାହାର ରାଜ୍ୟର ଏହି ଯୁବକମାନେ ବ୍ରହ୍ମପୁର ଛାଡି ଚାଲି ଯାଇଥିଲେ। ଏହାପରେ ଷଡଯନ୍ତ୍ରକାରୀମାନେ ନୂଆ ହତ୍ୟାକାରୀ ଖୋଜିଥିଲେ । ଗଞ୍ଜାମ ଜିଲ୍ଲାର ୨ ଜଣ ଯୁବକ ପୀତବାସଙ୍କୁ ଗୁଳି କରି ହତ୍ୟା କରିବାକୁ ରାଜି ହୋଇଥିଲେ। ସେହିକ୍ରମରେ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଥିଲା । ପୋଲିସ ସଂପୃକ୍ତ କର୍ପୋରେଟର ଓ ନେତାଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବିଶେଷସୂତ୍ରରୁ ଜଣାପଡିଛି । ହେଲେ ପୀତବାସଙ୍କୁ ହତ୍ୟା କରିଥିବା ଯୁବକମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଫେରାର ଅଛନ୍ତି। ସେହିପରି ଏହି ହତ୍ୟାରେ ସଂପୃକ୍ତ ବ୍ୟବସାୟୀଙ୍କ ସହଯୋଗୀ ଜଣଙ୍କ ମଧ୍ୟ ଫେରାର ରହିଛନ୍ତି। ପୋଲିସ ସେମାନଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଛନ୍ତି । ଏପଟେ ମାଷ୍ଟରମାଇଣ୍ଡଙ୍କ ବିରୋଧରେ ଅଧିକରୁ ଅଧିକ ପ୍ରମାଣ ଯୋଗାଡ଼ କରାଯାଉଥିବାରୁ ଏହି ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନରେ ବିଳମ୍ବ ଘଟୁଥିବା କୁହାଯାଉଛି ।

### ଜମିରୁ ଫସଲ ନଷ୍ଟ ଥାନାରେ ଅଭିଯୋଗ

ପାଣିକୋଇଲି,(ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପଂଚାୟତର ବଡ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମରେ ୪ ଏକର ଫସଲ ନଷ୍ଟ ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ମକୁନ୍ଦବିନ୍ଧା ଗ୍ରାମର ପୁରୁଷ ପଣ୍ଡାଙ୍କ ପୁଅ ଆଦିକନ୍ଦ ପଣ୍ଡାଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ଗ୍ରାମରେ ୪ ଏକର ଜମିରେ ପ୍ରାୟ ୬୦ହଜାରରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରି ବୋଲଡି କଖାରୁ (ବୋଇତାଳୁ)ଚାଷ କରିଥିଲେ । ହେଲେ ଗଛ ଉଠିବା ପରେ କେହି ଦୁର୍ବୃତ୍ତ ତାଙ୍କ ସମସ୍ତ ଗଛକୁ ଓପାଡି ଖରସ୍ରୋତା ନଦୀକୁ ଫୋପାଡି ଦେଇଛି । ତାଙ୍କ ପଡୋଶୀ ଗ୍ରାମ ପ୍ରେମାନନ୍ଦ ପଣ୍ଡା ଭଣ୍ଡ ଗଛ ଗୁଡିକୁ ଓପାଡି ଦେଇଥିବା ନେଇ ସିଧାସଳଖ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ନ୍ୟାୟ ପାଇ ଆଦିକନ୍ଦ ପୁଲିସ ନିକଟରେ ଦାବି କରିଛନ୍ତି ।

# ଲୋକଙ୍କ ସାମାଜିକ, ଆର୍ଥିକ ଅଭିବୃଦ୍ଧି ନିମନ୍ତେ ସରକାର ବଦ୍ଧପରିକର



ସାକ୍ଷୀଗୋପାଳ,(ସବ୍ୟୁ):ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଦେଶ ପତ୍ର ଓ ଭତ୍ତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୮୦ ଜଣ ହିତାଧିକାରୀଙ୍କୁ ସେମାନଙ୍କର ପକ୍କା ଘର ପାଇଁ କାର୍ଯ୍ୟାଦେଶ ପତ୍ର ଓ ୧୮୬ ଜଣ ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ମା'ମାନଙ୍କୁ ଭତ୍ତା ପ୍ରଦାନ ଓ ୨୦୦ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଦେବାଶିଷ ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ ।ଅନ୍ୟତମ ଅତିଥି ଭାବେ ବ୍ଲକ ଅତିରିକ୍ତ ବିଡ଼ିଓ ସୁମିତ୍ରା ଜେନା , ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଯୋଗ ଦେଇଥିଲେ । ଏବେ ସରକାର ସାଧାରଣ ଜନତାଙ୍କ ମଙ୍ଗଳ ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ଦିଗରେ ଉନ୍ନତି ପାଇଁ ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ମୁଖ୍ୟ ଅତିଥି ସାଂସଦ ଡାକ୍ତର ପାତ୍ର କହିଥିଲେ କାର୍ଯ୍ୟକ୍ରମରେ ବ୍ଲକ ର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଜନସାଧାରଣ ଙ୍କ ଏହି କଲ୍ୟାଣ ଯୋଜନା କୁ ସତ୍ୟବାଦୀ ବ୍ଲକ ସଂଯୋଜକ ଦେବାଶିଷ ପତ୍ରି , ସତ୍ୟବାଦୀ ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ମୋନିକା ଦାଶ , ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟଜ୍ୟୋତି ଦାଶ ପ୍ରମୁଖ ନିଜ ନିଜ ବିଭାଗ ର ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ । ବ୍ଲକ ସଂଯୋଜକ ଦେବାଶିଷ ପତ୍ରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୋପପୁରରେ ଶିଶୁ ମହୋତ୍ସବ ସୁରଭି



ବଡମ୍ବା,(ସବ୍ୟୁ): କଟକ ଜିଲ୍ଲା ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପପୁର ପଞ୍ଚାୟତର ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ,ଗୋପପୁର ଠାରେ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ପାଣିଙ୍କ ସଭାପତିତ୍ୱରେ ସାଧନ କେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି,ବଡମ୍ବାର ଅଧ୍ୟକ୍ଷ ରଘୁପତି ମହାନ୍ତି,ମୁଖ୍ୟ ବକ୍ତା ଭାବେ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା,ବିଶିଷ୍ଟ ଅତିଥିଭାବେ ୩୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥିଭାବେ କଟକ ଜିଲ୍ଲା ଓସ୍ତା ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ ଉପସ୍ଥିତ ଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ବଳରାମ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲା ବେଳେ ନାରାୟଣ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଚୌଧୁରୀ,କଦମପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଜେନା,ବାସୁଦେବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନୀଳିମା ମଞ୍ଜରୀ ମହାପାତ୍ର,ପଦ୍ମନାଭପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଥ,ପଙ୍କାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ପ୍ରଧାନ, ଗୋପପୁର ବାଳିକା ଉଚ୍ଚ ବିଦ୍ୟାଳୟର ମମତା ମଞ୍ଜରୀ ତ୍ରିପାଠୀ ପ୍ରଭୃତି ସହଯୋଗ ପ୍ରଦାନ କରିଥିଲେ ।ଆସନ୍ତା ୨୨ ତାରିଖରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବକୁ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଓ ଛାତ୍ରୀମାନେ ଆସିବା ପାଇଁ ସ୍ଥିର ହୋଇଥିଲା । ସର୍ବଶେଷରେ ଗୋପପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁନ୍ଦରଗ୍ରାମରେ ଶ୍ରୀରାମ ଚରିତ ମାନସ

କଣ୍ଟାପଡ଼ା, (ସବ୍ୟୁ):କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ସୁନ୍ଦର ପେଟ୍ରୋଲ ପମ୍ପ ପରିସରରେ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ମୁଖ ସୁନ୍ଦରପ୍ରଭାତ ଦାସ ଓ ନିର୍ଦ୍ଦେଶିକା ମିତ୍ରା ଦାସଙ୍କ ପ୍ରତକ୍ଷ ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରବକ୍ତା ପଣ୍ଡିତ ରବିନାରାୟଣ ପଣ୍ଡା ଓ ତାଙ୍କ ସାଥିମାନଙ୍କଦ୍ୱାରା ରାମାୟଣର ସୁନ୍ଦରାକାଣ୍ଡ ପରିବେଷଣ ହୋଇଥିଲା। ବାବନଚନ୍ଦ୍ର ମହାନ୍ତି, ପ୍ରଦୀପ୍ତ ପାତ୍ର, ଦିଲୀପ ପାତ୍ର, ଦ୍ୱାରିକାନାଥ ଦାଶ, ଜିତେନ୍ଦ୍ର ମହାନ୍ତି ଅଶୋକ ଚକ୍ରବର୍ତ୍ତି, ଦିଲୀପ ମହାନ୍ତି, ବିପିନ ବେହେରା, କୃଷ୍ଣଚନ୍ଦ୍ର ମହାର୍ନ୍ତି ଓ ରାମନାରାୟଣ ମହାନ୍ତିଙ୍କ ସମେତ ସୁନ୍ଦରଗ୍ରାମ, ବାଗଲପୁର, ପିଙ୍ଗାପଡ଼ା, ଚିକପୁର, ଦେଉଳି, କୁଅଁରପୁର, ଦାମୋଦରପୁର, ଗଙ୍ଗେଶ୍ୱରଗଡ଼, ବଡ଼ଝରିଲୋ, ଈଶ୍ୱରପୁର, ସନ୍ତୋଳ ଆଦି ଅଞ୍ଚଳର ଦର୍ଶକ ଓ ଶ୍ରୋତା ଉପସ୍ଥିତ ଥିଲେ। ସୁନ୍ଦର ପ୍ରକାଶ ଦାସ, ସୁନ୍ଦରପବିତ୍ର ଦାସ, ସୁନ୍ଦରପ୍ରବୀଣ ଦାସ, ସତମ ଦାସ, ଶୁଭମ ଦାସ, ସୁବାସ ରାୟ ଓ ନୃସିଂହ ବେଉରା କାର୍ଯକ୍ରମ ପରିଚାଳନା କରିଥିଲାବେଳେ ଅନ୍ତର ସାହୁ, ପ୍ରସନ୍ନ ସିଂ ଓ ସୁରେନ୍ଦ୍ର ଶର୍ମା ସହଯୋଗ କରିଥିଲେ।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ଅସ୍ତରଙ୍ଗ ,(ସବ୍ୟୁ): ପୁରୀଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ଅଂଚଳ ର ଅଗ୍ରଣୀ ଅନୁଷ୍ଠାନ ମା ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ୪୫ ତମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଶୁକ୍ରବାର ଦିନ ଆରମ୍ଭ ହୋଇଛି। ଉଦଘାଟନ ଉତ୍ସବରେ ବ୍ଲକ ବିଜେଡ଼ି ପୂର୍ବତନ ସଭାପତି ସାଇରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା , ସମ୍ମାନୀତ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ବ୍ଲକ ବିଜୁ ଜନତା ଦଳ ସଭାପତି ପଞ୍ଚାନନ ସ୍ୱାଇଁ, ପୂର୍ବତନ ୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଗଦାଧର ବିଶାଳ, ପୁରୀ ନିମାପଡ଼ା ସମ୍ମିଳିତ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ ଓ ୧ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା କ୍ଲବ ର ପ୍ରତିଷ୍ଠାତା ପ୍ରକାଶ କୁମାର ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କ୍ଲବର ଉନ୍ନତିକରଣ ପାଇଁ ବିଧାୟକ ଶ୍ରୀଯୁକ୍ତ ବେହେରା ବିଧାୟକ ପାଣ୍ଠିରୁ ୧୦ ଲକ୍ଷ୍ୟ ଟଙ୍କା ଅନୁଦାନ ଦେବାପାଇଁ ଘୋଷଣା କରିଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀଯୁକ୍ତ ବାରିକ ସୂଚନା ଦେଇଛନ୍ତି।

### ଧର୍ମପରାୟଣ ମହିଳାଙ୍କ ପରଲୋକ



ନିରାକାରପୁର,(ସବ୍ୟୁ):ଏମ୍ସ ହସ୍ପିଟାଲରେ ପ୍ରତାପ କୁମାର ଦାସଙ୍କ ଧର୍ମପତ୍ନୀ ସସ୍ମିତା ବିଶ୍ୱାଳ(୪)ଙ୍କର ବିୟୋଗ ହୋଇଯାଇଛି। ତାଙ୍କର ଘର ବାଙ୍କୀ ଗୋପାଳପୁର ହୋଇଥିଲେ ବି ସେ ଦୀର୍ଘ ବର୍ଷ ଧରି ଖୋର୍ଦ୍ଧା ଅଞ୍ଚଳ ରେ ରହି ଆସୁଥିଲେ। ସେ ଜଣେ ଭଦ୍ର, ମେଳାପି, ଧର୍ମପରାୟଣ ଓ ସରଳ ବିଶ୍ୱାସୀ ମହିଳା ଥିଲେ। ସେ କିଛି ଦିନ ହେବ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ରହିଥିଲା। ଶୁକ୍ରବାରି ତାଙ୍କର ରାତିରେ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶର ଏମ୍ସ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ବିୟୋଗରେ ଖୋର୍ଦ୍ଧା ଓ ତାଙ୍କ ବାସସ୍ଥାନ ବାଙ୍କୀ ଗୋପାଳପୁର ରେ ଶୋକ ଛାୟା ଖେଳିଯାଇଛି। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାକୁ ନେଇ ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଉଥିଲା। ଏକମାତ୍ରପୁତ୍ରସାଇ କ୍ରିଷ୍ଣା ଦାସ ମୁଖା ଅଗ୍ନି ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିତାଙ୍କର ଶେଷ ଦର୍ଶନ କରିଥିଲେ ।

# ରଗଡ଼ିପଡ଼ା ନୋଡାଲ କ୍ଲଷ୍ଟରର ମାସିକ ଭାଗିଦାରୀ ବୈଠକ

ବଡମ୍ବା,(ସବ୍ୟୁ)ଷବଡମ୍ବା ବ୍ଲକ ଅନ୍ତର୍ଗତ ରଗଡିପଡା କ୍ଲଷ୍ଟରର ନୂଆପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସୁନ୍ଦରିଆ ପରିସରରେ ପ୍ରତିମାସ ଭଳି ଚଳିତ ମାସର ଭାଗିଦାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭୁ ବନ୍ଦନା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସେଠୀ, ସାଧନ କେନ୍ଦ୍ର ସଂଯୋଜକ ସୁର ସୁନ୍ଦର ଶତପଥୀ ଓ ଅନ୍ୟ ବିଦ୍ୟାଳୟର ପ୍ରାଥମିକ ଶ୍ରେଣୀରେ ପାଠ ପାଉଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।ଉକ୍ତ ବୈଠକରେ ମୁଖ୍ୟତଃ ବର୍ଣ୍ଣାଳୀ,ଅକ୍ଟୋବର ମାସର ଶିକ୍ଷଣ ଦକ୍ଷତା ଓ ଲୋକପ୍ରିୟ ଓଡିଶା ସରକାର ତଥା ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବିଶେଷ କାର୍ଯ୍ୟକ୍ରମ ଆସ ପଢିବା ଓ ଗଢିବାବିଷୟରେ ସବିଶେଷ ଆଲୋଚନା କରାଯାଇ ମୁଖ୍ୟତଃ ପ୍ରାଥମିକ ଶ୍ରେଣୀର ପିଲାମାନେ କିପରି ଅଧିକରୁ ଅଧିକ ଗଣନା,ଶବ୍ଦ ପଢି ବାକ୍ୟ ପଠନ କରିପାରିବେ ଏହା ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ ବୈଠକରେ ଆଗ୍ରହ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଶାନ୍ତିଲତା ନାଏକ,ଅନିତା କୁମାରୀ ନାଏକ,ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ଜ୍ୟୋତି ପଟ୍ଟନାୟକ, ସୁଲୋଚନା ସାହୁ, ଅମିତାରାଣୀ ବେହେରା,ନୂଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁଧାଂଶୁ ଭୂଷଣ ରାଉତରାୟ,ରାଜକିଶୋର ବେହେରା, ଭାଗ୍ୟଲକ୍ଷ୍ମୀ ମନ୍ତ୍ରୀ,ସତୀଶ କୁମାର ମହାନ୍ତି ପ୍ରଭୃତି ଉପସ୍ଥିତ ଥିଲେ । ସର୍ବଶେଷରେ ଚମ୍ପେଇଦ୍ୱାର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ସ୍ମୃତିସଭା

ନିରାକାରପୁର,(ସବ୍ୟୁ):ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ମଧ୍ୟ ଇଂରାଜୀ ବିଦ୍ୟାଳୟ, କାଇପଦର୍ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବିଚିତ୍ରାନନ୍ଦ ଚମ୍ପତିରାୟ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି , ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଜନ୍ମେଜୟ ଚୌଧୁରୀ ମୁଖ୍ୟ ବକ୍ତା ଭାବରେ ସଗର୍ତ ଚମ୍ପତିରାୟଙ୍କର ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଯେଉଁ ସପ୍ନ ଥିଲା, ତାହା ଆଜି ସାକାର ହୋଇଛି ବୋଲି ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରତାପ କିଶୋର ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱର୍ଗତ ଆତ୍ମା ର ସଦଗତି ପାଇଁ ସ୍ମୃତି ଚାରଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଭୁବନେଶ୍ୱର ନାୟକ, ଡ. ସୁମନ୍ତ ଦେହେରୀ, ବଳରାମ ପଶାୟତ, ସୁଧାଂଶୁ ଶେଖର ରଣସିଂହ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ସୁଜ୍ଞାନୀ ଭଞ୍ଜସାମନ୍ତ, ଶୁଜସ୍ମିତା ବଳ, ଅନିତା ଦାଶ, ସଂଯପ୍ରଭା ମାନ୍ଧାତା, ସବିତା ବେହେରା , ସଂଘମିତ୍ରା ମହାପାତ୍ର, ଯଶସିନୀ ସାହୁ , ଅଧ୍ୟାପକ ସୌମ୍ୟରଞ୍ଜନ ଷଡ଼ଙ୍ଗୀ , ସୌମ୍ୟରଞ୍ଜନ ମିଶ୍ର, ମନ ସନ୍ନାମୀ, ସନ୍ଦୀପ ପଲ୍ଲାସିଂ, ତୁଷାରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍ଗତି କାମନା କରିଥିଲେ । ଧନ୍ୟବାଦ ପ୍ରଦାନ କରିଥିଲେ ମହାବିଦ୍ୟାଳୟର ଉପାଧ୍ୟକ୍ଷା ଅଧ୍ୟାପିକା ଶ୍ରୀମତି ସଚଳା ସାମନ୍ତରାୟ ।

# ଭିନଫାଷ୍ଟ ଇଣ୍ଡିଆର ବ୍ୟାଟେରୀ ଚଳିତ ଗାଡି ବଜାର ପ୍ରବେଶ



ଫୁଲନଖରା,(ସବ୍ୟୁ):ଭୁବନେଶ୍ୱର ଭିନଫାଷ୍ଟ ଇଣ୍ଡିଆର ପାହାଳ ଠାରେ ଥିବା ଏଏମପି ହୁଇଲ୍ସ ଆଉଟଲେଟ ପକ୍ଷ୍ୟରୁ ଦୁଇଟି ବ୍ୟାଟେରୀ ଚଳିତ ଗାଡି ଭି ଏଫ ୬ ଓ ଭିଏଫ୭ର ବଜାର ପ୍ରବେଶ ହୋଇଛି। ସେଥିମଧ୍ୟରୁ ଭିଏଫ୬ ଗାଡିଟି ଥରେ ଚାର୍ଜ ହେଲେ ୪୬୦ କିଲୋମିଟର ଯାଉଥିବା ବେଳେ ଭିଏଫ ୭ ଗାଡିଟି ୫୧୦ କିଲୋମିଟର ଯାଇପାରିବ ବୋଲି କମ୍ପାନୀ ମତପ୍ରକାଶ କରିଛି। ସେହି ପରି ଭିଏଫ୬ ର ବଜାର ମୂଲ୍ୟ ୧୬ ଲକ୍ଷ ୪୯ ହଜାର ରହିଥିବା ବେଳେ ସେଥିମଧ୍ୟରୁ ଏକ ଲକ୍ଷ ୫୦ ହଜାର ଟଙ୍କା ରିହାତି ମିଳୁଛି। ସେହି ପରି ଭିଏଫ ୭ ଗାଡିର ପ୍ରାଥମିକ ମୂଲ୍ୟ ୨୦ ଲକ୍ଷ ୮୯ ହଜାର ଥିବା ବେଳେ ସେଥିମଧ୍ୟରୁ ଏକ ଲକ୍ଷ ୫୦ ହଜାର ରିହାତି ମିଳୁଛି। ଶନିବାର ଗାଡି ଦୁଇଟିକୁ ଏ ଏମ ପି ଗ୍ରୁପ ଅଫ କମ୍ପାନୀ ର ଏମଡି ଅର୍ଣ୍ଣବ ପ୍ରଧାନ ଲୋକାର୍ପିତ କରି ୫ ଜଣ ଗ୍ରାହକଙ୍କୁ ହସ୍ତାନ୍ତରକରିଛନ୍ତି। ଏଏମପି ଗ୍ରୁପ ଅଫ କମ୍ପାନୀର ଜିଏମ ସେଲସ ସୁସ୍ମିତା ପଟନାୟକଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଗ୍ରାହକ ମାନଙ୍କୁ ସଠିକ ଭାବେ ଗାଡିର ତଥ୍ୟ ପ୍ରଦାନ କରିଥିବାରୁ ପ୍ରଥମ ମାସରେ ୪୧ ଟି ଗାଡି ବିକ୍ରୟ ହେବା ପାଇଁ ଗ୍ରାହକ ମାନେ ଅଗ୍ରୀମ ଟଙ୍କା ପ୍ରଦାନ କରିଛନ୍ତି ।ଜିଏମ ପଟ୍ଟନାୟକଙ୍କ କାର୍ଯ୍ୟଦକ୍ଷତା ଦେଖି ଓ ଗ୍ରାହକ ମାନଙ୍କ ସହିତ ଉତ୍ତମ ବୁଝାମଣା ଥିବାରୁ ତାଙ୍କୁ କମ୍ପାନୀ ପକ୍ଷରୁ ଭୂୟସୀ ପ୍ରଶଂସା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଏଚଆର ମ୍ୟାନେଜର ଲିଜା ସିଂହ,ଟିମ ଲିଡର ଅରିଜିତ ସରକାର ସମେତ ଆଉଟଲେଟର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଜେପିର ଯୁବ ସାଙ୍ଗଠନିକ ବୈଠକ



ବଳଙ୍ଗା, (ସବ୍ୟୁ) : ପୁରୀଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ପଦନପୁର ପଞ୍ଚାୟତରେ ଭାରତୀୟ ଜନତା ପାର୍ଟିର ଏକ ଯୁବ ସାଙ୍ଗଠନିକ ବୈଠକ ବେଲେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବିଜେପିର ରାଜ୍ୟ ମୁଖ ପାତ୍ର ଶଳ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହିତ ପଂଚାୟତର ବରିଷ୍ଠ ନେତୃତ୍ୱ ନରେନ୍ଦ୍ର ମହାନ୍ତି, ମିହିର କୁମାର ମିଶ୍ର, ଲକ୍ଷ୍ମୀଧର ପାତ୍ର, କୁମର ବର ସାହୁ ଏବଂ ବ୍ଲକର ଯୁବ ନେତୃତ୍ୱ ରାକେଶ ବେହେରା, ପଞ୍ଚାୟତର ଯୁବ ନେତୃତ୍ୱ ସବ୍ୟସାଚି ହରିଚନ୍ଦନ, ସତ୍ୟ ନାରାୟଣ ଭଟଚାର୍ଯ୍ୟ, ଅତୀଶ ନାୟକ, ସୀତା କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଏହି ବୈଠକରେ ଶତାଧିକ ଯୁବକ ଯୋଗ ଦେବା ସହିତ ଆଗାମୀ ଭବିଷ୍ୟତରେ ସଂଗଠନକୁ ସୁଦୃଢ କରିବା ପାଇଁ ସଂକଳ୍ପ ନିଆଯାଇଥିଲା।

# ବ୍ରିଟିଶ ଶାସନ ଜମିଦାରୀ ସମୟରୁ ଚାଲିଛି ଭିଙ୍ଗାରପୁର ବାଣ ଦୋକାନ

ବାଲିଅନ୍ତା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ପଞ୍ଚାୟତ ନରକୋଳିଆ ପୁଷ୍କରିଣୀ ନିକଟରେ ଅବସ୍ଥିତ ବାଣ ଦୋକାନ । ବ୍ରିଟିଶ ଶାସନ ସମୟରୁ ୧୦୦ ବର୍ଷ ରୁ ଉର୍ଦ୍ଧ୍ୱ ହେବ ନିରବଚ୍ଛିନ୍ନ ଭାବେ ଭିଙ୍ଗାରପୁରରେ ଏକ ବ୍ରାହ୍ମଣ ପରିବାରରେ ଚାଲୁରହିଛି ।ଏ ବାଣ ଦୋକାନ।୧୯୦୦ ମସିହା ଭିଙ୍ଗାରପୁର ଗ୍ରାମର ନିତ୍ୟାନନ୍ଦ ଦାଶ ଆରମ୍ଭ କରିଥିଲେ ।। ଭିଙ୍ଗାରପୁର ବାଣ ଦୋକାନ। ନିତ୍ୟାନନ୍ଦ ଦାଶ ୧୯୫୦ ମସିହାରେ ମୃତ୍ୟୁ ବରଣ କରିବା ପରେ ତାଙ୍କ ପୁତ୍ର ଶିବରାମ ଦାଶ ଓରଫ ବାଇଧର ଦାଶ ୧୯୫୦ ରୁ ଚଳାଇଥିଲେ। ସେ ୧୯୯୯ ମସିହା ରେ ମୃତ୍ୟୁ ବରଣ କରିଥିଲେ ପରେ ତାଙ୍କ ପୁତ୍ର କାହ୍ନୁଚରଣ ଦାଶ ୧୯୯୯ ରୁ ୨୦୨୨ ରେ ମୃତ୍ୟୁ ବରଣ କରିବା ପରେ ତାଙ୍କ ଭାଇ ବର୍ତ୍ତମାନ ମନୋରଞ୍ଜନ ଦାଶ ବାଣ ଦୋକାନ ଚଳାଉଛନ୍ତି। ଏହିପରି ଭିଙ୍ଗାରପୁର ବାଣ ଦୋକାନ ୩ପିଢ଼ି ରୁ ଚାଲି ଆସୁଛି।ଓଡ଼ିଶା ରେ କଂଗ୍ରେସ ଶାସନ ସମୟରୁ ପ୍ରଥମେ ଭୁବନେଶର ର ଗଙ୍ଗନଗର ରାବଣପୋଡ଼ି ରେ ବାଣ ପଠାଇଥିଲେ ଏହି ପରିବାର। ପରବର୍ତ୍ତୀ ସମୟରେ ଭୁବନେଶର ର ଯେଉଁ ଯେଉଁ ସ୍ଥାନମାନଙ୍କରେ ରାବଣପୋଡ଼ି ହୋଇଛି ସବୁ ପେଣ୍ଡାଲ କୁ ଭିଙ୍ଗାରପୁର ବାଣ ଯାଇଛି। ସହିଦନଗର ରାବଣପୋଡ଼ି, ରସୁଲଗଡ଼, ଗଣ୍ଡରପୁର ଓ ଏହିପରି ବିଭିନ୍ନ ଭସାଣି ଯାତ୍ରା ଯଥା ଝାରପଡ଼ା, ମଞ୍ଚେଶର ପ୍ରମୁଖ ବିଭିନ୍ନ ସ୍ଥାନରେ ଭିଙ୍ଗାରପୁର ବାଣ ପ୍ରଚଳିତ ଥିଲା। ଖାଲି ଓଡ଼ିଶା ନୁହେଁ ଓଡ଼ିଶା ବାହାର ବିହାର ରାଜ୍ୟ ପାଟନା ଗାନ୍ଧୀ ମଇଦାନ ଆଲକେମ କମ୍ପାନୀ ମାଲିକ ର ଏକ ବିବାହ ଉତ୍ସବକୁ ବାଣ ଯୋଗାଇ ଥିଲେ ଏହି ବ୍ରାହ୍ମଣ ପରିବାର। ସେଦିନ ଠାରୁ ଏପର୍ଯ୍ୟନ୍ତ ସରକାର ଙ୍କ ନିୟମ ଅନୁସାରେ ଭିଙ୍ଗାରପୁର ବାଣ ଦୋକାନ ନିରବଚ୍ଛିନ୍ନ ଭାବେ ସରକାରୀ ଲାଇସେନ୍ସ ପ୍ରାପ୍ତ କରି ବାଣ ପ୍ରସ୍ତୁତ ଠାରୁ ଆରମ୍ଭ କରି ବାଣ ବିକ୍ରି କରିଆସୁଛନ୍ତି ।

# ଦୀପାବଳୀ ଆନନ୍ଦ ବାଣ୍ଟିଲା ଜ୍ଞାନାର୍ଥ ପବ୍ଲିକ ସ୍କୁଲ



ଦଶପଲ୍ଲା ,(ସବ୍ୟୁ):ଦୟା ଓ ସମାଜ ପ୍ରତି ଦାୟିତ୍ୱବୋଧର ଏକ ସୁନ୍ଦର ପ୍ରୟାସରେ ଜ୍ଞାନାର୍ଥ ପବ୍ଲିକ ସ୍କୁଲ, ଦଶପଲ୍ଲା ସ୍ଥାନୀୟ ବୃଦ୍ଧାଶ୍ରମର ବାସିନ୍ଦାମାନଙ୍କ ସହିତ ଦୀପାବଳୀ ଉତ୍ସବ ପାଳନ କରିଛି। ଆଲୋକର ପର୍ବ ଦୀପାବଳୀର ପ୍ରକୃତ ମହତ୍ତ୍ୱ କୁ ଆପଣେଇ, ସ୍କୁଲ ପକ୍ଷରୁ ବୃଦ୍ଧାଶ୍ରମ ରେ ଥିବା ବୃଦ୍ଧବୃଧା ମାନଙ୍କୁ ଫଳ, ବିସ୍କୁଟ, ଶୁଖିଲା ଖାଦ୍ୟ ଓ ରାସନ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଛି । ଏହା ବୟସ୍କମାନଙ୍କ ମୁଖରେ ହସ ଆଣିଛି। ବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ନିଜେ ଅର୍ଥ ସଂଗ୍ରହ କରି ଉକ୍ତ ସାମଗ୍ରୀ ବଣ୍ଟନ କରିବା ସହିତ ବୃଦ୍ଧାଶ୍ରମର ବାସିନ୍ଦାମାନଙ୍କ ସହ ଅଂଶୀଦାର ହୋଇ କିଛି ସମୟ ପାଇଁ ଆବେଗପୂର୍ଣ୍ଣ ମୁହୂର୍ତ୍ତ ବିତାଇଥିଲେ । ଯାହାକି ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ।କ ବିଦ୍ୟାଳୟ ର ଏଭଳି ପଦକ୍ଷେପ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୟା, ସେବା ଓ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବାର ପ୍ରତିଫଳିତ ସୃଷ୍ଟି କରିବ । ଜ୍ଞାନାର୍ଥ ପବ୍ଲିକ ସ୍କୁଲ ଏପରି ଯୁବ ମନକୁ ଗଢ଼ିବା ପାଇଁ ପ୍ରତିବଦ୍ଧ ଯେଉଁମାନେ କେବଳ ଶିକ୍ଷାଗତ ଦିଗରେ ଉତ୍କୃଷ୍ଟ ନୁହନ୍ତି ବରଂ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତି। ଜ୍ଞାନାର୍ଥ ପବ୍ଲିକ ସ୍କୁଲ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉତ୍ସର୍ଗୀକୃତ ଯାହା ଶିକ୍ଷାଗତ ଉତ୍କର୍ଷ, ସୃଜନଶୀଳତା ଏବଂ ଦୃଢ଼ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୟା, ସାମୁଦାୟିକ ସଂଯୋଗ ଏବଂ ନେତୃତ୍ୱ ଗୁଣକୁ ଉତ୍ସାହିତ କରି ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ସାହୁ , ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ ।

# ବିଜେଡ଼ି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ଖଣ୍ଡପଡ଼ା,(ସବ୍ୟୁ):ଖଣ୍ଡପଡା ବ୍ଲକ ବିଜୁଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତର ପ୍ରସିଦ୍ଧ ମୁଣ୍ଡିଆ ହନୁମାନ ପୀଠ ଠାରୁ ବ୍ଲକ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନସମ୍ପର୍କ ପଦଯାତ୍ରାରେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରୀୟା ହେରା, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଖଣ୍ଡପଡ଼ା ବିଜେଡି ନେତ୍ରୀ ତଥା ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର ଦଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବାସୁଦେବ ମାଝି, ସୁଦର୍ଶନ ବେହେରା, ଦୁର୍ଯୋଧନ ସ୍ୱାଇଁ, ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସଭାନେତ୍ରୀ କବିତା ମହାରଣା, ଖଣ୍ଡପଡ଼ା ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ଛାତ୍ର ବିଜେଡି ସଭାପତି ବିକ୍ରମ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ତଥା ଯୁବନେତା ସୂର୍ଯ୍ୟ ନାରାୟଣ ପ୍ରଧାନ,ବୁଲୁ ଦାସ, ନାରାୟଣ ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ପଣ୍ଡା, ସମରେନ୍ଦ୍ର ମହାନ୍ତିଙ୍କ ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ୨୨ ଗୋଟି ପଞ୍ଚାୟତର ବିଜେଡି ସମର୍ଥୀତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟ, ପଞ୍ଚାୟତ ସଭାପତି ଓ ନେତୃବୃନ୍ଦ ଯୋଗ ଦେଇଥିଲେ। ଯୁବନେତା ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଜନସମ୍ପର୍କ ପଦଯାତ୍ରା ମର୍ଦ୍ଦରାଜପୁର ଠାରୁ ବାହାରି ଖଳିସାହି ତୋଟା ହନୁମାନ ପୀଠ ପର୍ଯ୍ୟନ୍ତ ଆସିଥିବା ସମୟରେ ଦୁଇ ହଜାରରୁ ଉର୍ଦ୍ଧ ନେତା ଓ କର୍ମୀ ଯୋଗଦେଇଥିଲେ। ଖଣ୍ଡପଡ଼ା ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ଜଣାଯାଇଛି।

# ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକର ୧୭ ଗୋଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଓ ଏଫଏଲଏନ ଶିକ୍ଷକ ମାନଙ୍କୁ ନେଇ କ୍ଲଷ୍ଟର ସ୍ତରୀୟ ଚତୁର୍ଥ ମାସିକ କୁଳମଣି କ୍ଲଷ୍ଟର ପକ୍ଷରୁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୋଛିଆଁ ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ପ୍ରଧାନଶିକ୍ଷକ ଅଜୟ କୁମାର ସେଠୀଙ୍କ ସଭାପତିତ୍ୱରେ କରିଥିବା ବେଳେ ସିଆରସିସି ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ବୈଠକରେ । ଶିକ୍ଷଣ ସୋପାନ ରେଜିଷ୍ଟର, ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷକଙ୍କ ଦାରା ପାଠ ଟୀକା ପ୍ରସ୍ତୁତି, ବିଦ୍ୟାଳୟ ସ୍ତରୀୟ ପଠନ ପ୍ରୋତ୍ସାହନ ଆସ ପଢିବା ଗଢିବା ଓଡ଼ିଶା, ବର୍ଣ୍ଣାଳୀ କାର୍ଯ୍ୟକ୍ରମ ତଥା ଜିଲ୍ଲା ଭିତ୍ତିକ ଶୈକ୍ଷିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା ।

(ଶ୍ରୀମଭଗବଦ୍ ଗୀତା ୧୮/୬୭)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।**
**ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ॥ ୬୭ ॥**

(ଏବଂ ଗୀତାର୍ଥତତ୍ତ୍ୱଂ ଉପଦିଶ୍ୟ ତତ୍ସଂପ୍ରଦାୟପ୍ରବର୍ତ୍ତନେ ନିୟମମାହ)– ଇଦଂ (ଗୀତାର୍ଥତତ୍ତ୍ୱଂ) ତେ (ତ୍ୱୟା) ଅତପସ୍କାୟ (ସ୍ୱଧର୍ମାନୁଷ୍ଠାନହୀନାୟ) ନ ବାଚ୍ୟଂ: ନ ଚ ଅଭକ୍ତାୟ (ଗୁରୌ ଈଶ୍ୱରେ ଚ ଭକ୍ତିଶୂନ୍ୟାୟ) କଦାଚନ (କଦାଚିଦପି) (ବାଚ୍ୟଂ), ନ ଚ ମାଂ (ପରମଶ୍ୱେରଂ) ଯଃ ଅଭ୍ୟସୂୟତି (ମନୁଷ୍ୟଦୃଷ୍ଟ୍ୟା ଦୋଷାରୋପେଣ ନିନ୍ଦତି), ତସ୍ମୈ ଚ) (ନ ବାଚ୍ୟଂ) ॥ ୬୭ ॥

# ଆମ ସାମାଜିକ ବ୍ୟବସ୍ଥାର ଅଧୋଗତି

ଏକ ସୁନ୍ଦର ସାମାଜିକ ବ୍ୟବସ୍ଥା ମଧ୍ୟରେ ଆମେମାନେ ସୁସ୍ଥ ଓ ଶୃଙ୍ଖଳିତ ଭାବେ ଜୀବନଯାପନ କରିବାକୁ ଚାହୁଁଥିଲେ ମଧ୍ୟ ଏହା ଆଉ ସମ୍ଭବ ହେଉନାହିଁ । ବିଭିନ୍ନ ଧର୍ମପୀଠରେ ବେଶ ଭିଡ଼ ଜମୁଛି । ଏପରିକି ଧର୍ମ ଉତ୍ସବମାନଙ୍କରେ ମଧ୍ୟ ଜନ ସମାବେଶର ଅଭାବ ନାହିଁ । ତଥାପି ବ୍ୟଭିଚାର ଆଉ ଅସାମାଜିକ କାର୍ଯ୍ୟକଳାପର ମାତ୍ରା ବଢ଼ି ବଢ଼ି ଚାଲିଛି । ଆମମାନଙ୍କୁ ବା ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ଲାଗି ଧର୍ମଗୁରୁମାନେ ବିଭିନ୍ନ ପ୍ରବଚନ ମାଧ୍ୟମରେ ପରାମର୍ଶ ଦେଉଛନ୍ତି, କିନ୍ତୁ ସେ ସବୁ ବିଶେଷ ଫଳପ୍ରଦ ହେଉଥିବା ପରି ମନେ ହେଉନାହିଁ । ସମ୍ବାଦପତ୍ର ବା ତଡିତ୍ ଗଣ ଯୋଗାଯୋଗ ମାଧ୍ୟମ କେବଳ ରାଜନୀତିକ ବ୍ୟକ୍ତିବିଶେଷ ବା ସେହିପରି ଧନୀକ ଗୋଷ୍ଠୀ ବା କ୍ଷମତାଶାଳୀ ଅମଲାତନ୍ତ୍ରକୁ ହିରୋ କରି ସମ୍ବାଦ ପରିବେଷଣ କରି ଆସୁଥିଲେ ମଧ୍ୟ ଜନସାଧାରଣଙ୍କ ଉପରେ ତାହାର ପ୍ରଭାବ ଅନୁଭୂତ ହେଉ ନାହିଁ । ପ୍ରାୟ ପ୍ରତିଦିନ ଅନେକ ପୁସ୍ତକ ଉନ୍ମୋଚିତ ହେଉଥିବା ବିଷୟ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରି ଆସୁଥିଲେ ମଧ୍ୟ ପଠନସ୍ପୃହା ଅଭାବରୁ ସାଧାରଣ ବା ଶିକ୍ଷିତ ବର୍ଗର ଲୋକେ ସେ ସବୁକୁ ଆଉ ପୂର୍ବ ପରି ପାଠ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏପରିକି ପୁରାତନ ଉପାଦେୟ ବା କ୍ଲାସିକ ପୁସ୍ତକଗୁଡ଼ିକ ମଧ୍ୟ ଆଦୃତ ହୋଇ ପାରୁନାହିଁ । ଏ ସମାଜକୁ ବଦଳାଇବା ଲାଗି, ଏ ଭାରତକୁ ନୂତନ ଭାରତରେ ପରିଣତ କରିବା ପାଇଁ, ଏହାର ଅର୍ଥନୀତିକୁ ସୁଦୃଢ଼ କରି ସମାଜର ନିମ୍ନସ୍ତରରେ ଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ କଥାରେ ଓ କାର୍ଯ୍ୟରେ ଭାରତୀୟମାନଙ୍କ ଉପରେ ପ୍ରଭାବ ବିସ୍ତାର କରି ପାରିଛନ୍ତି । ତଥାପି ଆମେ ଅଧିକ ମାତ୍ରାରେ ସ୍ୱାର୍ଥକୈନ୍ଦ୍ରିକ ହୋଇ ଯାଇଛୁଁ । ଏପରିକି ନିଜ ପରିବାରର ଜଣେ କେହି ଉପରକୁ ଉଠି ଆର୍ଥିକ କ୍ଷେତ୍ରରେ ଅଧିକ ସ୍ୱଚ୍ଛଳ ହେଲେ ହେଁ ନିଜ ପଛରେ ଥିବା ପରିବାରର ଅନ୍ୟମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉପରସ୍ତରକୁ ନେବା ଲାଗି ଉଦ୍ୟମ ଓ ଆନ୍ତରିକତାର ଅଭାବ ରହିଛି ।

ପୂର୍ବର ଏକାନ୍ନବର୍ତ୍ତୀ ବିରାଟ ପରିବାର ମଧ୍ୟରେ ଜୀବନଯାପନ କରିବା ଏବେ ଅସମ୍ଭବ ହୋଇ ପଡ଼ିଛି । ଜୀବିକାନ୍ୱେଷଣରେ ଦୂରରେ ରହିଥିବା ସନ୍ତାନସନ୍ତତିଙ୍କ ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ କମ୍ପ୍ୟୁଟର ସହାୟତାରେ ସ୍କାଇପି (Skype) ବା ଏବର ମୋବାଇଲ ଫୋନର ଭିଡିଓ କଲ୍ ବା ମେସେଞ୍ଜର କଲ୍‌ରେ କଥାବାର୍ତ୍ତା ସାମୟିକ ଆନନ୍ଦ ଆମମାନଙ୍କୁ ବା ଦୂରରେ ରହିଥିବା ପିଲାମାନଙ୍କୁ ଦେଇ ପାରୁଛି ।

କିନ୍ତୁ ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି, ନୀରିହ ଲୋକଙ୍କ ଉପରେ ଅସାମାଜିକ ବ୍ୟକ୍ତିମାନଙ୍କର ଅତ୍ୟାଚାର । ଘର ଭିତରେ ବୃଦ୍ଧ, ବୃଦ୍ଧା ବା ନୀରିହ ଲୋକଙ୍କ ନିକଟରୁ ଧନରତ୍ନ ବା ଅଳଙ୍କାରାଦି ଲୁଟ୍‌ପାଟ କରି ନେଇଯିବା କିମ୍ବା ନାବାଳିକା, ବାଳିକା ବା ମହିଳାଙ୍କୁ ବଳାତ୍କାର କରିବା ଓ ବେଳେ ବେଳେ ସେମାନଙ୍କୁ ମାରି ପକାଇବା ପରି ଘଟଣା ଆମମାନଙ୍କ ମନକୁ ଆନ୍ଦୋଳିତ କରୁଛି । ଆମେ କିଛି କରି ପାରୁ ନାହୁଁ । କେବଳ ପ୍ରଶାସନ ବା ପୋଲିସ ଉପରେ ବିଶ୍ୱାସ ସ୍ଥାପନ କରିବା ବ୍ୟତୀତ ଯେପରି ଆମର ଆଉ ଗତ୍ୟନ୍ତର କିଛି ନାହିଁ ।


ବ୍ରିଟିଶ ଅମଳରୁ ପ୍ରଚଳିତ ପୁରୁଣା କାଳିଆ ଆମର ଭାରତୀୟ ପେନାଲ କୋର୍ଡ (IPC) ବା କୋର୍ଡ ଅଫ୍ କ୍ରିମିନାଲ ପ୍ରୋସିଜିଓର (CrPC) ଓ ଭାରତୀୟ ସାକ୍ଷ୍ୟ ପ୍ରଦାନ ବ୍ୟବସ୍ଥା (Indian Evidence Act) ସବୁକୁ ଭାରତ ସରକାର ବଦଳାଇ ଭାରତୀୟ ନାଗରିକ ସୁରକ୍ଷା ସଂହିତା (BNSS) ଗତ ୨୦୨୪ ଜୁଲାଇ ମାସରୁ ଆରମ୍ଭ କରିଛନ୍ତି । କେତେକ ଆଇନରେ ପରିବର୍ତ୍ତନ ମଧ୍ୟ ହୋଇଛି । ନୂତନ ଆଇନ ବ୍ୟବସ୍ଥାରେ ଭିଡିଓ ରେକର୍ଡିଂ (Videography)କୁ ତଦନ୍ତ ଓ ଜିନିଷପତ୍ର ଜବତ ବେଳେ ବାଧ୍ୟତାମୂଳକ କରାଯାଇଛି । ନୀରିହ ଜନସାଧାରଣଙ୍କୁ ଅସୁବିଧାରେ ପକାଇ ଭିଡିଓ ଜରିଆରେ ପୋଲିସ ରେକର୍ଡ କରି ନଥିଲେ ତାହାର ଅଭିଯୋଗ ଫର୍ଦ୍ଦ ହୁଏତ ଗ୍ରହଣଯୋଗ୍ୟ ହେବ ନାହିଁ । ଏ ସବୁ ସଂସ୍କାର ଓ ସଂଶୋଧନ ସତ୍ତ୍ୱେ, ଏବେ ଅନ୍‌ଲାଇନ ଏତାଲା (ଫୋନ ମେସେଜ ବା କମ୍ପ୍ୟୁଟର ଇମେଲ ପଦ୍ଧତିରେ) ଦିଆଯିବା ପରେ ମଧ୍ୟ ଅପରାଧୀଙ୍କୁ ଧରିବାରେ ପୋଲିସ ବିଶେଷ ସଫଳ ହୋଇ ପାରୁନାହିଁ । ଯଥେଷ୍ଟ ସଂଖ୍ୟାରେ ପୋଲିସ ଅଧିକାରୀ ଓ କର୍ମଚାରୀ ମଧ୍ୟ ନାହାନ୍ତି ।

ବଳାତ୍କାର ଘଟଣା ଆମ ସମାଜରେ କେବଳ ବଢ଼ି ଚାଲିନାହିଁ, ଆମ ସମାଜକୁ ଲଜ୍ଜିତ କରିଛି ମଧ୍ୟ । କେଉଁଠି ପୋଲିସ ବଳାତ୍କାରୀଙ୍କୁ ଧରି ପାରୁଛି ତ ଆଉ କେଉଁଠି ଧରି ପାରୁ ନାହିଁ । ଏକଦା ଗୋଟାଏ ବଳାତ୍କାର (Rape) ଘଟଣାରେ ଲ'କମିଶନ ପ୍ରାୟ ଚବିଶ ବର୍ଷ ତଳେ ୨୦୦୦ ମସିହାରେ ବଳାତ୍କାର ଆଇନ (Rape Law) ଉପରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଳାତ୍କାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେଉଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ମାତ୍ର ବଳାତ୍କାରୀଙ୍କ ପାଇଁ ଅଧିକରୁ ଅଧିକ କଠୋର ଦଣ୍ଡର ବ୍ୟବସ୍ଥା ହେଉ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପରମ୍ପରା ଓ ଧର୍ମଧାରାରେ ଦୀପାବଳି



**ଅନନ୍ତ ଗୋପାଳ ପଣ୍ଡା**

ସ୍ମରଣାତୀତ କାଳରୁ ଦେବଭୂମି, ପୁଣ୍ୟଭୂମି ଭାରତବର୍ଷରେ ବିଭିନ୍ନ ଦେବଦେବୀଙ୍କ ଉପାସନାର ଧାରା ଅବ୍ୟାହତ ରହିଛି । ଏହି ଦେବଦେବୀଙ୍କ ଅବଦାନ ଯଥା– ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଦ୍ୱାରା ଆଲୋକ ବିଚ୍ଛୁରଣ, ବାୟୁଦେବଙ୍କ ଦ୍ୱାରା ମୃଦୁ ମନ୍ଦ ସମୀରଣ, ଇନ୍ଦ୍ରଦେବଙ୍କ ଦ୍ୱାରା ମେଘ ବର୍ଷଣ, ବରୁଣଦେବଙ୍କ ଦ୍ୱାରା ଜଳ ପ୍ରଦାନ, ଅଗ୍ନିଦେବଙ୍କ ଦ୍ୱାରା ଖାଦ୍ୟ ରନ୍ଧନ, ଧରଣୀ ମାତାଙ୍କ ଦ୍ୱାରା ଶସ୍ୟ ଉତ୍ପନ୍ନ ହେବା ଦ୍ୱାରା ଜୀବ ଜଗତର ଅଶେଷ କଲ୍ୟାଣ ସାଧିତ ହେଉଛି । ଜୀବନ ଧାରଣର ମାର୍ଗ କୁସୁମିତ ହେବା ସହିତ ଈଶ୍ୱରଙ୍କ ସୃଷ୍ଟି ଗତିଶୀଳ ହେଉଛି । ଯାହାଙ୍କର ଅବଦାନ ଯୋଗୁଁ ଜନଜୀବନ ମଧୁମୟ, ମଙ୍ଗଳମୟ ହୋଇଛି, ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା, ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବେ ପ୍ରତ୍ୟେକ ମନୁଷ୍ୟର ପରମ ଧର୍ମ ଓ କର୍ତ୍ତବ୍ୟ । ଏତଦ୍‌ବ୍ୟତୀତ ଯେଉଁ ପିତୃପୁରୁଷଙ୍କ ଯୋଗୁଁ ଧରାପୃଷ୍ଠରେ ଆମର ଜନ୍ମ ସମ୍ଭବ ହୋଇଛି, ସେମାନଙ୍କୁ ସ୍ମରଣ କରିବା ସହିତ କୃତଜ୍ଞତାର ଅର୍ଘ୍ୟ ସମର୍ପଣ କରିବା ମଧ୍ୟ ଆମର ନୈତିକ କର୍ତ୍ତବ୍ୟ ।

ସେହି ଦେବଦେବୀ ତଥା ପିତୃପୁରୁଷମାନଙ୍କର ଆରାଧନା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ତିଥି ବାରର ପରିକଳ୍ପନା କରାଯାଇଛି । ସେହି ପୁଣ୍ୟ ତିଥି ଅବସରରେ ଅନୁଷ୍ଠିତ ଦେବଦେବୀଙ୍କ ଉପାସନାର ମୁହୂର୍ତ୍ତଗୁଡ଼ିକ ହୋଇଥାଏ ଉତ୍ସବ ମୁଖର, ଯାହାକି ପର୍ବ ନାମରେ ନାମିତ ହୋଇଥାଏ । ଆବାଳବୃଦ୍ଧବନିତା ଏଥିରେ ସାମିଲ ହୋଇ ଅପାର ଆନନ୍ଦ ଲାଭ କରନ୍ତି । ବିଜ୍ଞାନର ଉନ୍ନତି ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସତ୍ତ୍ୱେ ଗଣ ଜୀବନର ସାଂସ୍କୃତିକ ଭାବାବେଗ ସହ ଏହି ପର୍ବପର୍ବାଣୀର ସଂପର୍କ ରହିଛି ନିବିଡ଼ ଓ ଅତୁଟ । ଯେଉଁ ପର୍ବ ଦେଶର ସର୍ବତ୍ର ହୋଇଥାଏ ପାଳିତ, ତାହା ଲାଭ କରିଥାଏ ଜାତୀୟ ପର୍ବର ମାନ୍ୟତା । ଏହି ପର୍ବଗୁଡ଼ିକ ମଧ୍ୟରେ ଆଲୋକର ପର୍ବ ଦୀପାବଳି ଅନ୍ୟତମ ।

ଆକୁମାରୀ ହିମାଚଳ ସର୍ବତ୍ର ହର୍ଷ ଉଲ୍ଲାସ ମଧ୍ୟରେ ପାଳିତ ହୋଇଥାଏ ଗଣପର୍ବ ଦୀପାବଳି । ଏହି ଉତ୍ସବର ଅନ୍ତରାଳରେ ରହିଛି ଅନେକ ଲୋକକଥା ଓ ପୌରାଣିକ କିମ୍ବଦନ୍ତୀ । ଏହି ପର୍ବର ମୁଖ୍ୟ ଆକର୍ଷଣ ଦୀପ ପ୍ରଜ୍ୱଳନ ହେଉଛି । ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଗୃହରେ ଏହି ଦୀପଦାନ ଗ୍ରହଣ କରିଥାଏ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା । ଯଦିଓ ପରବର୍ତ୍ତୀ ସମୟରେ ଏହା ସହିତ ଆତସବାଜି ପ୍ରଦର୍ଶନ ହୋଇଛି ସଂଯୋଜିତ ତଥାପି ଦୀପଦାନ ବଜାୟ ରଖିଛି ତାର ସାତ୍ତ୍ୱିକତା । ପୌରାଣିକ ଘଟଣାବଳୀକୁ ସ୍ମରଣ କରିବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଏ ଏହି ଦୀପଦାନ କାର୍ଯ୍ୟକ୍ରମ । ଏଥି ସହିତ ଦଶ ମହାବିଦ୍ୟାମାନଙ୍କ ମଧ୍ୟରେ ପ୍ରଥମ ମହାବିଦ୍ୟା ରୂପେ ପୂଜିତା ମା' କାଳୀଙ୍କର ପୂଜା ଅର୍ଚ୍ଚନା କରାଯାଏ । ଏତଦ୍‌ବ୍ୟତୀତ ପ୍ରତି ଗୃହରେ ଐଶ୍ୱର୍ଯ୍ୟର ଦେବୀ ମା' ଲକ୍ଷ୍ମୀଙ୍କର ମଧ୍ୟ ନିରାଜନା ହୋଇଥାଏ ।



ତ୍ରେତୟାଯୁଗରେ ବିଶ୍ରବାନନ୍ଦନ ଲଙ୍କପତି ଦଶାନନକୁ ବଧ କରି ରଘୁକୁଳତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ର ଏହି ଦିବସରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଚତୁର୍ଦ୍ଦଶ ବର୍ଷ ବ୍ୟବଧାନରେ ପ୍ରଭୁଙ୍କର ଶୁଭାଗମନକୁ ଅଯୋଧ୍ୟାବାସୀ ଅତି ଆନନ୍ଦ ଉତ୍ସାହର ସହିତ ପାଳନ କରିବା ଅବସରରେ ପ୍ରତି ଗୃହରେ ପ୍ରଜ୍ୱଳିତ ହୋଇଥିଲା ଏକାଧିକ ଦୀପାଳି ଏବଂ ଦ୍ୱାର ଦେଶରେ ପୂର୍ଣ୍ଣକୁମ୍ଭ ଶୋଭା ପାଇଥିଲା । ସେହିପରି ଦ୍ୱାପର ଯୁଗରେ ଦ୍ୱାରିକାଧିପତି ଭାଗବାନ ଶ୍ରୀକୃଷ୍ଣ ଏହି ଦିବସରେ ନରକାସୁରକୁ ନିଧନ ପୂର୍ବକ ରାଜ୍ୟବାସୀଙ୍କୁ ଅସୁରର ପ୍ରାଦୁର୍ଭାବରୁ ମୁକ୍ତ କରିଥିବାରୁ ସେହି ଆନନ୍ଦରେ ପୁରପଲ୍ଲୀ ହୋଇ ଉଠିଥିଲା ଉତ୍ସବମୁଖର ଏବଂ ସବୁ ଗୃହାଙ୍ଗନରେ ଜଳି ଉଠିଥିଲା ଦୀପାଳି । ଏତଦ୍‌ବ୍ୟତୀତ ପାତାଳପୁରରେ ଅବସ୍ଥାନ କରୁଥିବା ବଳିରାଜା ବର୍ଷକରେ ଥରେ ଏହି ଦିବସରେ ମର୍ତ୍ତ୍ୟପୁରର ପ୍ରଜାମାନଙ୍କୁ ଦେଖିବାକୁ ଆସିବା ସମୟରେ ପ୍ରଜାମାନେ ଦୀପ ପ୍ରଜ୍ୱଳନ ପୂର୍ବକ ବଳି ରାଜାଙ୍କୁ ସମ୍ମାନ ଜଣାଇଥାନ୍ତି । ଏହି ଉଭୟ ଉତ୍ସବର ସ୍ମାରକୀ ସ୍ୱରୂପ ଦୀପାବଳି ଅମାବାସ୍ୟାରେ ପ୍ରତି ଗୃହ ଆଲୋକମାଳାରେ ସଜ୍ଜିତ ହେବା ସଙ୍ଗେ ସଙ୍ଗେ ଏକାଧିକ ଦୀପାଳି ହୋଇଥାଏ ପ୍ରଜ୍ୱଳିତ ।

ଏହି ଦିବସରେ ଅନ୍ୟ ଏକ ତାତ୍ପର୍ଯ୍ୟ ହେଉଛି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ପୟାଶ୍ରାଦ୍ଧ ଓ ଦୀପ ସମର୍ପଣ । ଯେଉଁମାନଙ୍କର କୃପାରୁ ଆମ୍ଭେମାନେ ଏହି ଧରାରେ ମନୁଷ୍ୟ ରୂପରେ ଜନ୍ମଲାଭ କରିଛୁଁ, ସେହି ପିତୃପୁରୁଷମାନଙ୍କର ଦାୟାଦ ଭାବରେ ସେମାନଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନର ବ୍ୟବସ୍ଥା ରହିଛି ଆମର ସନାତନ ଧର୍ମରେ । ମନୁ ସଂହିତା, ପଣ୍ଡିତ ସର୍ବସ୍ୱ, ଗଦାଧର ପଦ୍ଧତିରେ ଏହି ବିଧିବିଧାନ ବର୍ଣ୍ଣିତ ହୋଇଛି । ଯେଉଁ ହିନ୍ଦୁମାନେ ପିତୃପକ୍ଷ ବା ମହାଳୟା ଅମାବାସ୍ୟାରେ ପିତୃପୁରୁଷମାନଙ୍କୁ ପିଣ୍ଡଦାନ କରିନଥାନ୍ତି, ସେମାନେ ଏହି ଦୀପାବଳି ଅମାବାସ୍ୟାର ଦିବସାର୍ଦ୍ଧରେ ସେହି ଶ୍ରାଦ୍ଧ କର୍ମ କରନ୍ତି ସମ୍ପାଦନ ଏବଂ ରାତ୍ରିର ଆଗମନରେ ପୟାଶ୍ରାଦ୍ଧ ମାଧ୍ୟମରେ ସପ୍ତ ଋଷି (ସନକ, ସନନ୍ଦ, ସନାତନ, ଆସୁରୀ, ବୋଢୁ, କପିଳ, ପଞ୍ଚଶିଖ) ଦଶ ବିଶ୍ୱଦେବା (କ୍ରତୁ, ଦକ୍ଷ, ବସୁ, ସତ୍ୟ, କାଳ, କାମ, ଧୁରି, ରୋଚନ, ପୁରୋରବଃ, ମାଦ୍ରବସଃ) ଓ ଦ୍ୱାଦଶ ପିତୃପୁରୁଷ (ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରପିତାମହୀ, ମାତାମହ, ପ୍ରମାତାମହ, ବୃଦ୍ଧ ପ୍ରମାତାମହ, ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ) ମାନଙ୍କୁ ପୂଜା ଆରାଧନା ସହିତ ଘୃତ ମିଶ୍ରିତ ବତୀ ସମର୍ପଣ କରିଥାନ୍ତି । ପିତୃ ପୁରୁଷଙ୍କ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କାଳରେ ଦୀପାଳି କିମ୍ବା କାଉଁରିଆ କାଠି ଜଳାଇ କୁହାଯାଏ, 'ପିତୃଲୋକଂ ପରିତ୍ୟଜ୍ୟ ଆଗତାଃ ଯେ ମହାଳୟେ, ଉଜ୍ଜ୍ୱଳଂ ଜ୍ୟୋତିଷାଂ ମାର୍ଗଂ ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ । ଅନ୍ୟ କେହି କାଉଁରିଆ କାଠି ଜଳାଇ କହିଥାନ୍ତି, ବଡ଼ ବଡୁଆ ହୋ ! ଅନ୍ଧାରରେ ଆସ, ଆଲୁଅରେ ଯାଅ, ଗଙ୍ଗାଯାଅ, ଗୟା ଯାଅ, ବାଇଶିପାହାଚରେ ମହାପ୍ରସାଦ ଖାଇ ଗଡ଼ଗଡ଼ଉ ଥାଅ । ପିଲାମାନଙ୍କୁ ଅମୃତ ଦୃଷ୍ଟିରେ ଚାହୁଁଥାଅ ।'

ଜୈନମାନେ ଏହି ଦିବସକୁ ମହାବୀରଙ୍କର ମୁକ୍ତି ଦିବସ ଭାବରେ ପାଳନ କରିଥାନ୍ତି । ଶିଖ ସମ୍ପ୍ରଦାୟଙ୍କର ଷଷ୍ଠଗୁରୁ ହରଗୋବିନ୍ଦ ସିଂହ ଗୋଆଲିୟରର ଦୁର୍ଗରେ ବନ୍ଦିଥିବା ୫୨ ଜଣ ରାଜାଙ୍କୁ ମୁକ୍ତି ପ୍ରଦାନ କରିଥିବାରୁ ଶିଖମାନେ ମଧ୍ୟ ଏହି ଦିବସକୁ ମହା ସମାରୋହରେ ପାଳନ କରିଥାନ୍ତି । ଏତଦ୍‌ବ୍ୟତୀତ ଏହି ଦିବସରେ ଦେଶର ସୀମାରେଖାରେ ହୋଇଥାଏ ମିଷ୍ଟାନ୍ନ ବଣ୍ଟନ ଉତ୍ସବ । ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନର ନୂତନ ଖାତା ମଧ୍ୟ ପୂଜନ କରିଥାନ୍ତି ।

ଗଣଜୀବନକୁ ଉତ୍ସବ ମୁଖର କରୁଥବା ପର୍ବପର୍ବାଣୀମାନଙ୍କ ମଧ୍ୟରେ ଦୀପାବଳି ଗ୍ରହଣ କରିଛି ଏକ ପ୍ରମୁଖ ଭୂମିକା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆଲୋକର ଏହି ପର୍ବ ସମସ୍ତଙ୍କ ଦ୍ୱାରା ପାଳିତ ହୋଇ ଜାତୀୟ ମହୋତ୍ସବରେ ପରିଣତ ହେବା ସଂଗେ ସଂଗେ ଜାତୀୟ ସଂହତିର ବାର୍ତ୍ତା କରୁଛି ପ୍ରଚାର ଓ ପ୍ରସାର । ଅନୁସୃତ ହେଉଛି ଭାଇଚାରର ଏକ ଉନ୍ନତ ପରମ୍ପରା । ଆସନ୍ତୁ, ଆତସବାଜି ପ୍ରତି ଆକୃଷ୍ଟ ନହୋଇ ପରିବେଶ ପ୍ରଦୂଷଣ ପ୍ରତି ସଜାଗ ରହିବା ସହିତ ଏହି ଗଣପର୍ବର ମୌଳିକ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିବା ପୂର୍ବକ, ଜ୍ଞାନାଲୋକକୁ ପ୍ରଜ୍ୱଳିତ କରାଇ ଅମାବାସ୍ୟା ରୂପକ ଅଜ୍ଞାନ ତମସାକୁ ଦୂରୀଭୂତ କରିବା ଏବଂ ସମସ୍ୱରରେ ଗାଇଉଠିବା ଉପନିଷଦ୍‌ର ସେହି ଅମୃତମୟ ବାଣୀ, 'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋ ମା ଅମୃତଂ ଗମୟ ।'

**ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର**
**ମୋ-୯୮୬୧୪୭୦୧୯୮**

# କୁଆଡ଼େ ଗଲା ସେ ଗାଁର ମୋହ !

**ଯଚିଦାନନ୍ଦ ଦାଶ**

ସହରରେ ସ୍ଥାୟୀ ଭାବରେ ରହୁଥିବା ଜଣେ ଲୋକ ଯଦି ଗାଁକୁ ବୁଲି ପଳେଇ ଆସେ, ଏବଂ ତାର କେହି ଜଣେ ବନ୍ଧୁବାନ୍ଧବ ବା ଚିହ୍ନା ଜଣା ଲୋକଟିଏ ଭେଟ ହୋଇଯାଏ, ଅନେକ ଅବାନ୍ତର ଓ ଅଯୌକ୍ତିକ କଥାଗୁଡ଼ିଏ ତାଙ୍କଠାରୁ ଶୁଣିବାକୁ ପଡ଼େ । ଯାହା ଶୁଣିବା ଲୋକକୁ ଭାରି ଅଡୁଆ ଲାଗେ ।

ସେହି ଅବାନ୍ତର ଓ ବିରକ୍ତିକର କଥାଗୁଡ଼ିକ ହେଲା, ଯଥା– ମାଉସା ! ସହରରେ ରହି ରହି ଗାଁଟା ଆଉ ଭଲ ଲାଗୁନାହିଁ । ଏଠାରେ ଗାଧୋଇବାକୁ ପାଇପ ପାଣି ନାହିଁ । ବଜାରକୁ ଯିବାକୁ ଅଟୋରିକ୍ସା ମିଳୁନି । ରାସ୍ତାଘାଟ ଖାଲ ଢିପରେ ପରିପୂର୍ଣ୍ଣ ଇତ୍ୟାଦି । ସତେ ଯେମିତି ଗାଁର ଲୋକଗୁଡ଼ାକ ଗାଧୋଉ ନାହାନ୍ତି, ଖାଉନାହାନ୍ତି ବା ବଞ୍ଚୁନାହାନ୍ତି ଏବଂ ଗାଁରେ ଥିବା କୂପ ବା ପୁଷ୍କରିଣୀର ଜଳ ଏକଦମ୍ ବ୍ୟବହାର ପାଇଁ ଅନୁପଯୁକ୍ତ । ସହରୀ ବାବୁମାନଙ୍କୁ ଜମା ରୋଗ ହେଉନାହିଁ । କେହି କେହି ବାହାସ୍ଫୋଟ ମାରି କହନ୍ତି ଗୋଟିଏ ଥ୍ରୀବେଡ୍ ସିମ୍ପ୍ଲେକ୍ସ ଘରଟେ କିଣିଦେଲି । ପଚାଶ ଲକ୍ଷ ପଡ଼ିଗଲା । ଏସବୁ ଆମ ଗାଁ ଦାଦା, ଭାଇଙ୍କ ଆଗରେ 'କାଲା ଆଗାରେ ମୂଳା ଚୋବେଇବା' ଭଳିଆ ଲାଗେ । ଆଉ କିଛି ସହରୀବାବୁମାନେ କାର୍ ବା ଦୁଇଚକିଆ ମଟର ସାଇକେଲରେ ଗାଁ ପଳାଇ ଆସନ୍ତି । କିଛି ଛୋଟ ପିଲା ମଟର ଗାଡ଼ି ଦେଖିବା ପାଇଁ ଗାଡ଼ି ପଛରେ ଦୌଡ଼ିଥାନ୍ତି । ଏହା ହେଲା ଆଗକାଳର ସହରିଆ ବାବୁମାନଙ୍କର ଫେଶନ । ଯାହା ଗ୍ରାମ୍ୟ ପରିବେଶରେ ରହୁଥିବା ଲୋକମାନଙ୍କୁ ଟିକେ ଅଡୁଆ ଲାଗିବ । ବାବୁମାନେ ଗାଁକୁ ମଟରକାର ନେଇ ଆସିଲେ, ଗାଁର ଛକ ମଝିରେ ଲୋକଦେଖାଣିଆ ପାଇଁ ରଖିଦିଅନ୍ତି । ନୂଆ ମଟରଗାଡ଼ି ଦେଖି ପିଲା, ଯୁବା ଓ କିଶୋରମାନେ ଗାଡ଼ି ଚାରିପଟେ ଘେରିଯାନ୍ତି । ବାବୁଜଣକ ଛକର ପାନ ଦୋକାନରୁ ପାନ ଖିଲଟିଏ ମାରି ଓ ପାଟିରେ ପୁରେଇ ଦିଅନ୍ତି ଏବଂ ସାଙ୍ଗଙ୍କୁ ଉଇଲଫିଲଟର୍ ସିଗାରେଟ୍ ଖଣ୍ଡେ ଟାଣିଦେଇ ଛକରେ ଘେରାଟା ମାରି ଦିଅନ୍ତି । କୌଣସି ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ପଡୋଶୀମାନଙ୍କ ସମ୍ବନ୍ଧରେ ଖବର ନେବାରେ ଟିକେ ହେଲେ ନିଘା ନଥାଏ । ଏଥିଲା ଆଗକାଳର ସହରୀ ବାବୁଙ୍କ ଆଡାଚଉଡା ।

ପାଠକେ, ଏଥର ଆସନ୍ତୁ ଆଗକାଳରେ ଗାଁର ପରିବେଶ ଉପରେ ଟିକେ ଆଲୋକପାତ କରିବା । ଆଗକାଳରେ ଭୋରୁ ଉଠିପଡ଼ିଲେ ଗାଁ ମୁଣ୍ଡରେ ଚଷାଭାଇ, ହଳବଳଦ ଯୋଚି ବିଲକୁ ଯାଉଥିବାର ଦୃଶ୍ୟ ଅତ୍ୟନ୍ତ ମନୋହର ଓ ଶୁଭଙ୍କର । ଗାଁର ପୋଖରୀ ତୁଠରେ ଲୋକମାନଙ୍କର ସ୍ନାନ କରିବା, ଶସ୍ୟଶ୍ୟାମଳା ଜମିରେ ଚଷାଭାଇର ଚାଷକାମ, ଗାଁ ପାଖ ନଈ ମୁଣ୍ଡରେ ମାଛ ଧରିବା । ଗୟଳା ପଡ଼ିଆରେ ଗାଈ ଚରେଇବା, ବାଉଁଶବୁଦାରେ ଛେଳି ଚରିବା ଇତ୍ୟାଦି ଦୃଶ୍ୟ ଗାଁ ପରିବେଶକୁ ଖୁବ୍ ସୁନ୍ଦର କରିଦିଏ । ତେଣୁ ଆଗକାଳରେ ଗାଁର ପରିବେଶ ଏତେ ଭଲଥିଲା ଯେ, ଲୋକେ ଗାଁ ଛାଡ଼ି ସହର ଯିବାକୁ ଇଚ୍ଛା କରୁନଥିଲେ । ବୁଲେଇ ବିକା ବାଲା ସିଲିଭର ଷ୍ଟିଲ୍‌ରେ ତିଆରି ବିଭିନ୍ନ ଦ୍ରବ୍ୟ ଆଣି ଘରକୁ ଘର ବିକି ଚାଲେ ଏବଂ ସନ୍ଧ୍ୟାବେଳକୁ ତା ଗୁଜୁରାଣ ମେଣ୍ଟାଇବାକୁ କିଛି ଅର୍ଥ ହୋଇଯାଏ । ସେଥିରେ ସେ ବିନାଦ୍ୱିଧାରେ ନିଜର ଉପାର୍ଜିତ ଧନରେ ପରିବାର ଚଳେଇନିଏ । ବୁଲାବିକାବାଲାର ସାଇକେଲଟି ସାର । ସେଇ ସାଇକେଲ ସାହାଯ୍ୟରେ ଚାରି ପାଞ୍ଚ ଖଣ୍ଡ ଗାଁ ବୁଲି ସନ୍ଧ୍ୟାଯାକେ ବେପାରରେ ଲାଗିପଡ଼ିଥାଏ । ଗୁଡ଼ିଆ ସାଇର ଗୁଡ଼ିଆ ଭାଇ ପ୍ରସ୍ତୁତି, ବରା, ମିଠା ତିଆରି କରି ଗୋଟାଏ ବେଳକୁ ସ୍କୁଲରେ ପହଞ୍ଚିଯାଇଥାଏ । ଖେଳଛୁଟି ହୋଇଗଲେ, ଗୁଡ଼ିଆ ଭାଇର ମିଠା, ବରା, ପକୁଡ଼ି ପିଲାମାନେ ଖାଇ ଶେଷ କରିଦିଅନ୍ତି । ଗୁଡ଼ିଆ ଭାଇ ଖୁବ୍ କମ୍ ସମୟରେ ସବୁ ଖାଦ୍ୟ ଦ୍ରବ୍ୟ ବିକ୍ରି କରିଦେଇ ନିଜ ଘରକୁ ବାହୁଡ଼େ । ନଦୀ ପଠାରେ ପରିବା ଓ ଆଳୁ ଇତ୍ୟାଦି ଚାଷ, କୃଷିକୁ ଅଧିକ ଉତ୍ପାଦନ ସଙ୍ଗେ ଲାଭ ମଧ୍ୟ ଦେଇ ଥାଏ ।

ଗାଁର ବାରମାସରେ ତେର ପର୍ବ ଏବଂ ତା ସାଙ୍ଗକୁ ସର୍ବଦେବାଦେବୀଙ୍କୁ ପୂଜା ପାର୍ବଣ, ଅଭୁଲା ସ୍ମୃତି ଭଳି ମନେ ରହିଥାଏ । ଦୁର୍ଗାପୂଜା ସମୟରେ ଆନନ୍ଦର ମୁହୂର୍ତ୍ତ ଭୁଲି ହୁଏନା । ମା'ଙ୍କର ଆବିର୍ଭାବ ମଣିଷକୁ ପ୍ରେମ ସ୍ନେହ ଓ ଶକ୍ତିରେ ସୁଦୃଢ଼ କରିଦିଏ । କରିଦିଏ ସାହସୀ ଓ ଧୈର୍ଯ୍ୟମାନ ସମସ୍ତ କର୍ମ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ । ରଜପର୍ବ ଆଉ ଏକ ସ୍ମରଣୀୟ ପର୍ବ ଆମ ଓଡ଼ିଆମାନଙ୍କର । ପିଲା, ଯୁବା, କିଶୋର ଓ ବୃଦ୍ଧ ସମସ୍ତଙ୍କ ପାଇଁ ରଜ ଏକ ମଉଜର ପର୍ବ । ବରଷକେ ଥରେ ଆସିଛେ ରଜ ଗୀତର ଲହରୀ ସମସ୍ତଙ୍କ ପାଇଁ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଉଠେ । ଯୁବାଙ୍କ କବାଡ଼ି ଖେଳ, କୃଷକଙ୍କ ତାସ ଖେଳ, ଭାଇଭଉଣୀମାନଙ୍କର ଦୋଳି ଖେଳ ପ୍ରତ୍ୟେକଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରିଦିଏ । ଆଉ ଏକ ମହାନ ପର୍ବ ଓଡ଼ିଆଙ୍କର ହେଲା ଦୋଳ ଉତ୍ସବ । ଫଗୁଣ ମାସର ସୁଶାନ୍ତ ପରିବେଶରେ ଶ୍ରୀକୃଷ୍ଣ ଓ ମାତା ରାଧାଙ୍କର ରାସଲୀଳା ଦର୍ଶନ ହୋଇଥାଏ । ଉକ୍ତ ପର୍ବରେ ଦେବ ଓ ଦେବୀଙ୍କୁ ବିମାନରେ ସଜ୍ଜିତ କରି ଗାଁକୁ ଗାଁ ବୁଲେଇ ନିଆଯାଏ । ସମସ୍ତେ ଫଗୁ ଅଭିରରେ ରଙ୍ଗାୟିତ ହେବା ସଙ୍ଗେ ସଙ୍ଗେ ଭଜନ ଓ କୀର୍ତ୍ତନର ସମାରୋହରେ ଧରା ନାଚି ଉଠେ । ଗାଁର ନଈ ବଡ଼ ପୋଖରୀରେ ଗାଧୋଇବା ସୁଲଭତା ଆଉ କୋଉଠି ନାହିଁ । ଗାଁ ଲୋକ ଭଲ ଭାବରେ ଜାଣନ୍ତି, କିପରି ପର ଦୁଃଖରେ ଦୁଖୀ ହେବା ଏବଂ ପରସୁଖରେ ସୁଖୀ ହେବା । ଭାଇ, ବନ୍ଧୁ ଓ ପଡୋଶୀର ଅସମୟରେ ଜଣେ ଆଉଜଣ ପାଇଁ ଠିଆ ହୋଇପଡ଼େ । ଲୋକର ଜଣଙ୍କର ବିବାହ ବ୍ରତ ଆଦିରେ ଆଉଜଣେ ସମସ୍ତ ପ୍ରକାର ସାହାଯ୍ୟର ହାତ ବଢ଼ାଇ ଦିଏ ।

ପ୍ରକୃତରେ ଯେ, ଗାଁକୁ ଭଲପାଇଛି, ସେ କେବେହେଲେ ଗାଁର ମୋହ ଛାଡ଼ି ପାରେନି । ଆସନ୍ତୁ ପ୍ରତ୍ୟେକ ଗାଁକୁ ଏକ ଆଦର୍ଶ ଗ୍ରାମରେ ଗଢ଼ି ତୋଳିବା ।

**ସିଡ଼ିଏ, କଟକ**
**ମୋ-୭୦୦୮୬୫୦୬୯୩**

# ଶରୀର ଓ ମନର ସୁସ୍ଥତା ପାଇଁ...

**ଡାକ୍ତର ଗୁରୁପଦ ମିଶ୍ର**

ଶରୀର ଓ ମନ ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ ତଥା ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାର୍ଥ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ ।

ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ । ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି । **ସାତ୍ତ୍ୱିକ ଭୋଜନ ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।**

ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ । ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ । ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା । ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧ୍ୟାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉଁ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁଁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବ ଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ।

ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି – ଉପାସନା। ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବ ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା। ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ ।

ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ଠିକ ପ୍ରକାର ଓ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା। ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ । ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

**ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

ସମୟ
ସୋମବାର, ୨୦ ଅକ୍ଟୋବର ୨୦୨୫


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନ୍ତ୍ୟୋଦୟ...

କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ । ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରୀ ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରୀ ମଧ୍ୟ ଦିଆଯାଉଛି । ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାର ମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ । ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ ।

ଏହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଓ ଏକାଉଣ୍ଟେଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ । ଅର୍ଥାତ ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ । ଏହି କାର୍ଯ୍ୟାଳୟ ଗୁଡିକ ଏକକ ସେବା କେନ୍ଦ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏବଂ ଆଭାସି ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇଥିଲେ ।

### ଟ୍ରମ୍ପଙ୍କ...

ଟାଇମ୍ସ ସ୍କୋୟାରରେ ବହୁ ସଂଖ୍ୟକ ପ୍ରଦର୍ଶନକାରୀ ଏକତ୍ରିତ ହୋଇଥିଲେ । ସେମାନଙ୍କ ହାତରେ ସ୍ଲୋଗାନ ଲେଖାଥିବା ବ୍ୟାନର ଥିଲା । ବୋଷ୍ଟନ, ଆଟଲାଣ୍ଟା ଏବଂ ଚିକାଗୋରେ ମଧ୍ୟ ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ । ପ୍ରଦର୍ଶନକାରୀମାନେ ୱାଶିଂଟନ ଏବଂ ଲସ୍ ଆଞ୍ଜେଲସରେ ଶୋଭାଯାତ୍ରା କରିଥିଲେ ଏବଂ ଅନେକ ରିପବ୍ଲିକାନ ନେତୃତ୍ୱାଧୀନ ରାଜ୍ୟର ରାଜଧାନୀ ବାହାରେ ଧାରଣା ଦେଇଥିଲେ ।

ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ଏହି ପ୍ରତିବାଦଗୁଡ଼ିକୁ ହେଟ୍ ଆମେରିକା ରାଲି ବୋଲି ନାମ ଦେଇଛି । ଟ୍ରମ୍ପ ଚଳିତ ବର୍ଷ ଶପଥ ଗ୍ରହଣ କରିବା ପରେ ଏହା ତୃତୀୟ ବଡ଼ ଗଣ ପ୍ରଦର୍ଶନ ଥିଲା । ଏହା ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏକ ସଟ୍ ଡାଉନର ସମ୍ମୁଖୀନ ହେଉଛି ଯାହା ଫେଡେରାଲ୍ କାର୍ଯ୍ୟକ୍ରମ ଏବଂ ସେବାଗୁଡ଼ିକୁ ସ୍ଥଗିତ ହୋଇଛି । ଆମେରିକୀୟ ସହରଗୁଡ଼ିକରେ ଫେଡେରାଲ୍ ଫୋର୍ସ/ନ୍ୟାସନାଲ୍ ଗାର୍ଡ ସୈନ୍ୟଙ୍କୁ ନିୟୋଜିତ କରିବା ସମେତ ଟ୍ରମ୍ପ ପ୍ରଶାସନର ଅନେକ ନିର୍ଦ୍ଦିଷ୍ଟ ନୀତି ଏବଂ କାର୍ଯ୍ୟଙ୍କୁ ବିରୋଧ କରୁଛନ୍ତି । ପ୍ରତିବାଦକାରୀମାନେ ଏହାକୁ ଫେଡେରାଲ୍ କ୍ଷମତାର ଅତିକ୍ରମଣ ଏବଂ ସାମରିକୀକରଣ ବୋଲି କହିଛନ୍ତି ।

ଅପରପକ୍ଷରେ ଏହି ସମୟରେ, ରାଷ୍ଟ୍ରପତି ଟ୍ରମ୍ପ ଜଣେ ରାଜା ପରି କାର୍ଯ୍ୟ କରୁଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏକ ସାକ୍ଷାତକାରରେ ବିରୋଧ ପ୍ରଦର୍ଶନର ଜବାବରେ ସେ କହିଛନ୍ତି,'ମୁଁ ଜଣେ ରାଜା ପରି ଅନୁଭବ କରୁନାହିଁ' । କୌଣସି ବିଷୟ ଅନୁମୋଦନ ପାଇଁ ମୋତେ ନର୍କ ଦେଇ ଯିବାକୁ ପଡିବ । ସେ ରାଷ୍ଟ୍ରପତି ପଦକୁ ଡିପ୍ ଷ୍ଟେଟ୍ ଦ୍ୱାରା ନିୟନ୍ତ୍ରିତ ଏକ କଷ୍ଟକର କାମ, ଡେମୋକ୍ରାଟଙ୍କ ଦ୍ୱାରା ପ୍ରଭାବିତ ଏକ ଅମଲାତନ୍ତ୍ର ଏବଂ ଏକ ମୌଳିକ ବାମପନ୍ଥୀ ବିରୋଧୀ ଭାବରେ ବର୍ଣ୍ଣନା କରିଛନ୍ତି ଯାହା ଅଧିକାଂଶ ଧଳା ଆମେରିକୀୟଙ୍କ ଅସାଧାରଣତାକୁ ଦୁର୍ବଳ କରିଛି ।

ଟ୍ରମ୍ପ ପ୍ରତିନିଧିମାନେ ଏହି ରାଲିଗୁଡ଼ିକୁ ଆମେରିକୀୟଘୃଣା ରାଲି ବୋଲି କହିଥିଲେ,ଯାହାକୁ ସେମାନେ ଆଣ୍ଟିଫା ବୋଲି କୁହନ୍ତି । ହ୍ୱାଇଟ୍ ହାଉସର ମୁଖପାତ୍ର କାରୋଲିନ୍ ଲେଭିଟ୍ କହିଛନ୍ତି ଯେ, ଏହି ରାଲିଗୁଡ଼ିକ ଡେମୋକ୍ରାଟିକ୍ ପାର୍ଟି ଦ୍ୱାରା ଫଣ୍ଡିଡ ଏବଂ ସମର୍ଥିତ ।

### ରାଷ୍ଟ୍ରପତିଙ୍କ...

ବିଜୟର ପ୍ରତୀକ । ଦେଶବ୍ୟାପୀ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଏ, ଦୀପାବଳିର ଏହି ପବିତ୍ର ପର୍ବ ପାରସ୍ପରିକ ସ୍ନେହ ଏବଂ ଭାଇଚାରାର ବାର୍ତ୍ତା ଦିଏ । ଏହି ଦିନରେ ଲୋକେ ଧନ ଏବଂ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରନ୍ତି । ଆନନ୍ଦର ଏହି ପର୍ବ ଆତ୍ମ-ପ୍ରତିଫଳନ ଏବଂ ଆତ୍ମ-ଉନ୍ନତିର ଏକ ଅବସର । ଏହି ପର୍ବ ବଞ୍ଚିତ ଏବଂ ଅଭାବୀମାନଙ୍କୁ ସାହାଯ୍ୟ ଏବଂ ସମର୍ଥନ କରିବା ଏବଂ ସେମାନଙ୍କ ଜୀବନରେ ଆନନ୍ଦ ଆଣିବାର ଏକ ସୁଯୋଗ । ମୁଁ ସମସ୍ତଙ୍କୁ ନିରାପଦ, ଦାୟିତ୍ୱପୂର୍ଣ୍ଣ ଏବଂ ପରିବେଶ ଅନୁକୂଳ ଭାବରେ ଦୀପାବଳି ପାଳନ କରିବାକୁ ଅନୁରୋଧ କରୁଛି । ଏହି ଦୀପାବଳି ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିଦେଉ ବୋଲି ସେ କାମନା କରିଛନ୍ତି ।

### ୨୧ରେ...

କୋରାପୁଟରେ ୧୯.୨ ଓ ଛତ୍ରପୁରରେ ୯.୮ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ରବିବାର ସକାଳ ୮.୩୦ରୁ ସନ୍ଧ୍ୟା ୫.୩୦ ସୁଦ୍ଧା, କୋରାପୁଟରେ ସର୍ବାଧିକ ୪୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହାସହ ଖୋର୍ଦ୍ଧାରେ ୨୨ ମିମି, ପାରଳାଖେମୁଣ୍ଡିରେ ୧୭ ମିମି, ଢ଼େଙ୍କାନାଳରେ ୯.୨ ମିମି, ଟିଟିଲାଗଡ଼ରେ ୯.୨ ମିମି, ପାରାଦ୍ୱୀପରେ ୫ ମିମି, କଟକରେ ୩.୨ ମିମି, ବାଲେଶ୍ୱରରେ ୪.୪ ମିମି, ରାୟଗଡ଼ାରେ ୩.୨ ମିମି, ଜଗତସିଂହପୁରରେ ୩ ମିମି ବର୍ଷା ହୋଇଥିବା ଜଣାପଡିଛି।

ଆସନ୍ତାକାଲି (ସୋମବାର) ପୂର୍ବାଳି ପବନ ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନାଗିରି, ରାୟଗଡ଼ା ଓ କୋରାପୁଟ ସ୍ଥାନେ ଦୁଇ ସ୍ଥାନେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ମଧ ରାୟଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ ଆଗକୁ ବର୍ଷା ହୋଇପାରେ।

ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହା ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ସମୁଦ୍ରରେ ଅଧିକ ବଳ ଗୋଟାଇ ୨୧ ତାରିଖ ବେଳକୁ ଲଘୁଚାପ ରୂପ ନେବ । ପରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ୪୮ ଘଣ୍ଟା ଅର୍ଥାତ୨୩ ସୁଦ୍ଧା ଅବପାତ ବା ଡିପ୍ରସନରେ ପରିଣତ ହେବ । ଏହା ଆହୁରି ଅଧିକ ଘନୀଭୂତ ହେବ କି ନାହିଁ ଲଘଉଚାପ ସୃଷ୍ଟି ହେବା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ।

### ନିୟମଗିରିରେ...

ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଓ ମୁନିଗୁଡା ବ୍ଲକ ପଡୋଶୀ ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସେହି ଅଞ୍ଚଳରେ ସି ଆର ପି ଏଫ ମୃତୟନ ହୋଇଛନ୍ତି । ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ବହୁ କ୍ୟାଡର ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ ବହୁ ମାଓବାଦୀ ସୁରକ୍ଷା କର୍ମୀ ନିକଟରେ ଆତ୍ମସମର୍ପଣ କରୁଛନ୍ତି । ଏଭଳି ପରିସ୍ଥିତିରେ ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା ବଂଶଧାରା ନାଗାବଳୀ ଘୁମୁସର (ବା ଘୁ ନା) ମାଓବାଦୀ ସଂଗଠନରେ ଏବେ ବି ବହୁ ସକ୍ରିୟ ମାଓବାଦୀ କାର୍ଯ୍ୟ କରୁଥିବାରୁ ଏହି ପୋଷ୍ଟର ଲାଗିଥିବା ଅନୁମାନ କରାଯାଇଛି । ପଡୋଶୀ ରାଜ୍ୟର ଦୃଢ଼ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନକୁ ଦେଖି କିଛି ମାଓବାଦୀ ରାୟଗଡ଼ା ଓ ଏହାର ସୀମାବର୍ତ୍ତୀ ଜିଲ୍ଲାରେ ଆତ୍ମଗୋପନ କରିଥିବା ପୁଲିସ ସନ୍ଦେହ କରୁଛି ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ : ବାବା ଗିରଫ

ବାରଙ୍ଗ,(ସବ୍ୟୁ): ଜଣେ ଅଲେଖ ମହିମା ଆଶ୍ରମରେ ଜଣେ ବାବା ଏକ ୬ବର୍ଷର ନା ବାଳିକାକୁ ଟେକି ନେଇ ଦୁଷ୍କର୍ମ ଉଦ୍ୟମ କରି ଗିରଫ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ବାବା ଜଣକ ହେଉଛନ୍ତି ଅଲେଖ ମହିମା ଧର୍ମି ଅମର ଦାଶ ବୋଲି ଜଣାପଡ଼ିଛି । ଏଭଳି ଘଟଣା ନନ୍ଦନକାନନ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ଭଣ୍ଡ ବାବା ଙ୍କୁ ସ୍ଥାନୀୟ ଲୋକ ଧରି ଉତ୍ତମ ମାଧ୍ୟମ ଦେବା ପରେ ପୋଲିସ ଜିମା ଦେଇଛନ୍ତି । ନନ୍ଦନକାନନ ଥାନା ପୋଲିସ ୩୮୨/୨୫କେସ ନମ୍ବରରେ ଏକ ପୋସ୍କୋ ମାମଲା ରୁଜୁ କରି ରବିବାର ତାଙ୍କୁ କୋର୍ଟଚାଲଣ କରିଛି ।ନନ୍ଦନକାନନ ଥାନା ଅଧୀନସ୍ଥ କଲେଜଛକ ନିକଟରେ ଏକ ଅଲେଖ ମଠ ରହିଛି । ସେହି ନିକଟରେ ଜଣେ ନାବାଳିକା ନିଜ ପରିବାର ସହିତ ରୁହନ୍ତି । ଗତ ଶନିବାର ଅପରାହ୍ନ ପ୍ରାୟ ସାଢ଼େଗୋଟାଏରେ ର ନାବାଳିକା ଝିଅ ଘର ପାଖ ଦୋକାନକୁ ଯାଉଥିବା ସମୟରେ ରାସ୍ତାରେ ଅମର ବାବା ନାବାଳିକାକୁ ଭୋଗ ଖାଇବାକୁ ଦେବା ଆଳରେ ତାଙ୍କ ଆଶ୍ରମକୁ ନେଇବାବା ନାବାଳିକା ଝିଅ ସହ ଅସଦାଚରଣ କରିଥିଲେ । ନାବାଳିକା ଜଣକ ଘରକୁ ଆସି ତାଙ୍କ ମାତାଙ୍କୁ ସମସ୍ତ ଘଟଣା କହିଥିଲେ । ଏହା ଜାଣି ନାବାଳିକା ବାପା ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ନନ୍ଦନକାନନ ଥାନା ଆଇଆଇସି ଦୟାନିଧି ନାୟକ ଉକ୍ତ ଘଟଣାକୁ ତଦନ୍ତ କରିବାରୁ ଅଭିଯୁକ୍ତ ବାବା ନିଜର ଦୋଷ ସ୍ୱୀକାର କରିଥିଲେ ।ପୋଲିସ ବାବା ଓ ନାବାଳିକା ଉଭୟଙ୍କ ଡାକ୍ତରୀ ମଇନା କରି ନାବାଳିକା କୁ ତା ପରିବାରକୁ ହସ୍ତାନ୍ତର କରିଥିବା ବେଳେ ବାବା ଅମର ଦାସଙ୍କୁ ରବିବାର ଦିନ କୋର୍ଟ ଚାଲାଣ କରିଛି ।

## ତନିସ୍କ ଉପସ୍ଥାପନ କରୁଛି 'ମୃଗଙ୍କ'

ଭୁବନେଶ୍ୱର (ସବୁ): ଭାରତର ସର୍ବବୃହତ ଅଳଙ୍କାର ରିଟେଲ୍ ବ୍ରାଣ୍ଡ ଟାଟାର ତନିସ୍କ ପକ୍ଷରୁ ଏହାର ଉତ୍ସବ ଅଳଙ୍କର ସଂଗ୍ରହ "ମୃଗଙ୍କ' ଉପସ୍ଥାପନ କରାଯାଇଛି ପୂର୍ବତନ ମିସ୍ ଓ୍ୱାର୍ଲ୍ଡ ତଥାଅଭିନେତ୍ରୀ ମନୁଷୀ ଛିଲ୍ଲାର ଏହାକୁ ଉପସ୍ଥାପିତ କରିଛନ୍ତି ।ଉନ୍ନତ କାରୁକାର୍ଯ୍ୟ ଯେପରି ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଡରୁମ, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତରବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗୀନ କୁନ୍ଦନ, ଏନାମେଲ୍ ବିବରଣୀ ଏବଂ ୩ଡି ନକ୍ସାର ଏକ ବିସ୍ମୟକର ମିଶ୍ରଣ ରହିଛି । ମୃଗଙ୍କ ଆଧୁନିକ ଭାରତୀୟ ମହିଳାଙ୍କ ପାଇଁ ପର୍ବପର୍ବାଣୀ ଅଳଙ୍କାରକୁ ପୁନଃକଳ୍ପନା କରି ଏକ ବିସ୍ମୟକର ଓ ଚମକିାର ଅନୁଭୂତି ପ୍ରଦାନ କରୁଛି । ମୃଗଙ୍କ ତନିସ୍କର ଅନନ୍ୟ କ୍ଷମତାର ପ୍ରମାଣଯାହା କଳ୍ପନାକୁ ଜଟିଳ, ଧାରଣଯୋଗ୍ୟ କଳାରେ ରୂପାନ୍ତର କରିଛି ଯେଉଁଠାରେ କାରୁକାର୍ଯ୍ୟର କାହାଣୀ କହିବାରଯାଦୁ ସହିତ ମିଶି ଏକ ଅଲୌକିକ ଅନୁଭୂତି ସୃଷ୍ଟି କରିଛି ।ଏହି ସଂଗ୍ରହ ବିଷୟରେ ଟାଇଟାନ୍ କମ୍ପାନି ଲିମିଟେଡ୍ର ମୁଖ୍ୟ ଡିଜାଇନ୍ ଅଫିସର ରେବତୀ କାନ୍ତ କହିଛନ୍ତି ଯେ,ପର୍ବପର୍ବାଣୀ ଋତୁର ଆରମ୍ଭରେ ଆମେ "ମୃଗଙ୍କ' ଉପସ୍ଥାପନ କରି ଆନନ୍ଦିତ ଯାହା ଆମର ସ୍ୱପ୍ନର କଳ୍ପନାତ୍ମକଜଗତର ଏକ ଭବ୍ୟ ଉତ୍ସବ ଯାହା ଆମର ଭାରତୀୟ କାହାଣୀ ଓ ପୁରାଣର ସମୃଦ୍ଧ ଐତିହ୍ୟରେ ପରିପୁଷ୍ଟ ।।

A TATA PRODUCT
A magical realm
Mriganka
TANISHQ

## ଯୋଗ ଆୟୁର୍ବେଦ ପ୍ରାକୃତିକ ଚିକିତ୍ସା ସଚେତନତା

କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆରୋଗ୍ୟ ଭାରତୀ ପୂର୍ବ ଓଡ଼ିଶାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ରଜତ ଜୟନ୍ତୀ ସମାରୋହ ବର୍ଷ ଉପଲକ୍ଷେ ଆୟୁର୍ବେଦ , ଯୋଗ , ପ୍ରାକୃତିକ ଚିକିତ୍ସା , ହୋମିଓପାଥିକ ଓ ଦାନ୍ତ ରୋଗର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆରୋଗ୍ୟ ଭାରତୀ ସଓ୍ୱାସ୍ଥ୍ୟ କ୍ଷେତ୍ରରେ ରୁଚି ରଖୁଥିବା ବ୍ୟକ୍ତି ମାନଙ୍କର ଏକ ସଚ୍ଛୋସେବୀ ସଂଗଠନ ।ବର୍ତ୍ତମାନ ସଓ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଚଳିତ ବିଭିନ୍ନ ପଦ୍ଧତି ପ୍ରତି ସମ୍ମାନ ତଥା ଭାରତୀୟ ଜୀବନ ଶୈଳୀ ଉପରେ ବିଶ୍ୱାସ ଓ ଭରସା ରଖି ଥିବା ଏବଂ ନିଃଶ୍ୱାର୍ଥ ପର ସେବା ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିବିଶେଷକୁ ସଂଗଠିତ କରି ସୁସ୍ଥ ରାଷ୍ଟ୍ର ନିର୍ମାଣରେ ଆରୋଗ୍ୟ ଭାରତୀ ପ୍ରୟାସ ରତ । ଏହି ସଚେତନତା କାର୍ଯ୍ୟକ୍ରମରେ ଆୟୁର୍ବେଦ , ଯୋଗ , ପ୍ରାକୃତିକ ଚିକିତ୍ସା , ହୋମିଓପାଥି ଏବଂ ଦାନ୍ତ ରୋଗର ବିଶେଷଜ୍ଞ ମାନେ ଯୋଗଦେଇ ଥିଲେ ।

ଡାକ୍ତର ସତ୍ୟସ୍ମିତା ଜେନା ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ପ୍ରଦୀପ କୁମାର ଚମ୍ପତି ହୋମିଓପାଥିକ ବିଶେଷଜ୍ଞ ,ଉପସଭାପତି ଆରୋଗ୍ୟ ଭାରତୀ ପୂର୍ବ ଓଡ଼ିଶା ଡାକ୍ତର ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ଆୟୁର୍ବେଦ,ଯୋଗ , ପ୍ରାକୃତିକ ଚିକିତ୍ସା , ହୋମିଓପାଥିକ ଏବଂ ଦାନ୍ତ ରୋଗ ବିଷୟରେ ଉପସ୍ଥିତ ଥିବା ଛାତ୍ର ଓ ଛାତ୍ରୀ ଗୁରୁଜୀ ଓ ଗୁରୁମା ଏବଂ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ । ସଭାପତି ଡାକ୍ତର ସଂଜି ପଣ୍ଡା ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଗୁରୁଜୀ ଓ ଗୁରୁମା ଏବଂ ବ୍ୟକ୍ତିବିଶେଷ ମାନଙ୍କୁ ଦାନ୍ତ ପରୀକ୍ଷା ଏବଂ ସଚେତନ କରାଇଥିଲେ । ସଂପାଦକ ଗୌତମ ବୁଦ୍ଧ ସିଂହ ସାମନ୍ତ , ମନୋରଂଜନ ଦାସ , ପ୍ରାନ୍ତକାର୍ଯ୍ୟକାରିଣୀ ସଦସ୍ୟରଶିକା ନନ୍ଦ ଘୋଷ ,ଚନ୍ଦ୍ରଶେଖର ମହାପାତ୍ର , ରାଷ୍ଟ୍ରୀୟ ସଓ୍ୱୟଂସେବକ ସେବକ ସଂଘର ପୂର୍ବତନ ପ୍ରାଧ୍ୟାପକ ରାମଚନ୍ଦ୍ର ସାମନ୍ତରାୟ, ପ୍ରଧାନ ଆଚାର୍ଯ୍ୟ ସଂଜୟ କୁମାର ସେଠୀ ,ମହେଶର ପରିଡା , ବିଭୁତି ଭୁଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ବିଶ ରଂଜନ ଜେନା ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

## ସଂଯୁକ୍ତା ମହାପାତ୍ରଙ୍କ ସ୍ମୃତିରେ ୧୪୭ୟୁନିଟ ରକ୍ତ ସଂଗ୍ରହ

ସୋର (ସବ୍ୟୁ)-ସୋର ପୌର ପାଳିକା ଅନ୍ତର୍ଗତ ରାଇପୁରସ୍ଥିତ କେ.ଏଲ.ଏମ. ହସ୍ପିଟାଲ ପରିସରରେ ସଞ୍ଜୁକ୍ତା ମହପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହସ୍ପିଟାଲର କର୍ମଚାରୀ ଏବଂ ଜନସାଧାରଣ ଙ୍କ ମିଳିତ ଉଦ୍ୟମରେ ୧୪୭ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।ଏହି ଶିବିରକୁ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶଶାଙ୍କ ଶେଖର ଆଚାର୍ଯ୍ୟ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ,ଅଧ୍ୟାପକ ପଦ୍ମ ଲୋଚନ ଦିବେଦୀ , ନେତ୍ରାନନ୍ଦ ରାଉତ,ଅବସରପ୍ରାପ୍ତ ଶିକ୍ଷକ କମଳା କାନ୍ତ ପତି ଯୋଗଦେଇ ସେମାନଙ୍କ ଅଭିଭାଷଣ ପ୍ରଦାନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେମାତୃଓ ଶିଶୁ ମୃତ୍ୟୁହାର ରୋକିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଇଁରୀ ଗ୍ରାମର ଆଶା ବିଳାସିନୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଡାକ୍ତର ଧୀରେଶ କୁମାର ଷଡଙ୍ଗୀ ଏବଂ ଅସୀମା ଶତପଥୀ ମଞ୍ଚ ପରିଚାଳନା କରିଥିଲେ । ଭଗବାନ ବେହେରା, ଦାମୋଦର ଦାଶମହାପାତ୍ର , ଗଙ୍ଗାଧର ପାଢ଼ୀ,ମହେଶ୍ୱର ପଟ୍ଟନାୟକ ପ୍ରମୁଖଙ୍କ ସମେତ କେ.ଏଲ.ଏମ. ହସ୍ପିଟାଲ ର ସମସ୍ତ କର୍ମଚାରୀ ଉକ୍ତ ସଭାରେ ଉପସ୍ଥିତ ଥିଲେ । ପରିଶେଷରେ ସୁବେଦାର୍ ମେଜର୍ ଗିରିଶ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ବାଲେଶ୍ୱର ରେଡକ୍ରସ ବ୍ଲଡବ୍ୟାଙ୍କରୁ ଡାକ୍ତର ବସନ୍ତ ଉପାଧ୍ୟାୟ, ବିଜୟ ପଟ୍ଟନାୟକ , ରାଜେଶ ମିଶ୍ର , ମୋନାଲିସା ମହାନ୍ତି , ଅଜୟ ମହାପାତ୍ର , ବିଦ୍ୟାଧର ସାହୁ , ଅରବିନ୍ଦ ପଣ୍ଡା ରକ୍ତ ସଂଗ୍ରହ କରିଥିଲେ । ମେନେଜର ସଞ୍ଜୟ କୁମାର ସେଠୀ ଉକ୍ତ ଶିବିରକୁ ତଦାରଖ କରିଥିଲେ ।

## ବେଆଇନ ବାଣ ଜବତ, ୨ ଗିରଫ

ବାଲୁଗାଁ , (ସବ୍ୟୁ):ବାଲୁଗାଁ ପୋଲିସ ରବିବାର ଚଢ଼ାଉ କରି ପୃଥକ ଭାବେ ଦୁଇଟି ସ୍ଥାନରୁ ବିପୁଳ ପରିମାଣରେ ବେଆଇନ ବାଣ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ସ୍ଥାନୀୟ ଆଙ୍କୁଲା ଗ୍ରାମର ଶୁଭେନ୍ଦୁ ସ୍ୱାଇଁ ଏବଂ ବାଲୁଗାଁ ଜାଗୁଲାଇ ସାହିର ଲକ୍ଷ୍ମୀଧର ବେହେରା । ଜବତ ବାଣର ମୂଲ୍ୟ ୩୦ ହଜାର ଟଙ୍କା ହେବ ।ପ୍ରକାଶ ଯେ, ଦୀପାବଳୀ ଉପଲକ୍ଷେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ବିପଦପୂର୍ଣ ବାଣ ବିକ୍ରି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ ନିଷେଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଏସ ପି ଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡାଙ୍କ ନେତୃତ୍ୱରେ ରବିବାର ବିଭିନ୍ନ ବାଣ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା । ଆଙ୍କୁଲା ଛକ ନିକଟରୁ ବେଆଇନ ଭାବେ ବିକ୍ରି କରୁଥିବା ଶୁଭେନ୍ଦୁ ସଓ୍ୱାଇଁ ନିକଟରୁ ୨୦ ହଜାର ଟଙ୍କାର ବାଣ ଜବତ କରାଯାଇଥିବା ବେଳେ ଜାଗୁଲାଇ ସାହିରୁ ୧୦ ହଜାର ଟଙ୍କା ମୂଲ୍ୟର ବାଣ ଜବତ ହୋଇଛି ।ଏ ନେଇ ବାଲୁଗାଁ ଥାନା ପକ୍ଷରୁ ୩୩୮ ଏବଂ ୩୩୯ / ୨୫ ରେ ଦୁଇଟି ମାମଲା ରୁଜୁ ହୋଇଛି ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଆଠଗଡ,(ସବ୍ୟୁ):ଆଠଗଡ଼ ବିଜେଡ଼ି ଆଠଗଡ ବ୍ଲକ ୨ନଂ ଜିଲ୍ଲା ପରିଷଦ ଜୋନରେ ଜନସଂମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଠଗଡ ବ୍ଲକ ବିଜେଡ଼ି ଦଳ ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଉକ୍ତ ପଦଯାତ୍ରା ଖୁଣ୍ଟୁଣୀ ଯାତ୍ରା ପଡିଆରୁ ଆରମ୍ଭ ହୋଇ ଖୁଣ୍ଟୁଣୀ,ରମ୍ଭେଇ, ରାଧାଦାମୋଦର ପୁର(କର୍ଣ୍ଣାନ୍ଧ),ରାଧାକିଶୋର ପୁର(ଝୁମ୍ପାଣ),ଲେଦା,ଦେଇ ଖମାର ନୁଆ ଗାଁ ଠାରେ ଶେଷ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଅନ୍ୟ ମାନଙ୍କ ମଧ୍ୟରେ ଆଠଗଡ ୧ନଂଯୋନର ଜିଲ୍ଲା ପରିଷଦ ଶାନ୍ତିଲତା ବେହେରା, ମିତାଲି ରାଉତ, ବାସନ୍ତୀ ରାଉଳ, ମିନତୀ ଗାଗରାଇ , ରଞ୍ଜନ କୁମାର ଆଚାର୍ଯ୍ୟ,ନୋଦ ମାଝି, ସତ୍ୟ ପ୍ରିୟ ମହାନ୍ତି, ବଳଭଦ୍ର ବାଘ, ଅଜିତ ଦାସ,ଜ୍ଞାନ ରଞ୍ଜନ ଦାଶ, ଶକ୍ତି କାନ୍ତ ସାହୁ,କୈଳାସ ଦାସିପିନିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ ଧନ୍ୟାଦ ଅର୍ପଣ କରିଥିଲେ ।

## ଧଉଳିମୁହଁ : କଳସୀ ଯାତ୍ରା କରି ବେଢାକାଳୀଙ୍କୁ ଆବାହନ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଧଉଳିମୁହ ଗ୍ରାମରେ କଳସୀ ଯାତ୍ରା କରି ବେଢାକାଳୀ ଙ୍କୁ ଆବାହନ କଲେ ଶ୍ରଦ୍ଧାଳୁ ।ପ୍ରତ୍ୟେକ ବର୍ଷ କାର୍ତିକ ମାସ ଶୁକ୍ଳପକ୍ଷ୍ୟ ରେ ମା ଆସନ୍ତି ଧରାକୁ, ହଜାର ହଜାର ଭକ୍ତ ଏବଂ ମାନସିକ ଧାରୀ ଜଳଯାତ୍ରା କରି ମା ବେଢା କାଳୀ ଙ୍କୁ ଆବାହନ କରିଥାନ୍ତି ।ପୁରାଣ ବର୍ଣିତ ଅଛି ମାଙ୍କର ଉଗ୍ର ରୂପ କୁ ଶାନ୍ତ କରିବା ମହାଦେବ ତାଙ୍କ ପାଦ ତଳେ ପଡିଥିଲେ ।ମାଙ୍କର କ୍ରୋଧ ଶାନ୍ତ ହୋଇଥିଲା ।ପ୍ରତେକ ବର୍ଷ ଏହି ଗ୍ରାମରେ ଧୁମଧାମ ରେ କାଳୀ ପୂଜା ତିନି ଦିନ ବ୍ୟାପି ପାଳନ କରାଯାଏ ।ଶେଷଦିନ ପୁର୍ଣ ଆହୁତି ପ୍ରଦାନ କରାଯାଏ ।ଏଥିରେ ପରିଚାଳନା କମିଟି ର ସଭାପତି ସାଗର କୁମାର ପାସିଂହ, ସରପଞ୍ଚ ଶତ୍ରୁଘ୍ନ ବେହେରା, ମନ୍ଦିର ପୂଜକ ପ୍ରସନ ମିଶ୍ର, ପଣ୍ଡିତ ପ୍ରସାଦ ମିଶ୍ର, ଅଭିମନ୍ୟୁ ଜେନା ଏବଂ ମା ବେଢାକାଳୀ ପୂଜା ର ସମସ୍ତ ସଦସ୍ୟ ଆୟୋଜନ କରିବାରେ ସହଯୋଗ କରୁଛନ୍ତି । ଭଳିକି ଭଳି ତୋରଣ ସାଙ୍ଗକୁ ମିନବଜାର ଏବଂ ସାଂସ୍କୃତିକ କାଯ୍ୟକ୍ରମ ତିନିଦିନ ବ୍ୟାବି ଅନୁଷ୍ଠିତ ହେବ ବୋଲି ଆୟୋଜକ ତରଫରୁ କୁହାଯାଇଛି ।

## ମହାମାୟା ଚଉଷଠି ଯୋଗିନୀ ପୀଠରେ ଶାରଦୀୟ ବନ୍ଧୁ ମିଳନ



ବାଲିଅନ୍ତା ,(ସବ୍ୟୁ): ବାଲିଅନ୍ତା ବ୍ଲକରୁ ପ୍ରକାଶିତ ଓଡ଼ିଆ ମାସିକ ଖବର କାଗଜ ଶାନ୍ତିସ୍ତୁପ ଆନୁକୂଲ୍ୟରେ ଚତୁର୍ଥ ଶାରଦୀୟ ବନ୍ଧୁମିଳନ ଉତ୍ସବ ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀ ପୀଠ ହୀରାପୁର ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ଅରୁଣ ମହନ୍ତ,ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ବିଧୁ ଭୂଷଣ ପଟ୍ଟନାୟକ,ଲେଖିକା ତନୟା ଦାସ ଗୋସଓ୍ୱାମୀ, ସାହିତ୍ୟିକ ଭଗବାନ ସାହୁ, ଗାଳ୍ପିକା କମଳିନୀ ମଲ୍ଲିକ, କଥାକାର ଡ. ଅଜୟ ସ୍ୱାଇଁ, କବି ଅଭିମନ୍ୟୁ ନାୟକ, କବି ପୂର୍ଣ୍ଣ ଚନ୍ଦ୍ର ମହାରଣା, ରାମହରି ମହାରଣା, ବରିଷ୍ଠ ସାମ୍ବାଦିକ ଦିଲୀପ ଓଝା, ରମେଶ ରଥ, ସୋମନାଥ ସ୍ୱାଇଁ , ଆଦର୍ଶ ଶିକ୍ଷକ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ସାହିତ୍ୟ ହେଉଛି ସୃଜନଶୀଳତାର ଏକ ଅବିଚ୍ଛେଦ୍ୟ ଅଙ୍ଗ ।ସାହିତ୍ୟ ନିଜ ଅଞ୍ଚଳର ପରିଚୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ । ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ ।ସାହିତ୍ୟକୁ ଉଜ୍ଜୀବିତ କରିବାପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ କବି ସାହିତ୍ୟିକ ନିଜର କବିତା ବକ୍ତବ୍ୟ ରଖିଥିଲେ । ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ଖବର କାଗଜରେ ଏକ ପୃଷ୍ଠ ସଂରକ୍ଷଣ ନିମିତ୍ତ ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ଗୀତିକାର ସୋନାଲି ପ୍ରିୟଦର୍ଶିନୀ ଓ ଅଧ୍ୟାପିକା ପ୍ରତିମା ଭୋଇ ଗୀତ ପରିବେଷଣ କରିଥିଲେ । । ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ , ତାପସ ରଂଜନ ମଲ୍ଲିକ, ଗୋଲେଖ ବେହେରା,ତପନ କୁମାର ସ୍ୱାଇଁ ଓ ଗୋପାଳ ବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସରପଞ୍ଚ ରମଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳଗିରି ରକ୍ତଦାତା ସଂଘର ଜରୁରୀ ବୈଠକ

ନୀଳଗିରି (ସବ୍ୟୁ)-ନୀଳଗିରି ରକ୍ତ କେନ୍ଦ୍ର ରେ ଟେକ୍ନିସିଆନ୍ ପଦବୀ ପୂରଣ ପାଇଁ ନୀଳଗିରି ରକ୍ତଦାତା ସଂଘ ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ନୀଳଗିରି ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଦାବି ପତ୍ର ଦିଆଯାଇ ଥିଲା । ସାତ ଦିନ ଭିତରେ ଦାବି ପୂରଣ ନହେଲେ ସଂଘ ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଥିଲା । ଜିଲ୍ଲା ଚିକିତ୍ସା ଅଧିକାରୀ ଦୁଇ ଦିନ ଭିତରେ ଟେକ୍ନିସିଆନ୍ ପଦବୀ ପୂରଣ କରାଯିବ ବୋଲି ସୂଚନା ଦେଇଥିଲେ । କିନ୍ତୁ ଏଯାବତ ପୂରଣ ହୋଇ ନାହିଁ । ଫଳରେ ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟ ରେ ରୋଗୀ ମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି । ସେଥି ପାଇଁ ଆଜି ସଂଘ ପକ୍ଷରୁ ସଭାପତି ଗୋପାଳଚନ୍ଦ୍ର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପସଭାପତି ଭଗବାନ ମହାନ୍ତି, ଅମରେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦଲେଇ, ତପସ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାସୁଦେବପୁର (ସବ୍ୟୁ) : ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି । ବାସୁଦେବପୁର ବ୍ଲକ ୩୬ପଂଚାୟତ ଓ ପୌରପାଳିକାର ୨୩ଗୋଟି ୱାର୍ଡରୁ ୫୩୨ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରି ଅଭିଜ୍ଞ ଡାକ୍ତର ଦ୍ୱାରା ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ । ଆୟୋଜିତ ଶିବିରରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ବିଡିଓ ତନ୍ମିତା କର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରଦ୍ଧାଳୟ ଧାମନଗର ସ୍ମିତା ମାଝୀ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ପୁହାଣ,ବ୍ରାହ୍ମଣଗାଁ ସରପଂଚ ଶୁଭଶ୍ରୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ ।

## ରୋଗୀଙ୍କୁ ଦୁର୍ବ୍ୟବହାର : ପ୍ରତିବାଦରେ ଧାରଣା

ବାଲିପାଟଣା ,(ସବ୍ୟୁ):ଶନିବାର ରାତିରେ ଅଠାନ୍ତର ଉନ୍ନୀତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନୈକ ଡାକ୍ତରାଣୀ, ଜଣେ ଗୁରୁତର ରୋଗୀଙ୍କୁ ଆଣିଥିବା ତାଙ୍କର ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିବାରୁ ରବିବାର ପୂର୍ବାହ୍ନରେ ଜନସାଧାରଣ ଙ୍କ ତରଫରୁ ଧାରଣା ଦିଆଯାଇ ଥାନାରେ ଏତଲା ଦିଆଯାଇଛି । ଡାକ୍ତରାଣୀଙ୍କ ଫୋନ ପାଇ ଘଟଣା ସ୍ଥଳୀ ରେ ପୋଲିସ ପହଞ୍ଚି ଦାଦାଗିରି ଦେଖାଇ ରୋଗୀଙ୍କ ପୁତ୍ରଙ୍କୁ କଲର ଧରି ଭିଡ଼ି ଭିଡ଼ି ନେବା ପୋଲିସ ମନୋବୃତିକୁ ପଦାରେ ପକାଇ ଦେଇଛି ।ଜଣେ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ପଠାଇବା ପାଇଁ ଆମ୍ବୁଲାନ୍ସ ନମିଳିବା ପରି ଘଟଣା ଘଟିବା ପରେ ରୋଗୀଙ୍କ ପୁତ୍ର ତାଙ୍କୁ ନିଜ ଗାଡିରେ ନେବାବେଳେ ପୋଲିସ ତାଙ୍କୁ ଅଟକାଇବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର କରିବା କଥା ।ଏଭଳି ପରିସ୍ଥିତିରେ ଜନସାଧାରଣ କର୍ତ୍ତୃପକ୍ଷଙ୍କ ଠାରୁ ନ୍ୟାୟ ଦାବୀ କରି ଧାରଣା ଦେଇଥିବା ଜଣାପଡିଛି ।

**AFFIDAVIT**

By virtue of an affidavit sworn before The Executive Magistrate Parjang, dated 16.10.25. I AMBAR KUMAR DASH,s/o-Pitabas Dash ,At/po-Dighi,p.s-Kamakhyanagar,dist-Dhenkanal,pin-759023, Odisha, declare that I have changed my name from AMBAR DASH to AMBAR KUMAR DASH. Hanceforth I shall be known as AMBAR KUMAR DASH for all purpose.

AMBAR KUMAR DASH

**AFFIDAVIT**

By virtue of an affidavit sworn before Executive Magistrate Dharmasala dated,18.10.2025, I Pramod Das son of Purusottam Das at Sukutijhar (Ichhapur) P.O: Purunaboulmal, PS : Jenapur, Dist. Jajpur, Pin Code : 755023,Odisha declare that I have changed the name of my daughter from Subhalanga Das to Subhalagna Das. Hence forth, she shall be known as Subhalagna Das for all purposes.

Sd/- (Pramod Das)

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୮୦୯୧୯୬୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା-ରବୀନ୍ଦ୍ର ପାଟଯୋଶୀ-୯୪୩୭୭୦୦୧୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ରାଜ୍ୟରେ ଭିତ୍ତିଭୂମି, ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସଂପର୍କରେ

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ୩ୟ ଟ୍ୟାକ୍ସ ଫୋର୍ସ କମିଟି ବୈଠକ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସଂପର୍କରେ ଉଚ୍ଚସ୍ତରୀୟ ୩ୟ ଟ୍ୟାକ୍ସ ଫୋର୍ସ କମିଟି ବୈଠକ ଶନିବାର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ତରରେ ସଂସ୍ଥାଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ପ୍ରକଳ୍ପ ପରିଚାଳନା ଓ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ହେମନ୍ତ ଶର୍ମାଙ୍କ ସମେତ ଟ୍ୟାକ୍ସ ଫୋର୍ସ କମିଟିର ଅନ୍ୟାନ୍ୟ ସଦସ୍ୟ ଥିବା ଅର୍ଥ, ଶକ୍ତି, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ହସ୍ତତନ୍ତ ଓ ବୟନ ଶିଳ୍ପ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନର ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ବୈଠକରେ କେତେକ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରିତାରେ ସରକାରଙ୍କ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ଏବଂ ନିଷ୍ପତ୍ତି ଅନୁସାରେ ମାର୍ଗଦର୍ଶିକା ଅନୁଯାୟୀ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।



ପ୍ରକଳ୍ପ କାର୍ଯ୍ୟକାରିତାରେ ଭୂ- ଅଧିଗ୍ରହଣ ସଂପର୍କିତ ରହୁଥିବା ସମସ୍ୟାର ସମାଧାନ ସଂପର୍କରେ ଇଡ୍‌କୋ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନଙ୍କ ସହିତ ଆଲୋଚନା କରି ମୁଖ୍ୟ ଶାସନ ସଚିବ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସଂପର୍କରେ ନିର୍ଦ୍ଦେଶ ଦେଇଛନ୍ତି । ଶିଳ୍ପ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଜମି ହରାଇଥିବା ଅବଶିଷ୍ଟ ବ୍ୟକ୍ତିମାନଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଶିଳ୍ପ କମ୍ପାନୀର ଆବଶ୍ୟକତା ଅନୁସାରେ ଓପିଟିସିଏଲ ପକ୍ଷରୁ ଆବଶ୍ୟକ ବିଦ୍ୟୁତ୍ ସବ୍‌ଷ୍ଟେସନ ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା । କେନ୍ଦୁଝର, ବଲାଙ୍ଗିର, ଜଗତସିଂହପୁର, ଖୋର୍ଦ୍ଧା ଆଦି ଜିଲ୍ଲାରେ ବୟନଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ସଡ଼କ ସୁବିଧା ପାଇଁ ଭୂ-ଅଧିଗ୍ରହଣ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ସଂପର୍କିତ ସମସ୍ୟାକୁ ସମାଧାନ କରିବା ପାଇଁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଜିଲ୍ଲାରେ ଅନୁମୋଦନ ଅନୁସାରେ ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଜମି ଯୋଗାଇଦିଆଯିବା ସହ ଆବଶ୍ୟକ ସୁବିଧା ଏବଂ ପାଇପ୍ ଯୋଗେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକାରିତା ସମୀକ୍ଷା କରାଯାଇ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଓଡ଼ିଶା ରାଜ୍ୟ ସରକାର ଭିତ୍ତିଭୂମି ଏବଂ ପ୍ରମୁଖ ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ ଓ କାର୍ଯ୍ୟ ସମୀକ୍ଷା ସଂପର୍କରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି ଏବଂ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ଏ ଦିଗରେ ନିୟମିତ ତଦାରଖ ଓ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରକଳ୍ପ କାର୍ଯ୍ୟକାରିତାରେ ପୂର୍ବରୁ ଥିବା ସମସ୍ୟା, ସମାଧାନ ପାଇଁ ପଦକ୍ଷେପ ଓ ସଦ୍ୟତମ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପାଇଁ ରାଜ୍ୟର ସଂପୃକ୍ତ ବିଭାଗ ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସଂପର୍କିତ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍(ପିଏମଜି) ପୋର୍ଟାଲରେ ତଥ୍ୟ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନୁଷ୍ଠିତ ବୈଠକରେ ପୋର୍ଟାଲରେ ସ୍ଥାନିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରି ବିଳମ୍ବିତ ହେଉଥିବା ନିର୍ମାଣାଧିନ ବିଭିନ୍ନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ରାଜ୍ୟରେ ପ୍ରକଳ୍ପ ତଦାରଖ ଓ ସମୀକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରକଳ୍ପ ମଞ୍ଜୁରୀ, ଭୂ- ଅଧିଗ୍ରହଣ ଏବଂ ସୁବିଧାରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ "ପିଏମଜି" ଏବଂ "ପ୍ରଗତି"ରେ ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡ଼ିକ ଜିଲ୍ଲାସ୍ତରରେ ପ୍ରତି ମାସର ୭ ତାରିଖ ସୁଦ୍ଧା, ସଂପୃକ୍ତ ବିଭାଗୀୟ ମୁଖ୍ୟମାନେ ମାସର ୧୨ ତାରିଖ ସୁଦ୍ଧା ଏବଂ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ୩ୟ ଶନିବାର ସମୀକ୍ଷା ବୈଠକ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହାକୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରାଯିବା ସହ ରାଜ୍ୟ ସ୍ତରୀୟ ସଂସ୍ଥାଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ପ୍ରକଳ୍ପ ପରିଚାଳନା ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ ।

### ଦକ୍ଷିଣକାଳୀ ପୀଠରେ କାଳୀପୂଜା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି

# ସୁରକ୍ଷା ଦାୟିତ୍ୱରେ ୬ ପ୍ଲାଟୁନ ପୋଲିସ ଫୋର୍ସ ସହିତ ୫ ଇନ୍ସପେକ୍ଟର ମୁତୟନ

ପୁରୀ, (ସବ୍ୟୁ): ରାଜ୍ୟର ପ୍ରସିଦ୍ଧ ଶକ୍ତି ପୀଠ ମଧ୍ୟରେ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ବିରଗୋବିନ୍ଦପୁର ଗ୍ରାମରେ ଥିବା "ମା ଦକ୍ଷିଣକାଳୀ" ପୀଠ ଅନ୍ୟତମ। ଆସନ୍ତା ୨୦ ତାରିଖ ଅମାବାସ୍ୟା ରାତ୍ରୀରେ ମା ଦକ୍ଷିଣକାଳୀ ପୀଠରେ କାଳୀପୂଜା ଅନୁଷ୍ଠିତ ହେବ। ମା ଙ୍କର ପୂଜା ଦେଖିବା ପାଇଁ ବୀରଗୋବିନ୍ଦପୁର ଗ୍ରାମରେ ହଜାର ହଜାର ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ସମାଗମ, ଶୃଙ୍ଖଳିତ ଦର୍ଶନ , ଯାନ ବାହନ ନୀୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ହୋଇଛି। ସୁରକ୍ଷା ଦାୟିତ୍ୱରେ ଜଣେ ଅତିରିକ୍ତ ଏସପି ଙ୍କ ସମେତ , ଡିଏସପି ୬ ପ୍ଲାଟୁନ ପୋଲିସ ଫୋର୍ସ ସହିତ ୫ ଜଣ ଇନ୍ସପେକ୍ଟର ମୁତୟନ ହେବେ। ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀର ବୀରଗୋବିନ୍ଦପୁର, ବୀରପ୍ରତାପପୁର ଏବଂ ସତଯାଜପୁରରେ କରାଯାଇଛି ସମସ୍ତ ସମସ୍ତ ବ୍ୟବସ୍ଥା। ପୁରୀ ଏସପି ପ୍ରତୀକ ସିଂ ଙ୍କ ସୂଚନା।

# ୪୪କିଗ୍ରା ଅଫିମ ଚୋପା ଜବତ କଲା ବୈଶିଙ୍ଗା ପୁଲିସ, ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ, (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନରେ ଜନୈକ ବ୍ୟକ୍ତିଙ୍କ ଘରୁ ୩ଟି ବ୍ୟାଗ ଭର୍ତ୍ତି ୪୪କିଗ୍ରା ଅଫିମ ଚୋପା ଜବତ କରିଛି ବୈଶିଙ୍ଗା ପୁଲିସ ଏବଂ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ କମଳାକାନ୍ତ ଏହି ବେଆଇନ ନିଶା କାରବାରରେ ଦୀର୍ଘଦିନ ପୂର୍ବରୁ ଲିପ୍ତ ଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ରବିବାର ମଧ୍ୟାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଭାବେ ବଡ଼ସାହିର ଅତିରିକ୍ତ ତହସିଲଦାର ବିନିତା କିସ୍କୁ ପୁଲିସ ଫୋର୍ସ ସହିତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱ ଗଡ଼ଗଡ଼ିଆ ଛକ ନିକଟସ୍ଥ କମଳାକାନ୍ତର ଘରେ ଆତର୍କିତ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ କମଳାକାନ୍ତଙ୍କ ଘରୁ ବେଆଇନ ଭାବେ ୩ଟି ବ୍ୟାଗ ଭର୍ତ୍ତି ଅଫିମ ଚୋପା ଜବତ କରିଥିଲେ। ଗଛିତ ଅଫିମ ଚୋପାର ଓଜନ ପାଖାପାଖି ୪୪କିଲୋ ହୋଇଥିଲା । ପରେ ଘଟଣାସ୍ଥଳରୁ ଉକ୍ତ ବେଆଇନ ମାମଲାରେ ଜଡିତ ଉକ୍ତ ଗ୍ରାମର ସ୍ୱର୍ଗତ ଲକ୍ଷ୍ମଣ ନାୟକର ପୁଅ କମଳାକାନ୍ତ ନାୟକକୁ ପୁଲିସ ଗିରଫ କରିଥିଲେ



। ଏହି ଅଫିମ ଚୋପାକୁ ଗୁଣ୍ଡ କରି ଟ୍ରକ ଡ୍ରାଇଭର ମାନଙ୍କୁ ବିକ୍ରୟ କରନ୍ତି କମଳାକାନ୍ତ । ଟ୍ରକ ଡ୍ରାଇଭର ମାନେ ନିଶାଦ୍ରବ୍ୟ ଭାବେ ଏହାକୁ ବ୍ୟବହାର କରନ୍ତି । କମଳାକାନ୍ତ ଏହି ବେଆଇନ ବେପାରରେ ଦୀର୍ଘଦିନ ଧରି ଜଡିତ ଥିବାବେଳେ ପୁଲିସ ହାତରେ ଧରା ପଡୁନଥିଲା । ସେ ଝାଡ଼ଖଣ୍ଡ ରାଜ୍ୟରୁ ବସ ମାଧ୍ୟମରେ ଏହି ଅଫିମ ଚୋପା ଆଣି ତାକୁ ଗୁଣ୍ଡ କରି ଜାତୀୟ ରାଜପଥରେ ୨୪ଘଣ୍ଟା ଧରି ଚାଲୁଥିବା ଟ୍ରକ, ଟ୍ରଲର ଓ ଡମ୍ଫର ଚାଳକ ମାନଙ୍କୁ ଚଢା ଦରରେ ବିକିଥାନ୍ତି । ଆଉ ଭଲ ନିଶା ଧରୁଥିବାରୁ ଡ୍ରାଇଭର ମାନେ ମଧ୍ୟ ଏହି ନିଶା ଦ୍ରବ୍ୟକୁ ଭଲ ପସନ୍ଦ କରିଥାନ୍ତି । ତେବେ ଏନେଇ ପୁଲିସ ୫୨୮ ନଂରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କମଳାକାନ୍ତକୁ ସୋମବାର କୋର୍ଟ ଚାଲାଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀଦାସ ସୂଚନା ଦେଇଛନ୍ତି ।

# ସାହିତ୍ୟ ପତ୍ରିକା 'ଝରଣା ' ଓ 'ଚିରସମର୍ଥା ' ର ଉନ୍ମୋଚନ ଉତ୍ସବ



ଭୁବନେଶ୍ୱର, (ସବ୍ୟୁ) : ସାହିତ୍ୟ ପତ୍ରିକା 'ଝରଣା ' ଓ 'ଚିରସମର୍ଥା 'ର ଉନ୍ମୋଚନ ଉତ୍ସବ ଏବଂ ଏକ ଆଲୋଚନା ଚକ୍ର ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ଝରଣା ଓ ଚିରସମର୍ଥା ପତ୍ରିକାର ସମ୍ପାଦକ ତଥା ଗାଳ୍ପିକ ମନୋଜ କୁମାର ଜେନା ଏହି ସଭାରେ ସଭାପତିତ୍ୱ କରିଥିଲେ। ଆଲୋଚନାର ଆରମ୍ଭରେ ପତ୍ରିକାର ମୁଖ୍ୟ ସମ୍ପାଦିକା ଇନ୍ଦୁରେଖା ପଣ୍ଡା ଉକ୍ତ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଶଙ୍କର୍ଷଣ ପଣ୍ଡାଙ୍କର ପତ୍ରିକା ପାଇଁ ଅନବଦ୍ୟ ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ।'ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଭୂମିକା ' ଶୀର୍ଷକ ଆଲୋଚନାରେ ଅଂଶ ଗ୍ରହଣ କରି ସୁସାହିତ୍ୟିକ ଡାକ୍ତର ଇନ୍ଦ୍ରମଣି ଜେନା ପ୍ରକାଶ କରିଥିଲେ ଯେ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ପତ୍ରପତ୍ରିକା ଏକ ବିଶିଷ୍ଟ ମାଧ୍ୟମ। ଡଃ ଶରତ ଚନ୍ଦ୍ର ରଥ କହିଥିଲେଯେ ଆଧୁନିକ ସାହିତ୍ୟ ଓ ପତ୍ରପତ୍ରିକା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି ଓତଃପ୍ରୋତ ଭାବେ ଜଡିତ। ଡଃ ବିବେକାନନ୍ଦ ପାଣିଗ୍ରାହୀ ଓଡ଼ିଆ ପତ୍ରପତ୍ରିକାର ଧରା ଓ ଧାରା ଉପରେ ଆଲୋକପାତ କରିଥିଲେ। ସଭାପତି ମନୋଜ କୁମାର ଜେନା ପତ୍ରପତ୍ରିକାକୁ ଆଧୁନିକ ସାହିତ୍ୟର ଭିତ୍ତିଭୂମି ଭାବରେ ବିଚାର କରିଥିଲେ।

ଏହି ଉତ୍ସବରେ ପଣ୍ଡିତ ରଘୁନାଥ ମିଶ୍ରଙ୍କ ଦ୍ୱାରା ଅନୂଦିତ ଶ୍ରୀମଦ ଭଗବଦ ଗୀତା ମଧ୍ୟ ଉନ୍ମୋଚିତ ହୋଇଥିଲା ଓ ବକ୍ତାମାନେ ଏହି ପୁସ୍ତକ ଉପରେ ଆଲୋଚନା କରିଥିଲେ। ଶେଷରେ ସୁସାହିତ୍ୟିକା କାନନବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ ଅରବିନ୍ଦ ଢ଼ାଲି ସ୍କାଉଟ ରାଜ୍ୟ ସଭାପତି

ବାଲିପାଟଣା (ସବ୍ୟୁ): ପୂର୍ବତନ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଜୟଦେବର ପୂର୍ବତନ ବିଧାୟକ ଡଃ ଅରବିନ୍ଦ ଢ଼ାଲି ହିନ୍ଦୁସ୍ଥାନ ସ୍କାଉଟ ଓ ଗାଇଡ ର ରାଜ୍ୟ ସଭାପତି ଭାବରେ ମନୋନୀତ ହୋଇଛନ୍ତି । ରାଜ୍ୟରେ ଏହି ସେବା ଅନୁଷ୍ଠାନର ବିକାଶ ସହିତ ଜନସାଧାରଣ ଉପକୃତ ହେବାଭଳି କାର୍ଯ୍ୟକ୍ରମ କୁ ଅଧିକ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରାଯାଇ ପାରିବ ବୋଲି,ଡ ଢ଼ାଲିଙ୍କ ଭଳି ଅନୁଭବୀ ନେତାଙ୍କ ଠାରୁ ଆଶା କରାଯାଉଛି । ବାଲିପାଟଣା ବାଲିଅନ୍ତାରେ ଜନସାଧାରଣ ଏଥିରେ ଖୁସି ବ୍ୟକ୍ତ କରିବା ସହିତ ଡ. ଢ଼ାଲିଙ୍କ ଏହି ନିଯୁକ୍ତି ପାଇଁ ବାଲିପାଟଣା ପ୍ରେସ କ୍ଲବ ତରଫ ରୁ ଅଭିନନ୍ଦନ ଜଣାଇ ଦିଆ ଯାଇଚି । ଏଥିପାଇଁ ସାରା ଜୟଦେବ ନିର୍ବାଚନ ମଣ୍ଡଳୀ ରେ ଖୁସିର ମାହୋଲ ସୃଷ୍ଟି ହୋଇଛି ।

### ବେଆଇନ ଦେଶୀ ମଦ କାରଖାନା ଉପରେ ଅବକାରୀ ବିଭାଗ ର ଚଢାଉ

# ବିପୁଳ ପରିମାଣର ଦେଶୀମଦ ଏବଂ ମହୁଲପୋଚ ଜବତ

ବେତନଟୀ,(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ଥାନା ପକ୍ଷରୁ ବଡସାହି ଥାନା ଅଧୀନ ଯଦୁନାଥପୁର, ଅସ୍ତଝରଣ, ରାଉତରାପୁର ଏବଂ ମଧୁପୁର ଇଲାକାରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ରବିବାର ମିଳିତ ଭାବେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ ଏବଂ ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ପ୍ରାପ୍ତ ସୂଚନା ମୁତାବକ ଯଦୁନାଥପୁର, ଅସ୍ତଝରଣ, ରାଉତରାପୁର ଏବଂ ମଧୁପୁର ଇଲାକାରେ ଚୋରା ଦେଶିମଦ କାରଖାନା ଚାଲିଥିବାର ଖବରପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଓ ମୋବାଇଲ ଟିମ ୟୁନିଟ



ପ୍ରମୁଖ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ସଦଳବଳେ ଚଢାଉ କରିଥିଲେ । ଚଢାଉ ସମୟରେ ଯଦୁନାଥପୁର ଗ୍ରାମରୁ ସାଢେ ୪ହଜାର କେଜି ମହୁଲପୋଚ ଏବଂ ୪ଶହ ୩୦ଲିଟର ଦେଶିମଦ, ଅସ୍ତଝରଣ ଠାରେ ୪ହଜାର ୭ଶହ କେଜି ମହୁଲପୋଚ ଓ ୪ଶହ ୫୦ଲିଟର ଟର ରନ୍ଧାମଦ, ରାଉତରାପୁର ଠାରେ ୩ହଜାର ୭ଶହ କେଜି ମହୁଲପୋଚ ଓ ୩ଶହ ୭୦ଲିଟର ଦେଶିମଦ ସମେତ ମଧୁପୁର ଠାରେ ୪ହଜାର ୪ହ ୯ଶହ କେଜି ମହୁଲପୋଚ ଏବଂ ୪ଶହ ୪୦ଲିଟର ଚୋରା ଦେଶିମଦ ଜବତ କରାଯାଇଥିଲା। ଏଥିସହିତ ଚଢାଉ କରାଯାଇଥିବା କରାଯାଇ ସମସ୍ତ ସ୍ଥାନରେ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ମଧ୍ୟ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ଏଥି ସହିତ ମଦ ପ୍ରସ୍ତୁତି ଓ ଚାଲାଣରେ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ, ଆଲୁମିନିୟମ ଡେକଚି ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ଯାଇଛି । ଏନେଇ ଉଦଳା ରେଞ୍ଜ ଏବଂ ମୋବାଇଲ ଟିମ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିବା ବେଳେ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଛି ।

### ନୂଆପଡ଼ା ଶିଶୁ ବିଦ୍ୟାମନ୍ଦିରରେ ମାତୃକର୍ମଶାଳା

# ଶିଶୁର ଅନ୍ତର୍ନିହିତ ଗୁଣାବଳୀର ବିକାଶରେ ମା'ର ଭୂମୀକା ଗୁରୁତ୍ୱପୂର୍ଣ୍ଣ

କଟକ,(ସ୍ୱପ୍ର): ମା' ହେଉଛି ଶିଶୁର ଆଦ୍ୟ ଗୁରୁ । ଶିଶୁଟି ଅନୁକରଣ ପ୍ରିୟ । ମା'ର ଆଚାର ବ୍ୟବହାର ଏବଂ ଶୃଙ୍ଖଳିତ ଆଚରଣ ଶିଶୁକୁ



ପ୍ରଭାବିତ କରେ । ଶିଶୁର ଅନ୍ତର୍ନିହିତ ଗୁଣାବଳୀର ବିକାଶ କ୍ଷେତ୍ରରେ ମା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତ୍ୟେକ ମା' ଏଥିପ୍ରତି ଯନିବାନ ହେବାକୁ ସ୍ଥାନୀୟ ନୂଆପଡ଼ା ବାଲିସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ମାତୃକର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪୨ ମୌଜା ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୁଷ୍ପିତା ପାଲ୍ଲୁର ମତବ୍ୟକ୍ତ କରିଥିଲେ । ରବିବାର ସ୍କୁଲ ପରିସରରେ ଆୟୋଜିତ କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଡାକ୍ତର ପାଲ୍ଲୁର ଉଦ୍‌ଘାଟନ କରିଥିଲେ । କର୍ମଶାଳାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ସୁପ୍ରିୟା ମହାପାତ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଡାକ୍ତର ରାକେଶ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଚାଳନା କମିଟି ସଦସ୍ୟା ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ଉପସଭାପତି ଦିଲ୍ଲୀପ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ଅବିଭାବିକା ମା' ମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ସେବକ ସେବିକା ମାନଙ୍କ ସହାୟତାରେ କର୍ମଶାଳାଟି ସଫଳ ହୋଇଥିଲା ।

### ଅନ୍ଦରପୁର ଶିବମନ୍ଦିର ପରିଚାଳନାରେ ବିଭ୍ରାଟ

# ବିଧାୟକଙ୍କ ସୁପାରିଶ କ୍ରମେ ଜିଲ୍ଲାପାଳଙ୍କ ଦପ୍ତରରେ ପହଞ୍ଚିଲା ଦାବିପତ୍ର

କଟକ, (ସ୍ୱପ୍ର) : ସ୍ଥାନୀୟ ଅନ୍ଦରପୁର ସ୍ଥିତ ନାଗେଶ୍ୱର ମନ୍ଦିରର ପରିଚାଳନାକୁ ନେଇ ବିଭ୍ରାଟ ଦେଖା ଦେଇଛି । ଏକ ସ୍ଥାୟୀ ପରିଚାଳନା କମିଟି ଗଠନ ପାଇଁ ଅନ୍ଦରପୁର ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଛି । ବିଧାୟକ କମିଟି ଗଠନ ନିମନ୍ତେ ପ୍ରଦତ୍ତ ଦରଖାସ୍ତରେ ମୋହର ମାରି ଜିଲ୍ଲାପାଳଙ୍କ ନିକଟକୁ ସୁପାରିଶ କରିଛନ୍ତି । ସିଏମ୍‌ସି ୫୩ନଂ ୱାର୍ଡ ଅନ୍ତର୍ଗତ ଅନ୍ଦରପୁରରେ ନାଗେଶ୍ୱର (ଶିବ) ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ଜନୈକା ମହିଳା ନିଜ ଅକ୍ତିଆରକୁ ନେଇ ଏକଚାଟିଆ ଭାବେ ସାହିବାସିନ୍ଦାଙ୍କୁ ମନ୍ଦିର ଯିବାକୁ ବାରଣ କରିବା ସହିତ ଏହା ନିଜର ପୈତୃକ ସମ୍ପତି ବୋଲି ଚାରିଆଡେ କହି ବୁଲୁଛନ୍ତି । ମନ୍ଦିର ସମ୍ମୁଖରେ ଏକ ଭୋଗ ଦୋକାନରୁ ଭୋଗ କିଣିଲେ ମନ୍ଦିରରେ ଠାକୁରଙ୍କୁ ପୂଜା କରାଯିବ ନଚେତ୍ ଫେରାଇ ଦିଆଯିବ ବୋଲି ମହିଳା ଜଣକ କହୁଥିବାର ଗ୍ରାମବାସୀ ମାନେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେଣୁ ତୁରନ୍ତ ଏହି ମନ୍ଦିରର ଏକ ସ୍ଥାୟୀ ପରିଚାଳନା କମିଟି ଗଠନ କରି ଗ୍ରାମରେ ସୃଷ୍ଟି ହୋଇଥିବା ଅଶାନ୍ତ ବାତାବରଣକୁ ପ୍ରଶମିତ କରିବାକୁ ଗ୍ରାମର ଅଧିକାରୀ ପ୍ରମୋଦ ଭୋଳଙ୍କ ସମେତ ଗ୍ରାମବାସୀମାନଙ୍କ ସ୍ୱାକ୍ଷର ଥିବା ଏକ ଦରଖାସ୍ତ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ଜରିଆରେ ବିଧାୟକ ଶ୍ରୀ ବିଶ୍ୱାଳଙ୍କୁ ଦେଇଛନ୍ତି । ବିଧାୟକ ଶ୍ରୀ ବିଶ୍ୱାଳ ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ ଏହି ମନ୍ଦିରର ଠାକୁରଙ୍କ ନୀତିକାନ୍ତି ତଥା ଶୃଙ୍ଖଳା ରକ୍ଷା ନିମନ୍ତେ ଯଥାଶୀଘ୍ର ଗ୍ରାମବାସୀଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରିବାକୁ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତକୁ ସୁପାରିଶ କରିଥିବା ଜଣାପଡିଛି ।

### ଟ୍ୟୁସନ ସାରଙ୍କ ଉପରକୁ ଦୁଇରାଉଣ୍ଡ ଗୁଳିଚାଳନା ଘଟଣା

# ୫ଜଣଙ୍କୁ ପଚରା ଉଚରା ଜାରି ରଖିଛି ବଡ଼ସାହି ପୁଲିସ

ବେତନଟୀ/ବାରିପଦା(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ପୁଲିସ ଉପଖଣ୍ଡ ତଥା ବଡସାହି ଥାନା ଅଧୀନ ଶାକୁଆ ପୁରୁଣା ଇଟାଭାଟି ରାସ୍ତାରେ ଶନିବାର ରାତି ଟ୍ୟୁସନ ସାରି ଘରକୁ ଫେରୁଥିବା ଜନୈକ ଯୁବକଙ୍କ ଉପରେ ଦୁଇରାଉଣ୍ଡ ଗୁଳିଚାଳନା ଘଟଣାରେ ରବିବାର ବଡସାହି ପୁଲିସ ପକ୍ଷରୁ ମାଙ୍କଡାପାଳ ଗ୍ରାମର ଦୁଇ ପରିବାରର ୫ଜଣଙ୍କୁ ଉଠାଇନେଇ ପଚରା ଉଚରା ଜାରି ରଖିଥିବା ବେଳେ ସୋମବାର ଗୁଳିକାଣ୍ଡର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରାପ୍ତ ସୂଚନା ମୁତାବକ ଶାକୁଆ ଉପକଣ୍ଠ ମାଙ୍କଡାପାଳ ଗ୍ରାମର ଶ୍ରୀକାନ୍ତ ନାଏକଙ୍କ ପୁଅ ସଞ୍ଜୟ ନାୟକ ତାଳପଦା, ପଥରାପଦା, ଶାକୁଆ ଇଲାକାରେ ଦୈନିକ ଟ୍ୟୁସନ ସାରି ରାତି ସାଢେ ୯ଟା ପାଖାପାଖି ସମୟରେ ଘରକୁ ଫେରନ୍ତି ଓ ସବୁଦିନ ଭଳି ଶନିବାର ରାତି ମଧ୍ୟ ସଞ୍ଜୟ ଟ୍ୟୁସନ ସାରି ଘରକୁ ଫେରୁଥିବା ବେଳେ ଶାକୁଆ ଗାଁ ମୁଣ୍ଡ ପୁରୁଣା ଇଟାଭାଟି ଠାରେ ପୂର୍ବରୁ ଅନ୍ଧାରରେ ଛକି ରହିଥିବା ସନ୍ଧିଗ୍ଧ ବ୍ୟକ୍ତି ଦୁଇରାଉଣ୍ଡ ଗୁଳିଚାଳନା କରି ଚମ୍ପଟ ମାରିଥିଲା ଓ ଗୁରୁତର ସଞ୍ଜୟଙ୍କୁ ଉଦ୍ଧାରକରି ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।ଅବସ୍ଥା ଶଙ୍କଟାପନ୍ନ ଥିବାରୁ ପ୍ରାଥମିକ । ଚିକିତ୍ସା ପରେ ସଙ୍ଗେସଙ୍ଗେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏପଟେ ସାକୁଆ ଗୁଳିକାଣ୍ଡକୁ ବଡସାହି ପୁଲିସ ଟିମ



ତତ୍ପର ହୋଇଉଠିଥିବା ବେଳେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ଚଢାଉକୁ ଜୋରଦାର କରାଯାଇଛି । ପ୍ରାଥମିକ ତଦନ୍ତରୁ ଅନ୍ଧବିଶ୍ୱାସକୁ ନେଇ ଲାଗି ରହିଥିବା ପାରିବାରିକ କଳହ ଏବଂ ଅଙ୍ଗନୱାଡିକେନ୍ଦ୍ରରେ ଗୁଳିକାଣ୍ଡର ଶିକାର ସଞ୍ଜୟ ନାଏକଙ୍କ ସ୍ତ୍ରୀ ପାଚିକା ସହାୟିକା ଭାବେ ଚାକିରି କରୁଥିବା ବେଳେ ଉକ୍ତ ପାଚିକା ସହାୟିକା ନିଯୁକ୍ତିକୁ ନେଇ ମଧ୍ୟ ଆଶାୟୀ ସଞ୍ଜୟଙ୍କ ପରିବାର ଉପରେ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ । ଏହି ଦୁଇଟି ସମ୍ଭାବ୍ୟ କାରଣକୁ ନେଇ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ତଦନ୍ତ କରୁଥିବା ବେଳେ ମାଙ୍କଡାପାଳ ଗ୍ରାମର ହରିହର ନାଏକଙ୍କ ପରିବାରର ୩ଜଣ ଅଙ୍ଗନୱାଡିକର୍ମୀଙ୍କ ସ୍ୱାମୀ ବିଷ୍ଣୁ ନାଏକଙ୍କ ପରିବାରର ୨ଜଣ ଏହିପରି ୫ଜଣଙ୍କୁ ପୁଲିସ ଉଠାଇନେଇ ବଡସାହି ଥାନାରେ ପଚରା ଉଚରା କରୁଛି । ଏପଟେ ସାଇଣ୍ଟିଫିକ ଫିକ ଟିମ ରବିବାର ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ତଦନ୍ତକରି ବିଭିନ୍ନ ନମୂନା ସଂଗ୍ରହ ପୂର୍ବକ ଫେରିଛି ।

# ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

ନୂଆଦିଲ୍ଲୀ, ୧୯.୧୦.୨୦୨୫: ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଆସନ୍ତା ମଙ୍ଗଳବାର, ୨୧ ଅକ୍ଟୋବର ୨୦୨୫ରେ 'ପୋଲିସ ସ୍ମାରକୀ ଦିବସ'ରେ ନୂଆଦିଲ୍ଲୀସ୍ଥିତ ଜାତୀୟ ପୋଲିସ ସ୍ମାରକୀରେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ।୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖର ହଟ୍ ସ୍ପ୍ରିଙ୍ଗ ଅଞ୍ଚଳରେ ଏକ ସଶସ୍ତ୍ର ଚୀନ୍ ଦଳ ଦ୍ୱାରା ଆକ୍ରମଣରେ ଦଶ ଜଣ ସାହସୀ ପୋଲିସ କର୍ମଚାରୀ ନିଜ ଜୀବନ ବଳିଦାନ ଦେଇଥିଲେ। ସେବେଠାରୁ, ଅକ୍ଟୋବର ୨୧ ତାରିଖକୁ ପ୍ରତିବର୍ଷ 'ପୋଲିସ ସ୍ମାରକୀ ଦିବସ' ଭାବରେ ପାଳନ କରାଯାଉଛି। ପୋଲିସ କର୍ମଚାରୀଙ୍କ ବଳିଦାନ ଏବଂ ଜାତୀୟ ସୁରକ୍ଷା ଏବଂ ଏକତା ବଜାୟ ରଖିବାରେ ପୋଲିସ ଦ୍ୱାରା ନିର୍ବାହିତ ଉତ୍କୃଷ୍ଟ ଭୂମିକାକୁ ସମ୍ମାନ ଜଣାଇ, ମାନ୍ୟବର ପ୍ରଧାନମନ୍ତ୍ରୀ ୨୦୧୮ ପୋଲିସ ସ୍ମାରକୀ ଦିବସ ଅବସରରେ ନୂଆଦିଲ୍ଲୀର ଚାଣକ୍ୟପୁରୀଠାରେ 'ଜାତୀୟ ପୋଲିସ ସ୍ମାରକୀ (ଏନପିଏମ)'କୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ।

ଏହି ସ୍ମାରକୀ ପୋଲିସ ବାହିନୀ ମଧ୍ୟରେ ଜାତୀୟ ପରିଚୟ, ଗର୍ବ, ଉଦ୍ଦେଶ୍ୟର ଏକତା, ଏକ ସାଧାରଣ



ଇତିହାସ ଏବଂ ଭବିଷ୍ୟତ ପାଇଁ ଏକ ଦୃଷ୍ଟିକୋଣର ଭାବନା ସୃଷ୍ଟି କରେ, ଏହା ସହିତ ପ୍ରାଣବଳୀ ଦେଇ ମଧ୍ୟ ଦେଶରକ୍ଷା କରିବାକୁ ସେମାନଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରିଥାଏ। ଏହି ସ୍ମାରକୀରେ ରହିଛି ଏକ କେନ୍ଦ୍ରୀୟ ଢାଞ୍ଚା- 'ବୀରତ୍ୱର ପ୍ରାଚୀର' ଏବଂ ଏକ ସଂଗ୍ରହାଳୟ। କେନ୍ଦ୍ରୀୟ ଢାଞ୍ଚା, ଏକ ୩୦ ଫୁଟ ଉଚ୍ଚ ଗ୍ରାନାଇଟ୍ ମୋନୋଲିଥ୍, ଯାହାକି ପୋଲିସ କର୍ମଚାରୀଙ୍କ ଶକ୍ତି, ବିନମ୍ରତା ଏବଂ ନିଃସ୍ୱାର୍ଥପର ସେବାର ପ୍ରତୀକ। ସେହିପରି, ସହିଦଙ୍କ ନାମ ସହିତ ଖୋଦିତ 'ବୀରତ୍ୱର ପ୍ରାଚୀର' କର୍ତ୍ତବ୍ୟ ପାଳନ ସମୟରେ ନିଜ ଜୀବନ ଉତ୍ସର୍ଗ କରିଥିବା ପୋଲିସ କର୍ମଚାରୀଙ୍କ ସାହସ ଏବଂ ବଳିଦାନର ଏକ ଅବିଚଳିତ ପ୍ରତୀକ ଭାବରେ ଠିଆ ହୋଇଛି। ଏହି ସଂଗ୍ରହାଳୟର ଅବଧାରଣା ଭାରତୀୟ ପୋଲିସ ବ୍ୟବସ୍ଥାର ଇତିହାସ ଏବଂ ବିବର୍ତ୍ତନକୁ ପ୍ରତିଫଳିତ କରେ। ଏହି ସ୍ଥାନ ପୋଲିସ ବାହିନୀ ଏବଂ ସାଧାରଣ ଜନତା ଉଭୟଙ୍କ ହୃଦୟରେ ଏକ ପବିତ୍ର ସ୍ଥାନ ରଖିଛି। ସୋମବାର ବ୍ୟତୀତ ସମସ୍ତ ଦିନ ଏହି ସ୍ମାରକୀ ଜନସାଧାରଣଙ୍କ ପାଇଁ ଖୋଲା ରହିଥାଏ। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ପ୍ରତି ଶନିବାର ଏବଂ ରବିବାର ସୂର୍ଯ୍ୟାସ୍ତ ଏକ ଘଣ୍ଟା ପୂର୍ବରୁ ଏଠାରେ ଏକ ବ୍ୟାଣ୍ଡ, ପରେଡ୍ ଏବଂ ଧ୍ୱଜାରୋହଣ ସମାରୋହ ମଧ୍ୟ ଆୟୋଜନ କରନ୍ତି।

ଏହି କାର୍ଯ୍ୟକ୍ରମ ସମୟରେ, ମାନ୍ୟବର ପ୍ରତିରକ୍ଷା ମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରି, ସହିଦମାନଙ୍କୁ ସ୍ମରଣ କରିବେ ଏବଂ ପୋଲିସ ବ୍ୟବସ୍ଥା ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିବେ। ହଟ୍ ସ୍ପ୍ରିଙ୍ଗସର ସହିଦମାନଙ୍କ ପାଇଁ ଉତ୍ସର୍ଗୀକୃତ ମଣ୍ଡପରେ ଗୃହମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସହିତ ଏହି କାର୍ଯ୍ୟକ୍ରମ ଶେଷ ହେବ। ଏହି କାର୍ଯ୍ୟକ୍ରମ ଦୂରଦର୍ଶନ, ଆକାଶବାଣୀ ଏବଂ ଗଣମାଧ୍ୟମରେ ପ୍ରସାରିତ ହେବ, ଏହା ସହିତ ପୋଲିସ ବାହିନୀର ୱେବସାଇଟରେ ୱେବକାଷ୍ଟ ମଧ୍ୟ କରାଯିବ। ସହିଦମାନଙ୍କ ସ୍ମୃତିରେ, ଅକ୍ଟୋବର ୨୨ ରୁ ୩୦ ମଧ୍ୟରେ ଜାତୀୟ ପୋଲିସ ସ୍ମାରକୀରେ ସିଏପିଏଫ/ସିପିଓ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ସହିଦଙ୍କ ପରିବାରକୁ ସ୍ମାରକୀକୁ ନିମନ୍ତ୍ରଣ କରିବା, ପୋଲିସ ବ୍ୟାଣ୍ଡ ପ୍ରଦର୍ଶନ, ମୋଟରସାଇକେଲ ରାଲି, ସହିଦଙ୍କ ପାଇଁ ଦୌଡ଼ ଆୟୋଜନ ଏବଂ ପୋଲିସ କର୍ମଚାରୀଙ୍କ ତ୍ୟାଗ, ବୀରତ୍ୱ ଏବଂ ସେବାକୁ ଦର୍ଶାଇ ଏକ ଭିଡିଓ ଫିଲ୍ମ ପ୍ରଦର୍ଶନ କରାଯିବ। ଏହି ସମୟ ମଧ୍ୟରେ ଦେଶବ୍ୟାପୀ ସମସ୍ତ ପୋଲିସ ବାହିନୀ ଦ୍ୱାରା ସମାନଧରଣର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# କର୍ଣ୍ଣାଟକ, ମହାରାଷ୍ଟ୍ରକୁ ୧୯୫୦.୮୦ କୋଟି

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରକୁ ଏସ୍‌ଡିଆରଏଫ୍‌ର କେନ୍ଦ୍ରୀୟ ଅଂଶର ଦ୍ୱିତୀୟ କିସ୍ତି ଭାବରେ ୧୯୫୦.୮୦ କୋଟି ଟଙ୍କା ଅଗ୍ରିମ ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟରେ ଅତ୍ୟଧିକ ପ୍ରବଳ ବର୍ଷା ଏବଂ ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ତୁରନ୍ତ ରିଲିଫ୍ ସହାୟତା ଯୋଗାଇ ଦେବା ପାଇଁ ମୋଟ ୧,୯୫୦.୮୦ କୋଟି ଟଙ୍କା ମଧ୍ୟରୁ କର୍ଣ୍ଣାଟକ ପାଇଁ ୩୮୪.୪୦ କୋଟି ଟଙ୍କା ଏବଂ ମହାରାଷ୍ଟ୍ର ପାଇଁ ୧,୫୬୬.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, କେନ୍ଦ୍ର ସରକାର ବନ୍ୟା, ଭୂସ୍ଖଳନ ଏବଂ ମେଘ ବିସ୍ଫୋରଣ ଦ୍ୱାରା ପ୍ରଭାବିତ ରାଜ୍ୟଗୁଡ଼ିକୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଏହି ବର୍ଷ, କେନ୍ଦ୍ର ସରକାର ପୂର୍ବରୁ ୨୭ଟି ରାଜ୍ୟକୁ ଏସ୍‌ଡିଆରଏଫ୍ ଅଧୀନରେ ୧୩,୬୦୩.୨୦ କୋଟି ଟଙ୍କା ଏବଂ ୧୫ଟି ରାଜ୍ୟକୁ ଏନ୍‌ଡିଆରଏଫ୍ ଅଧୀନରେ ୨,୧୮୯.୨୮ କୋଟି ଟଙ୍କା ପ୍ରଦାନ କରିସାରିଛି। ଏହା ବ୍ୟତୀତ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୨୧ଟି ରାଜ୍ୟକୁ ୪,୫୭୧.୩୦ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ରୁ ୦୯ଟି ରାଜ୍ୟକୁ ୩୭୨.୦୯ କୋଟି ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ସମସ୍ତ ବନ୍ୟା, ଭୂସ୍ଖଳନ, ମେଘଫୁଟ ପ୍ରଭାବିତ ରାଜ୍ୟକୁ ଆବଶ୍ୟକୀୟ ଏନ୍‌ଡିଆରଏଫ୍ ଦଳ, ସେନା ଦଳ ଏବଂ ବାୟୁସେନା ସହାୟତା ନିୟୋଜିତ କରିବା ସହିତ ସମସ୍ତ ଲଜିଷ୍ଟିକ୍ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମୌସୁମୀ ସମୟରେ, ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ ୩୦ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ସର୍ବାଧିକ ୧୯୯ଟି ଏନ୍‌ଡିଆରଏଫ୍ ଦଳ ନିୟୋଜିତ କରାଯାଇଥିଲା।

# ୟୁକ୍ରେନଠୁ କ'ଣ ଚାହୁଁଛି ରୁଷ?

ନୂଆଦିଲ୍ଲୀ: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ ସହିତ ଅସ୍ତ୍ରବିରତି ପାଇଁ ଏକ ନୂତନ ସର୍ତ୍ତ ଲଗାଇଛନ୍ତି। ଗତ ଗୁରୁବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ କଲ୍ ସମୟରେ, ରୁଷ ରାଷ୍ଟ୍ରପତି ପୁଟିନ ଦାବି କରିଥିଲେ ଯେ କିଭ ପୂର୍ବ ୟୁକ୍ରେନର ଏକ ଅଞ୍ଚଳ ଡୋନେଟସ୍କର ପୂର୍ଣ୍ଣ ନିୟନ୍ତ୍ରଣ ରୁଷକୁ ହସ୍ତାନ୍ତର କରନ୍ତୁ। ପ୍ରତିବଦଳରେ, ରୁଷ ଖେରସନ ଏବଂ ଜାପୋରିଝିଆର ଅଧିକୃତ ଅଞ୍ଚଳଗୁଡ଼ିକୁ ଫେରାଇବାକୁ ଇଚ୍ଛୁକ। ଆଉ କୁହାଯାଉଛି ଶୁକ୍ରବାର ଆଲୋଚନା ସମୟରେ ହ୍ୱାଇଟ୍ ହାଉସ୍ ଅଧିକାରୀ ଷ୍ଟିଭ୍ ୱିଟକଫ୍ ଜେଲେନ୍ସ୍କିଙ୍କୁ ଡୋନେଟସ୍କକୁ ରୁଷକୁ ହସ୍ତାନ୍ତର କରିବାକୁ ଚାପ ପକାଇଥିଲେ, କାରଣ ଡୋନେଟସ୍କ ମୁଖ୍ୟତଃ ରୁଷୀୟ ଭାଷାଭାଷୀମାନଙ୍କ ଦ୍ୱାରା ଜନବହୁଳ।

କ'ଣ କହିଲେ ଜେଲେନସ୍କି?

ୟୁକ୍ରେନ ଏପର୍ଯ୍ୟନ୍ତ ପୁଟିନଙ୍କ ନୂତନ ସର୍ତ୍ତ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇନାହିଁ କିମ୍ବା ସାର୍ବଜନୀନ ଭାବରେ ଏହାର ପ୍ରତିକ୍ରିୟା ପ୍ରକାଶ କରିନାହିଁ। ତଥାପି, ୟୁକ୍ରେନ କହିଛି ଯେ ପଶ୍ଚିମ ଦେଶ ଏବଂ ଆମେରିକା ରୁଷର ନୂତନ ଦାବି ପୂରଣ କରିବାକୁ ପ୍ରସ୍ତୁତ, କିନ୍ତୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ତାଙ୍କ ଲୋକଙ୍କ ସହିତ ପରାମର୍ଶ କରିବା ପରେ ହିଁ ନିଷ୍ପତ୍ତି ନେବେ। ଏହି ସମୟରେ, ୟୁକ୍ରେନ ଜିଦ୍ ଧରିଛି ଏବଂ ନାଟୋର ସଦସ୍ୟ ହେବା ପାଇଁ ଏହାର ଦାବି ଉପରେ ଅଟଳ ରହିଛି। ୟୁକ୍ରେନକୁ ମଧ୍ୟ ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ, ଏବଂ କେବଳ ସେତେବେଳେ ସେମାନେ ଏକ ଯୁଦ୍ଧବିରତି ଚୁକ୍ତିନାମା ଗ୍ରହଣ କରିବେ। ଜେଲେନ୍ସ୍କି କହିଛନ୍ତି ଯେ ରୁଷ ପ୍ରତ୍ୟେକ ଥର ଜିଦ୍ ଧରିଛି, ତେଣୁ ଏଥର ସେମାନେ ମଧ୍ୟ ଜିଦ୍ ଧରିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପାଇଁ, ସେ ପ୍ରଥମେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନ୍ ମାଧ୍ୟମରେ ପ୍ରାୟ ଦୁଇ ଘଣ୍ଟା କଥା ହୋଇଥିଲେ। ଏହି ସମୟ ମଧ୍ୟରେ ପୁଟିନ ଯୁଦ୍ଧବିରତି ପାଇଁ ଶାନ୍ତି ଆଲୋଚନା କରିବାକୁ ରାଜି ହୋଇଥିଲେ ଏବଂ ତାଙ୍କର ଦାବି ଜଣାଇଥିଲେ। ପୁଟିନଙ୍କ ସହ କଥା ହେବା ପରେ, ଟ୍ରମ୍ପ ହ୍ୱାଇଟ୍ ହାଉସରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍ସ୍କିଙ୍କ ସହ କଥା ହୋଇଥିଲେ ଏବଂ ପୁଟିନଙ୍କ ସର୍ତ୍ତାବଳୀ ବୁଝାଇଥିଲେ। ଟ୍ରମ୍ପ ୟୁକ୍ରେନକୁ ଟୋମାହକ୍ କ୍ଷେପଣାସ୍ତ୍ର ଯୋଗାଇବାକୁ ମଧ୍ୟ ମନା କରିଥିଲେ। ସେ ପୁଟିନଙ୍କୁ ଚେତାବନୀ ଦେଇ କହିଥିଲେ ଯେ ଯଦି ଏଥର ଯୁଦ୍ଧବିରତି ନ ହୁଏ, ତେବେ ସେ ୟୁକ୍ରେନକୁ କ୍ଷେପଣାସ୍ତ୍ର ଦେବେ। ପରବର୍ତ୍ତୀ ଯେକୌଣସି ଘଟଣା ପାଇଁ ରୁଷ ଦାୟୀ ରହିବ। ହେଲେ ଯାହା ଜଣାପଡୁଛି, ଟ୍ରମ୍ପଙ୍କ ବାରମ୍ବାର ପ୍ରୟାସ ସତ୍ତ୍ୱେ ଦୁଇ ଦେଶ କୌଣସି ନିଷ୍କର୍ଷରେ ପହଞ୍ଚିପାରୁନାହାନ୍ତି। ଯାହା ଏବେ ୟୁକ୍ରେନ ଏବଂ ରୁଷିଆ ଯୁଦ୍ଧବିରତି ନେଇ ନୂଆ ଆଶଙ୍କା ସୃଷ୍ଟି କରିଛି।

ତେବେ ପୂର୍ବରୁ ମଧ୍ୟ ବହୁବାର ରାଷ୍ଟ୍ରପତି ଟ୍ରମ୍ପ ପୁଟିନ ଏବଂ ଜେଲେନ୍ସ୍କିଙ୍କ ସହ କଥା ହୋଇଛନ୍ତି। ହେଲେ ପ୍ରତି ଥର ଆଲୋଚନା ଫଳାଫଳ କେବଳ ନିରାଶା ହିଁ ମିଳିଛି। ରାଷ୍ଟ୍ରପତି ଟ୍ରମ୍ପ ଅଗଷ୍ଟ ୧୫ ତାରିଖରେ ଆଲାସ୍କାରେ ରାଷ୍ଟ୍ରପତି ପୁଟିନଙ୍କୁ ଭେଟିଥିଲେ, କିନ୍ତୁ ଏକ ଯୁଦ୍ଧବିରତି ଚୁକ୍ତି ହୋଇପାରିନଥିଲା କାରଣ ପୁଟିନ ଜିଦ୍ ଧରିଥିଲେ ଯେ ସେ ୟୁକ୍ରେନକୁ ନାଟୋ ସଦସ୍ୟ ହେବାକୁ ଦେବେ ନାହିଁ। ରାଷ୍ଟ୍ରପତି ଟ୍ରମ୍ପ ଅଗଷ୍ଟ ୨୨ ତାରିଖରେ ଜେଲେନ୍ସ୍କିଙ୍କ ସହ ସାକ୍ଷାତ କରିଥିଲେ, ତାଙ୍କ ସହିତ ୟୁରୋପୀୟ ସଂଘର ରାଷ୍ଟ୍ରପତି ଏବଂ ଅନେକ ୟୁରୋପୀୟ ଦେଶର ରାଷ୍ଟ୍ରମୁଖ୍ୟ ଥିଲେ। ତଥାପି, ଯେତେବେଳେ ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ଦାବି କରିଥିଲେ, ରୁଷ ମନା କରିଦେଇଥିଲା, ଏବଂ ଉଭୟ ଦେଶ ସେମାନଙ୍କର ଦାବିରେ ଅଟଳ ରହିଥିଲେ, ଫଳରେ କୌଣସି ଶାନ୍ତି ଆଲୋଚନା ହୋଇପାରିନଥିଲା। ହେଲେ ଏଥର ଆଶା କରାଯାଉଛି ଯେ, ଟ୍ରମ୍ପଙ୍କ ପୁନଃ ପ୍ରୟାସ କୌଣସି ଏକ ନିଷ୍ପତ୍ତିରେ ପହଞ୍ଚାଇପାରେ।

# ପରମାଣୁ ଦେଶ ହେବାକୁ ଅଣ୍ଟା ଭିଡିଲାଣି ଇରାନ

ନୂଆଦିଲ୍ଲୀ: ଇରାନ ପୁଣି ଥରେ ତା'ର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛି। ଶନିବାର ଦିନ, ଦେଶ ଘୋଷଣା କରିଛି ଯେ ଏହା ତା'ର ପରମାଣୁ କାର୍ଯ୍ୟକ୍ରମ ଉପରେ ଜାତିସଂଘର କଟକଣା ଦ୍ୱାରା ଆଉ ଆବଦ୍ଧ ନୁହେଁ। ଏହି ଘୋଷଣା ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବ ୨୨୩୧ର ମିଆଦ ଶେଷ ହେବା ପରେ ଆସିଛି, ସମାନ ପ୍ରସ୍ତାବ ଯାହା ୨୦୧୫ ପରମାଣୁ ଚୁକ୍ତି କୁ ଅନୁମୋଦନ କରିଥିଲା। ପ୍ରସ୍ତାବର ଅବଧି ଆନୁଷ୍ଠାନିକ ଭାବରେ ୧୮ ଅକ୍ଟୋବର, ୨୦୨୫ ରେ ଶେଷ ହୋଇଥିଲା। ଏହି ଅବଧି ଶେଷ ହେବା ପରେ ଇରାନର ପ୍ରତିକ୍ରିୟା ଏବେ ପ୍ରକାଶ ପାଇଛି।

ଇରାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ସମ୍ମତ ସମୟସୀମା ଅନୁସାରେ ପ୍ରସ୍ତାବର ଅବଧି ଶେଷ ହୋଇଯାଇଛି। ୨୦ ଜୁଲାଇ, ୨୦୧୫ ରେ ଗୃହୀତ ପ୍ରସ୍ତାବ ୨୨୩୧ ରେ ୧୦ ବର୍ଷର ଅବଧି ସ୍ଥିର କରାଯାଇଥିଲା, ଯାହା ୧୮ ଅକ୍ଟୋବର, ୨୦୨୫ ରେ ଶେଷ ହୋଇଥିଲା। ମନ୍ତ୍ରଣାଳୟ ଆହୁରି ମଧ୍ୟ ପଢ଼ନ୍ତୁ ଯେ, ଆଜି ଠାରୁ, ଇରାନର ପରମାଣୁ କାର୍ଯ୍ୟକ୍ରମ ସହିତ ଜଡ଼ିତ ସମସ୍ତ ସର୍ତ୍ତ, ପ୍ରତିବନ୍ଧକ ଏବଂ ଯନ୍ତ୍ରପାତି ସମାପ୍ତ ହୋଇଛି। ଯାହାକୁ ନେଇ ଏବେ ତେହେରାନ ଦାବି କରିଛି ଯେ ଏହାର ପରମାଣୁ ପ୍ରସଙ୍ଗକୁ ସୁରକ୍ଷା ପରିଷଦର କାର୍ଯ୍ୟସୂଚୀରୁ ହଟାଇ ଦିଆଯାଉ ଏବଂ ଏହାକୁ ପରମାଣୁ ଅପ୍ରସାର ଚୁକ୍ତି ଅଧୀନରେ ଅନ୍ୟ ପରମାଣୁ ଅସ୍ତ୍ର-ବିହୀନ ରାଷ୍ଟ୍ର ପରି ବ୍ୟବହାର କରାଯାଉ।

ଚୁକ୍ତି କ'ଣ ଥିଲା?

୨୦୧୫ ପରମାଣୁ ଚୁକ୍ତି ଇରାନ, ଚୀନ୍, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ରୁଷ ଏବଂ ଆମେରିକା ମଧ୍ୟରେ ଭିଏନାରେ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଇରାନ ଉପରେ ଅନ୍ତର୍ଜାତୀୟ କଟକଣା ପ୍ରତ୍ୟାହାର କରାଯାଇଥିଲା, ଯାହା ବଦଳରେ ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର ସୀମା ସ୍ଥିର କରିବାକୁ ରାଜି ହୋଇଥିଲା। ୨୦୧୫ ଚୁକ୍ତି ଅନୁଯାୟୀ, ଇରାନର ୟୁରାନିୟମ ସମୃଦ୍ଧି ୩.୬୭% ପର୍ଯ୍ୟନ୍ତ ସୀମିତ ଥିଲା। ପ୍ରତିବଦଳରେ, ଆନ୍ତର୍ଜାତୀୟ ପ୍ରତିବନ୍ଧକକୁ କୋହଳ କରାଯାଇଥିଲା। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିକୁ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଡ଼ା ନଜର ରଖିବାକୁ ଅନୁମତି ଦିଆଯାଇଥିଲା।

କିନ୍ତୁ ୨୦୧୮ ରେ, ଆମେରିକା ଏକପାଖିଆ ଭାବରେ ଚୁକ୍ତିରୁ ଓହରିଗଲା ଏବଂ ପୁନଃ କଟକଣା ଲାଗୁ କଲା। ଏହା ପରେ, ଇରାନ ଧୀରେ ଧୀରେ ଏହାର ପ୍ରତିଶ୍ରୁତିରୁ ଓହରି ଯିବା ଆରମ୍ଭ କଲା ଏବଂ ଚୁକ୍ତିନାମାର ଅନେକ ବ୍ୟବସ୍ଥା ପାଳନ କରିବା ବନ୍ଦ କରିଦେଲା। ଏହା ପରେ, ଇରାନ ମଧ୍ୟ ଦ୍ରୁତ ଗତିରେ ଏହାର ପରମାଣୁ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଆରମ୍ଭ କଲା।

ଆଉ ଏବେ ଚୁକ୍ତିନାମାର ଅବଧି ଶେଷ ହେବା ଦିନ, ଇରାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, "ଏବେଠାରୁ, ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଟକଣା ଏବଂ ସେମାନଙ୍କ ସହିତ ଜଡ଼ିତ ତନ୍ତ୍ର ସମେତ ଚୁକ୍ତିନାମାର ସମସ୍ତ ବ୍ୟବସ୍ଥାକୁ ସମାପ୍ତ ବୋଲି ବିବେଚନା କରାଯିବ।"


ପଶ୍ଚିମା ଦେଶଗୁଡ଼ିକ ଦୀର୍ଘ ସମୟ ଧରି ଇରାନ ଉପରେ ଗୁପ୍ତ ଭାବରେ ପରମାଣୁ ଅସ୍ତ୍ର ବିକାଶ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଆସୁଛନ୍ତି। ତଥାପି, ଇରାନ ଏହି ଅଭିଯୋଗଗୁଡ଼ିକୁ ବାରମ୍ବାର ଅସ୍ୱୀକାର କରିଆସୁଛି ଏବଂ ଦାବି କରୁଛି ଯେ ଏହାର ପରମାଣୁ କାର୍ଯ୍ୟକ୍ରମ କେବଳ ବେସାମରିକ ଉଦ୍ଦେଶ୍ୟ ପାଇଁ, ଯେପରିକି ଶକ୍ତି ଉତ୍ପାଦନ। ଶନିବାର (୧୮ ଅକ୍ଟୋବର, ୨୦୨୫) ଜାତିସଂଘକୁ ଲେଖିଥିବା ଏକ ଚିଠିରେ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ୨୦୧୫ ପରମାଣୁ ଚୁକ୍ତିର ଅବଧି ସମାପ୍ତ ହେବା ଦ୍ୱାରା ପ୍ରତିବନ୍ଧକଗୁଡ଼ିକୁ ଅକାମୀ କରିଦିଆଯାଇଛି।

# ପ୍ୟାରିସର ପ୍ରସିଦ୍ଧ ଲୁଭ୍ର ସଂଗ୍ରହାଳୟରୁ ଚୋରି

ପ୍ୟାରିସ : ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ରବିବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ମୁଖାପିନ୍ଧା ଚୋରମାନେ ସ୍କୁଟରରେ ଆସି ବିଖ୍ୟାତ ଲୁଭ୍ର ସଂଗ୍ରହାଳୟରେ ପହଞ୍ଚିଥିଲେ ଏବଂ ଡିସ୍କ କଟର ବ୍ୟବହାର କରି ଏକ ବହୁମୂଲ୍ୟ ସୁନା ମୁକୁଟ ସମେତ ଆଉ କେତେକ ମୂଲ୍ୟବାନ ଅଳଙ୍କାର ଚୋରି କରି ପଳାଇ ଯାଇଥିଲେ। ତଥାପି, ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଚୋରମାନେ ସଂଗ୍ରହାଳୟରୁ ମୂଲ୍ୟବାନ ଅଳଙ୍କାର ଚୋରି କରିବାକୁ ମାତ୍ର ସାତ ମିନିଟ୍ ସମୟ ନେଇଥିଲେ। ଏତେ କମ୍ ସମୟ ମଧ୍ୟରେ ଅଳଙ୍କାର ଚୋରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ପ୍ୟାରିସର ଲୁଭ୍ର ସଂଗ୍ରହାଳୟକୁ ବିଶ୍ୱର ସର୍ବାଧିକ ସୁରକ୍ଷିତ ଓ ଅଧିକ ଦର୍ଶକ ଯାଉଥିବା ସଂଗ୍ରହାଳୟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ ଏବଂ ଏହା ବିଶ୍ୱ ପ୍ରସିଦ୍ଧ ମୋନାଲିସା ଚିତ୍ରକଳା ଥିବା ସ୍ଥାନ। ଡକାୟତି ପରେ ଫରାସୀ ସମୟ ଅନୁଯାୟୀ ରବିବାର ସକାଳେ ସଂଗ୍ରହାଳୟକୁ ବନ୍ଦ କରିଦିଆଯାଇଛି। ରବିବାର ସକାଳ ୯.୩୦ରୁ ୯.୪୦ ମଧ୍ୟରେ ଏହି ଘଟଣା ଘଟିଥିଲା। ତେବେ ଫ୍ରାନ୍ସର ଗୃହମନ୍ତ୍ରୀ ଲରେଣ୍ଟ ନୁନେଜ୍ କହିଛନ୍ତି ଯେ ଚୋରମାନେ ମାତ୍ର ୭ ମିନିଟରେ ନିଜ କାମ ସାରିଦେଇଥିଲେ। ସେ କହିଛନ୍ତି, "ଚୋରମାନେ ଚେରି ପିକର (ଏକ ହାଇଡ୍ରୋଲିକ୍ ସିଡ଼ି ଭଳି ମେସିନ୍) ବ୍ୟବହାର କରି ବାହାରରୁ ସଂଗ୍ରହାଳୟରେ ପ୍ରବେଶ କରିଥିଲେ ଏବଂ ମୂଲ୍ୟବାନ ଅଳଙ୍କାର ଚୋରି କରିଥିଲେ। ସମ୍ପୂର୍ଣ୍ଣ ଘଟଣାଟି କେବଳ ସାତ ମିନିଟ୍ ସମୟ ନେଇଥିଲା।"

# ଜହ୍ନ ରାଇଜ ଉପରେ ପ୍ରଭାବ ପକାଏ ସୂର୍ଯ୍ୟଙ୍କ ବିସ୍ଫୋରଣ

ନୂଆଦିଲ୍ଲୀ: ଚନ୍ଦ୍ରଯାନ-୨ର ବଡ଼ ସଫଳତା। ଯାହା ନାସା କରିପାରିନଥିଲା, ତାହା କରିଦେଖାଇଲା ଇସ୍ରୋ। ପ୍ରଥମ ଥର ପାଇଁ ଚନ୍ଦ୍ରର ବାୟୁମଣ୍ଡଳ ଉପରେ କରୋନାଲ୍ ମାସ୍ ଇଜେକ୍ସନ ବା ସୂର୍ଯ୍ୟରେ ଘଟୁଥିବା ପ୍ଲାଜମା ବିସ୍ଫୋରଣର ପ୍ରଭାବ ମାପିବାରେ ସଫଳ ହୋଇଛି ଭାରତ। ଚନ୍ଦ୍ର ଉପରେ ବଡ଼ ପ୍ରଭାବ ପକାଏ ସୂର୍ଯ୍ୟରେ ହେଉଥିବା ବିସ୍ଫୋରଣ। ଚନ୍ଦ୍ରର ବାୟୁମଣ୍ଡଳ ବହୁତ ପତଳା। ପୃଷ୍ଠଭାଗ ଯାଏଁ ସୀମିତ ଅତି କ୍ଷୀଣ ଓ ପତଳା ବାହ୍ୟ ବାୟୁମଣ୍ଡଳ ରହିଛି ଏହାକୁ ଏକ୍ସୋସ୍ପିୟର କୁହାଯାଏ। ସେଠାରେ ଉପସ୍ଥିତ ଗ୍ୟାସ କଣିକା ଏବଂ ଅଣୁଗୁଡ଼ିକ କ୍ୱଚିତ୍ ପରସ୍ପର ସହିତ ଧକ୍କା ହୁଅନ୍ତି। ଏକ୍ସୋସ୍ପିୟରର ସୀମା ହେଉଛି ଚନ୍ଦ୍ର ପୃଷ୍ଠ। ତେଣୁ, ଚନ୍ଦ୍ରର ଏକ୍ସୋସ୍ପିୟରକୁ 'ପୃଷ୍ଠ-ସୀମା ଏକ୍ସୋସ୍ପିୟର' କୁହାଯାଏ। ସୂର୍ଯ୍ୟର କରୋନାଲ୍ ମାସ୍ ଇଜେକ୍ସନ ଏହାର ସାମଗ୍ରିକ ଚାପକୁ ବଢ଼ାଇ ଦିଏ ବୋଲି ତଥ୍ୟ ସଂଗ୍ରହ କରିଛି ଚନ୍ଦ୍ରଯାନ-୨ର ଚେସ୍-୨ ଯନ୍ତ୍ର। ଚନ୍ଦ୍ରର ଯେଉଁ ପାର୍ଶ୍ୱରେ ଦିନ ହୋଇଥାଏ, ଅର୍ଥାତ୍ ସୂର୍ଯ୍ୟ ଆଡ଼କୁ ଥାଏ, କେବଳ ସେହି ପଟ ଏକ୍ସୋସ୍ପିଅର ପ୍ରଭାବିତ ହୋଇଥାଏ। ୨୦୨୪ ମେ ୧୦ରେ ଘଟିଥିବା କରୋନାଲ୍ ମାସ୍ ଇଜେକ୍ସନ ବେଳେ ଏହି ପରୀକ୍ଷଣ ହୋଇଥିଲା। ତେବେ ଆଜି ଇସ୍ରୋ ପକ୍ଷରୁ ସୋସିଆଲ ମିଡିଆରେ ଏନେଇ ସୂଚନା ଦିଆଯାଇଛି। ୨୦୧୯ ସେପ୍ଟେମ୍ବରରେ ଚନ୍ଦ୍ରଯାନ-୨ ବିଶ୍ୱର ପ୍ରଥମ ମହାକାଶଯାନ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରି ଇତିହାସ ରଚିଥିଲା। ଚନ୍ଦ୍ରରେ ଏକ୍ସୋସ୍ପିୟର ଅନେକ କାରଣ ଯୋଗୁଁ ଗଠିତ ହୁଏ। ଏଥିରେ ସୂର୍ଯ୍ୟର କିରଣ, ସୌର ପବନ ଯେପରିକି ହାଇଡ୍ରୋଜେନ, ହିଲିୟମ ଏବଂ ଅଳ୍ପ ପରିମାଣର ଭାରୀ ଆୟନ ରହିଥାଏ। ଏହି ସମସ୍ତ କାରଣ ଚନ୍ଦ୍ରପୃଷ୍ଠରୁ ପରମାଣୁ ଏବଂ ଅଣୁ ବାହାର କରନ୍ତି, ଯାହା ବାହାରମଣ୍ଡଳର ଅଂଶ ହୋଇଯାଏ। ସାଧାରଣତଃ, ଚନ୍ଦ୍ରପୃଷ୍ଠ ଏହାକୁ ତିଆରି କରୁଥିବା ଉପାଦାନଗୁଡ଼ିକରେ କ୍ଷୁଦ୍ର ପରିବର୍ତ୍ତନ ପ୍ରତି ମଧ୍ୟ ବହୁତ ସମ୍ବେଦନଶୀଳ। ଏପରି ଏକ ଘଟଣା ହେଉଛି ସୂର୍ଯ୍ୟରୁ କରୋନାଲ୍ ମାସ୍ ଇଜେକ୍ସନ୍, କରୋନାଲ୍ ମାସ୍ ଇଜେକ୍ସନ୍ କୁହାଯାଏ। ଏହି ପର୍ଯ୍ୟବେକ୍ଷଣ ଦ୍ୱାରା ଜହ୍ନରେ ମାନବ ଜୀବନର ଅସ୍ତିତ୍ୱ ଉପରେ ଗବେଷଣା କରାଯାଇପାରିବ।




# ୨୬ ଲକ୍ଷ ଦୀପରେ ଝଲସୁଛି ପ୍ରଭୁ ରାମଙ୍କ ନଗରୀ ଅଯୋଧ୍ୟା

ଲକ୍ଷ୍ନୌ: ଦୀପରେ ଝଲସୁଛି ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ନଗରୀ। ଅଯୋଧ୍ୟାରେ ଆରମ୍ଭ ହୋଇଛି ଭବ୍ୟ ଦୀପୋତ୍ସବ। ଦୀପାବଳୀ ପୂର୍ବ ସନ୍ଧ୍ୟାରେ ଆୟୋଜିତ ଦୀପୋତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ମନ୍ଦିରରେ ଦୀପ ଜାଳି ଏହି ଭବ୍ୟ ଉତ୍ସବର ଉଦଘାଟନ କରିଛନ୍ତି।୨୦୧୭ ପରଠାରୁ କ୍ରମାଗତ ଭାବରେ ଅଯୋଧ୍ୟାରେ ଏହି ଭବ୍ୟ ଦୀପୋତ୍ସବ ପାଳନ ହୋଇଆସୁଛି। ରବିବାର ମୁଖ୍ୟମନ୍ତ୍ରୀ ଯୋଗୀ ରାମକଥା ପାର୍କ ପହଞ୍ଚି ପ୍ରଥମେ ସେଠାରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ କରିଥିଲେ। ଏହା ପରେ ରାମ ମନ୍ଦିର ଯାଇ ପୂଜା- ଅର୍ଚ୍ଚନା କରିବା ସହ ଦୀପ ଜାଳି ଦୀପୋତ୍ସବର ଉଦଘାଟନ କରିଥିଲେ। ଯାହା ପରେ ୩,୩୦୦ ସ୍ୱେଚ୍ଛାସେବୀ ୫୬ଟି ଘାଟରେ ପ୍ରାୟ ୨୬ ଲକ୍ଷ ୧୭ ହଜାର ୨୧୫ ଦୀପ ପ୍ରଜ୍ୱଳନ କରିଛନ୍ତି। ଏଥିପାଇଁ ୧୫ ମିନିଟ୍ ସମୟ ଲାଗିଥିଲା। ଏହା ପରେ ୨୧୨୮ ରୁ ଅଧିକ ବିଦ୍ୱାନ ମହାଆଳତୀ କରିଥିଲେ। ସନ୍ଧ୍ୟା ହେବା ପରେ ଡ୍ରୋନ ଶୋ ଏବଂ ଲେଜର ଶୋ ମଧ୍ୟ କରାଯାଇଥିଲା। ଏହା ପରେ ସିଏମ ଯୋଗୀ ସରଜୂ ଘାଟରେ ପହଞ୍ଚି ଆଳତୀ ମଧ୍ୟ କରିଛନ୍ତି। ତେବେ ଏଥର ୬ ଲକ୍ଷ ୧୭ ହଜାର ୨୧୫ ଦୀପ ପ୍ରଜ୍ୱଳନ ଏବଂ ୨୧୨୮ ବିଦ୍ୱାନଙ୍କ ମହାଆଳତୀ ସହ ଗିନିଜ ବୁକ୍ ଅଫ୍ ରେକର୍ଡ ଦୁଇ ଦୁଇଟି ରେକର୍ଡ କରିଛି ଅଯୋଧ୍ୟାର ଦୀପୋତ୍ସବ।



# ଜାମିନ ପାଇଁ ଅର୍ଥ ନଥିଲେ ମୁକ୍ତି ସୁନିଶ୍ଚିତ କରିବେ ସରକାର

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାଖାପାଖି ୩ ବର୍ଷ ପୂର୍ବେ ତତ୍କାଳୀନ ଚିଫଜଷ୍ଟିସ୍ (ସିଜେଆଇ)ଙ୍କ ଆଗରେ ମଞ୍ଚରେ କହିଥିଲେ ଜାମିନ ରାଶି ନଦେଇ ପାରିବା କାରଣରୁ ଗରିବ ଆଦିବାସୀ ଜାମିନ ମିଳିଲେ ବି ଜେଲରୁ ମୁକୁଳି ପାରୁ ନାହାନ୍ତି। ପରେ ସୁପ୍ରିମକୋର୍ଟ ଏହାର ଅପଡେଟ୍ ନେଇ ମାମଲାର ସ୍ୱତଃ ସଂଜ୍ଞାନ ନେଇଥିଲେ। ଏ ନେଇ ଦେଶରେ ଦୀପାବଳି ଉତ୍ସବ ଅବସରରେ ଏକ ଭଲ ଖବର ଆସୁଛି। ଜେଲରୁ ଗରିବ ବନ୍ଦୀଙ୍କ ମୁକ୍ତି ପାଇଁ ସୁପ୍ରିମକୋର୍ଟ ଏକ ଅନନ୍ୟ ମାନକ ସଞ୍ଚାଳନ ପ୍ରକ୍ରିୟା (ଏସଓପି) ପ୍ରସ୍ତୁତ କରିଛନ୍ତି।

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ କୌଣସି ଅପରାଧ ଲାଗି ଗିରଫ ହୋଇଥିବା ଓ ମକଦ୍ଦମା ଶୁଣାଣି କାଳରେ ଜେଲରେ ବନ୍ଦୀ କୌଣସି ଗରିବ ବ୍ୟକ୍ତି ଯଦି ଜାମିନ ବାବଦ ଦେୟ ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ସରକାର ତାଙ୍କର ମୁକ୍ତି ସୁନିଶ୍ଚିତ କରିବେ। ସ୍ପଷ୍ଟ ରୂପେ କୁହାଯାଇଛି ଯେ ସରକାର ଲିଗାଲ ସର୍ଭିସ ଅଥରିଟିଙ୍କ ମାଧ୍ୟମରେ ଜାମିନ ରାଶି ଉପଲବ୍ଧ କରିବେ। ଏହି ନୂଆ ଏସଓପି ସୁପ୍ରିମକୋର୍ଟ ଆମିକସକ୍ୟୁରୀ(ନ୍ୟାୟ ମିତ୍ର)ଙ୍କ ପରାମର୍ଶରେ ପ୍ରସ୍ତୁତ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରପତି ଜଷ୍ଟିସ୍ ଏମ.ଏମ. ସୁନ୍ଦରେସ ଓ ଜଷ୍ଟିସ୍ ଏସ.ସି.ଶର୍ମାଙ୍କ ପୀଠ ଏମିକସକ୍ୟୁରୀ, ବରିଷ୍ଠ ଅଧିବକ୍ତା ସିଦ୍ଧାର୍ଥ ଲୁଥରା ଓ ଆଡିସନାଲ ସୋଲିସିଟର ଜେନେରାଲ ଐଶ୍ୱର୍ଯ୍ୟ ଭାଟିଙ୍କ ପରାମର୍ଶକୁ ସାମିଲ କରିଛନ୍ତି। ସୁପ୍ରିମକୋର୍ଟ ଏଥି ପ୍ରତି ସେବେ ଧ୍ୟାନ ଦେଲେ ଯେତେବେଳେ ଜାଣିଲେ ହଜାରହାଜର ବିଚାରାଧୀନ ବନ୍ଦୀ ଯେଉଁମାନଙ୍କୁ ଜାମିନ ମିଳିଥିଲେ ମଧ୍ୟ ଜେଲରେ ଏଥି ପାଇଁ ପଡିଛନ୍ତି ଯେ ସେମାନେ ଜାମିନ ବାବଦ ରାଶି ପୈଠ କରି ପାରୁ ନାହାନ୍ତି।

ସୁପ୍ରିମକୋର୍ଟ ପୀଠଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଲିଗାଲ ସର୍ଭିସ ଅଥରିଟି (ଡିଏଲଏସଏ) ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜାମିନ ରାଶି ଦାଖଲ କରିପାରିବେ। ଯଦି ନିମ୍ନ କୋର୍ଟ ୧ ଲକ୍ଷ ଟଙ୍କାରୁ ଅଧିକ ଜାମିନ ରାଶି ନିର୍ଦ୍ଧାରିତ କରିଥାନ୍ତି ତେବେ ଏହାକୁ କମ କରିବା ପାଇଁ ଡିଏଲଏସଏ ଆବେଦନ ଦାଖଲ କରିପାରିବେ। ଗାଇଡଲାଇନରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି କୌଣସି ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିବାର ୭ ଦିନ ମଧ୍ୟରେ ଜେଲରୁ ମୁକ୍ତି ନ ମିଳେ ତେବେ ଜେଲ ଅଧିକାରୀ ଡିଏଲଏସଏ ସଚିବଙ୍କୁ ସୂଚନା ଦେବେ। ଏହା ପରେ ସେ ତୁରନ୍ତ ଏପରି ଜଣେ ବ୍ୟକ୍ତିଙ୍କୁ ଏହା ସତ୍ୟାପିତ କରିବାକୁ ନିଯୁକ୍ତି କରିବେ ଯିଏ ବିଚାରାଧୀନ ବନ୍ଦୀଙ୍କ ସଞ୍ଚୟ ଖାତାରେ ପଇସା ଅଛି କି ନା ଯାଞ୍ଚ କରିବେ। ଯଦି ଅଭିଯୁକ୍ତଙ୍କ ନିକଟରେ ଅର୍ଥ ନଥାଏ ତେବେ ଜିଲ୍ଲାସ୍ତରୀୟ ଅଧିକାର ପ୍ରାପ୍ତ କମିଟି ରିପୋର୍ଟ ମିଳିବା ତାରିଖରୁ ୫ ଦିନ ମଧ୍ୟରେ ଡିଏଲଏସଏଙ୍କ ସୁପାରିଶରେ ଜାମିନ ଲାଗି ଧନରାଶି ଜାରି କରିବାକୁ ନିର୍ଦ୍ଦେଶ ଦେବେ। ସୁପ୍ରିମକୋର୍ଟ କହିଛନ୍ତି ଯେ ଏପରି ମାମଲାରେ ଯେଉଁଠି ଅଧିକାର ପ୍ରାପ୍ତ କମିଟି ଏହା ସୁପାରିଶ କରନ୍ତି ଯେ ବିଚାରାଧୀନ ବନ୍ଦୀଙ୍କୁ ଗରୀବ କୈଦୀ ସହାୟତା ଯୋଜନା ରେ ଆର୍ଥିକ ସହାୟତାର ଲାଭ ଦିଆଯାଉ। ସେ କ୍ଷେତ୍ରରେ କୈଦୀଙ୍କ ଲାଗି ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆପେକ୍ଷିତ ରାଶି ନିର୍ଦ୍ଧାରିତ ଉପାୟରେ ବାହାର କରି ସମ୍ବନ୍ଧିତ ନ୍ୟାୟାଳୟଙ୍କୁ ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇ ପାରିବ।



# ଜୋହର କପ୍‌ରେ ଭାରତକୁ ରୌପ୍ୟ

ନୂଆଦିଲ୍ଲୀ, ୧୯।୧୦(ଏଜେନ୍ସି) : ମାଲେସିଆରେ ଜୋହରରେ ଅନୁଷ୍ଠିତରେ ସୁଲତାନ ଜୋହର କପ୍‌ରେ ଭାରତ ରୌପ୍ୟ ପଦକ ଜିତିଛି । ଫାଇନାଲରେ ଭାରତୀୟ ଜୁନିୟର ପୁରୁଷ ହକି ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୧-୨ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା । ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆର ଇଆନ୍ ଗ୍ରୋବେଲାର ୧୩ ମିନିଟରେ ଗୋଲ ଦେଇଥିଲେ । ଭାରତ ପକ୍ଷରୁ ଅନମୋଲ ଏକା ୧୭ ମିନିଟରେ ଗୋଲ ଦେବାରୁ ସ୍ଥିତି ବରାବର ହୋଇଥିଲା । ଉଭୟ ଦଳ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିଥିଲା । ଶେଷ ମୂହୂର୍ତ୍ତରେ ଇଆନ୍ (୫୯ ମିନିଟ) ଗୋଲ କରି ଅଷ୍ଟ୍ରେଲିଆକୁ ବିଜୟୀ କରିଥିଲେ । ଭାରତ ପଞ୍ଚମ ଥର ପାଇଁ ଜୋହର କପ୍‌ରେ ରନର୍ସଅପ୍ ହୋଇଛି ।

# ସନ୍ଦୀପ ସ୍ମାରକୀ ରାଜ୍ୟ ଓପନ ଚେସ୍

## ଓମ୍ ଆଦିତ୍ୟ ଚାମ୍ପିଅନ

ଭୁବନେଶ୍ୱର, ୧୯।୧୦(ସବ୍ୟୁ) : ଭୁବନେଶ୍ୱର ଚେସ୍ ଆସୋସିଏସନ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ୧୮ ତମ ସନ୍ଦୀପ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖଡଙ୍ଗା ୫ ରାଉଣ୍ଡରୁ ୪.୫ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛନ୍ତି । ସୋପନୀଳ ପ୍ରିୟଦର୍ଶୀ ଦ୍ୱିତୀୟ , ଫକିର ମାଝୀ ତୃତୀୟ, ଜ୍ଞାନରଞ୍ଜନ ସେଠୀ ଚତୁର୍ଥ, ସୌମ୍ୟରଞ୍ଜନ ମିଶ୍ର ପଞ୍ଚମ, ସଞ୍ଜିବନ ନାୟକ ଷଷ୍ଠ, ମଣିନ୍ଦ୍ର କର୍ଜି ସପ୍ତମ, ସୁରଜକୁମାର ମହାପାତ୍ର ଅଷ୍ଟମ, ଲରେନ୍ସ ପ୍ରଧାନ ନବମ ଏବଂ ପ୍ରତ୍ୟୁଷ ମହାପାତ୍ର ଦଶମ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ବୟସ ବର୍ଗରେ ୮ ଜଣ, ୮ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ଏବଂ ସ୍ନେହାଞ୍ଜଳୀ ପ୍ରଧାନଙ୍କୁ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନ୍ସପାଲ ପ୍ରଜ୍ଞାପରମିତା ସାହୁ, ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ସନ୍ଦୀପ ମହାନ୍ତିଙ୍କ ବାପା ସୁରିନ୍ଦ୍ରନାଥ ମହାନ୍ତି, ଭାଇ ସୌମେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିଅନସିପ

# ୧୭ ବର୍ଷ ପରେ ତନଭୀ ଜିତିଲେ ରୌପ୍ୟ

ନୂଆଦିଲ୍ଲୀ, ୧୯।୧୦(ଏଜେନ୍ସି) : ଭାରତୀୟ ନବାଗତା ସଟଲର ତନଭି ଶର୍ମା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ରୌପ୍ୟ ପଦକ ହାସଲ କରିଛନ୍ତି । ସ୍ୱର୍ଣ୍ଣ ଅଭିଯାନକୁ ଓହ୍ଲାଇଥିବା ତନଭି ରବିବାର ଫାଇନାଲରେ ଥାଇଲାଣ୍ଡର ଆନ୍ୟାପାର୍ଟ ପ୍ରିଚିପ୍ରିଚାସ୍କଙ୍କ ଠାରୁ ପରାଜିତ ହୋଇଛନ୍ତି । ମହିଳା ସିଙ୍ଗଲ୍ସ ଫାଇନାଲରେ ୧୬ ବର୍ଷୀୟ ତନଭି ତୃତୀୟ ଭାରତୀୟ ଭାବେ ସ୍ୱର୍ଣ୍ଣ ପାଇଁ ଲଢିଥିଲେ । ତନଭିଙ୍କ ପୂର୍ବରୁ ସାଇନା ନେହ୍ୱାଲ୍ ଓ ଅପର୍ଣ୍ଣା ପୋପଟ ଫାଇନାଲ ଖେଳିଛନ୍ତି । ତନଭି ୭-୧୫, ୧୨-୧୫ ଗେମ୍‌ରେ ଥାଇଲାଣ୍ଡ ପ୍ରତିପକ୍ଷଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ୧୭ ବର୍ଷ ପରେ ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତର ତନଭି ରୌପ୍ୟ ପଦକ ସଫଳତା ଲାଭ କରିଛନ୍ତି । ପୂର୍ବରୁ ୨୦୦୮ ରେ ସାଇନା ନେହ୍ୱାଲ ସ୍ୱର୍ଣ୍ଣ ଓ ୨୦୦୬ରେ ରୌପ୍ୟ ପଦକ ତଥା ଅପର୍ଣ୍ଣା ୧୯୯୬ରେ ରୌପ୍ୟ ଜିତିଥିଲେ ।

## ପ୍ରଥମ ଦିନିକିଆରେ ବର୍ଷା ବାଧକ

# ନିରାଶ କଲା ଭାରତ, ଜିତିଲା ଅଷ୍ଟ୍ରେଲିଆ

ପର୍ଥ, ୧୯।୧୦(ଏଜେନ୍ସି) : ଭ୍ରମଣକାରୀ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହୋଇଛି । ଐତିହାସିକ ପର୍ଥ ଷ୍ଟାଡିୟମରେ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଭାରତକୁ ଡକୱର୍ଥ ଲୁଇସ୍ ନିୟମ ଅନୁଯାୟୀ ।ଅଷ୍ଟ୍ରେଲିଆ ୭ ୱିକେଟ୍‌ରେ ପରାଜିତ କରି ୧-୦ରେ ଶୃଙ୍ଖଳା ଆଗୁଆ ହୋଇଛି । ରବିବାର ପର୍ଥରେ ବାରମ୍ବାର ବର୍ଷା ଲାଗି ରହିଥିଲା । ୫୦ ଓଭର ବିଶିଷ୍ଟ ମ୍ୟାଚକୁ ୨୬ ଓଭର କରାଯାଇଥିଲା । ଭାରତ ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହୋଇ ୨୬ ଓଭରରେ ୯ ୱିକେଟ୍ ହରାଇ ୧୩୬ ରନ୍ କରିଥିଲା । ଅଷ୍ଟ୍ରେଲିଆ ୨୧.୧ ଓଭରରେ ୩ ୱିକେଟ ହରାଇ ୧୩୧ ରନ୍ କରିଥିବା ବେଳେ ବର୍ଷାର ବେଗ ବଢିଯାଇଥିଲା । ତେଣୁ ମ୍ୟାଚ ଆଉ ଆଗକୁ ବଢିପାରିନଥିଲା । ଡକୱର୍ଥ ଲୁଇସ୍ ନିୟମ ଅନୁଯାୟୀ ଅଷ୍ଟ୍ରେଲିଆ ୨୧.୧ ଓଭରରେ ୧୩୧ ରନ୍‌ର ଟାର୍ଗେଟ୍ ପାଇଥିଲା । ତେଣୁ ଘରୋଇ ଦଳ ନିର୍ଦ୍ଧାରିତ କୋଟାର ୨୯ ଟି ବଲ ପୂର୍ବରୁ ୭ ୱିକେଟ୍‌ରେ ବିଜୟୀ ହୋଇଛି । ୫୨ ବଲରୁ




ଅପରାଜିତ ୪୬ ରନ୍ କରିଥିବା ମିଚେଲ ମାର୍ସଙ୍କୁ ପ୍ଲେୟାର ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ୍ ମାର୍ସ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଦୀର୍ଘ ବ୍ୟବଧାନ ପରେ ଜାତୀୟ ଦଳକୁ ଫେରିଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଉତ୍କଣ୍ଠା ଜାରି ରହିଥିଲା । ଅଧିନାୟକ ଶୁଭମନ୍ ଗିଲଙ୍କ ସହ ରୋହିତ ପାଳି ଆରମ୍ଭ କରିଥିଲେ । କିନ୍ତୁ ରୋହିତଙ୍କ ଠାରୁ ଆତ୍ମ ବିଶ୍ୱାସ ହରା ପ୍ରଦର୍ଶନ ଦେଖିବାକୁ ମିଳିନଥିଲା । ସେ ୧୪ ବଲର ସମ୍ମୁଖୀନ ହୋଇ ୮ ରନ୍ କରି ହାଜଲେଉଡଙ୍କ ବଲରେ ଆଉଟ୍ ହୋଇଥିଲେ । ସବୁଠୁ ଚର୍ଚ୍ଚିତ ତଥା ସଫଳ ବ୍ୟାଟର ବିରାଟ କୋହଲି ଖାତା ଖୋଲିବାକୁ ସମର୍ଥ ନହୋଇନଥିଲେ । ସେ ୮ ଟି ବଲର ସମ୍ମୁଖୀନ ହୋଇ ବିନା ସ୍କୋରରେ ଷ୍ଟାର୍କଙ୍କ ଦ୍ୱାରା ଆଉଟ୍ ହୋଇଥିଲେ ।ଶୁଭମନ୍ ଗିଲ୍ ୧୮ ବଲରୁ ୧୦, ଶ୍ରେୟାସ ଆୟର ୨୪ ବଲରୁ ୧୧, ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ୩୮ ବଲରୁ ୩୧, ୱିକେଟ୍ କିପର ଲୋକେଶ ରାହୁଲ ୩୮, ୱାଶିଂଟନ୍ ସୁନ୍ଦର ୧୦, ନୀତିଶ କୁମାର ରେଡ୍ଡୀ ୧୧ ବଲରୁ ୧୯ ରନ୍ କରିବାରୁ ଦଳୀୟ ସ୍କୋର ୨୬ ଓଭରରେ ୧୩୬/୯ ରନ୍‌ରେ ପହଞ୍ଚିଥିଲା । ଅଷ୍ଟ୍ରେଲିଆର ଜୋସ୍ ହାଜଲେଉଡ, ମିଚେଲ ଓ୍ୱଏନ୍, ମାଥ୍ୟୁ କୁହେନ୍‌ମ୍ୟାନ ଦୁଇଟି ଲେଖାଏଁ, ମିଚେଲ୍ ଷ୍ଟାର୍କ ଓ ନାଥନ୍ ଇଲିସ୍ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୬ ଓଭରରେ ୧୩୧ ରନର ଟାର୍ଗେଟ୍ , ଅଷ୍ଟ୍ରେଲିଆ ପାଇଁ ଧାର୍ଯ୍ୟ ହୋଇଥିଲ । ଓପନର ମିଚେଲ ମାର୍ସଙ୍କ ସହ ଟ୍ରେଭିସ୍ ହେଡ୍ ପାଳି ଆରମ୍ଭ କରିଥିଲେ । ୧୦ ରନ୍ ସ୍କୋରରେ ହେଡ୍ ୮ ରନ୍ କରି ଅର୍ଶଦୀପ ସିଂଙ୍କ ଶିକାର ହୋଇଥିଲେ । ମାଥ୍ୟୁସ୍ ଷର୍ଟ ୮ ରନ୍ କରି ଆଉଟ୍ ହୋଇଥିଲେ । ତେଣୁ ୪୪ ରନ୍‌ରେ ଅଷ୍ଟ୍ରେଲିଆ ୨ ୱିକେଟ୍ ହରଇଥିଲା । ଏହାର ପ୍ରଭାବ ଦଳୀୟ ପ୍ରଦର୍ଶନ ଉପରେ ପଡିନଥିଲା । ଜୋଶ ଫିଲିପ୍ ୩୭ ଏବଂ ମ୍ୟାଟ୍ ରେନସା ଅପରାଜିତ ୨୧ ରନ୍ କରିଥିଲେ । ଅଧିନାୟକ ମାର୍ସ ୫୨ ବଲରୁ ଦୁଇଟି ଚୌକା ଓ ୩ ଟି ଛକା ସହାୟତାରେ ଅପରାଜିତ ୪୬ ରନ୍ କରି ମ୍ୟାଚ ଫିନିସ୍ କରିଥିଲେ । ଭାରତର ଅର୍ଶଦୀପ ସିଂ, ଅକ୍ଷର ପଟେଲ୍ ଏବଂ ୱାଶିଂଟନ୍ ସୁନ୍ଦର ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ଆଗାମୀ ୨୩ ତାରିଖରେ ଆଡିଲେଟ୍‌ରେ ଖେଳାଯିବ ।

# ନରଣଗଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ୩-୧ ଗୋଲରେ ଠଣାପଲୀ ବିଜୟୀ

ନିରାକାରପୁର,(ସବ୍ୟ):୭୩ ତମ ଖୋର୍ଦ୍ଧା ଜିଲ୍ଲା ନରଣଗଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦଘାଟିତ ହୋଇଯାଇଛି । ବିନ୍ଧୁ ବଳୟ ଯୁବ ବିକାଶ ନିକେତନ ଦ୍ୱାରା ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସର ମ୍ୟାଚ ଠଣାପଲି ବନାମ ତରତୁଆ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଖେଳ ଶେଷ ପର୍ଯ୍ୟନ୍ତ ଉଭୟଙ୍କ ସ୍କୋର ଶୂନ୍ୟ ରହିବାରୁ ଟ୍ରାଇବ୍ରେକରରେ ଜରିଆରେ ଖେଳ ହୋଇଥିଲା । ଏଥିରେ ୩-୧ ଗୋଲରେ ଠଣାପଲୀ ବିଜୟୀ ହୋଇଥିଲା । ଆଜିର ଖେଳ କୁ ଫକୀର ଚରଣ ନିଶଙ୍କ, ଶରତ ଛୋଟରାୟ, ସୁକାନ୍ତ ପ୍ରଧାନ,ପ୍ରମୋଦ ଦାସ ପରିଚାଳନା କରିଥିଲେ । ଆଜିର ମ୍ୟାଚରେ ଅତିଥି



ଭାବେ. ସମାଜ ସେବୀ ମହମଦ କୁଦ୍ଦୁସ, ସମାଜ ସେବୀ ଗୋଦାବରୀଶ ଗୁମାନସିଂହ , ଭାଗିରଥି ମଙ୍ଗରାଜ ଏବଂ ସମିତି ସଭ୍ୟା ଶାନ୍ତିଲତା ବେହେରା, ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଖେଳକୁ ଉ'ାଟନ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ପଲାସଙ୍କୁ ବିବାହ କରିବେ ସ୍ମୃତି ମନ୍ଧାନା

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି) : ବଲିଉଡ୍ ଓ କ୍ରିକେଟ୍‌ର ସମ୍ପର୍କ ବେଶ୍ ପୁରୁଣା । ଏହି ଧାରାରେ ଆଉ ଦୁଇଜଣଙ୍କ ନାମ ଯୋଡି ହେବାକୁ ଯାଉଛି ।ଭାରତର ମହିଳା କ୍ରିକେଟ୍‌ର ସ୍ମୃତି ମନ୍ଧାନା ଇନ୍ଦୋରର ବୋହୂ ହେବାକୁ ଯାଉଛନ୍ତି । ଫିଲ୍ମ ପ୍ରଡ୍ୟୁସର ତଥା ଗାୟକ ପଲାସ ମୁଚ୍ଛଲଙ୍କୁ ସେ ବିବାହ କରିବେ । ଦୀର୍ଘ ସମୟ ହେବ ଏହି ଦୁଇଜଣଙ୍କ ପ୍ରେମ ସମ୍ପର୍କକୁ ନେଇ ଖବର ପ୍ରକାଶ ପାଇଛି । ସୋସିଆଲ ମିଡିଆରେ ଉଭୟଙ୍କ ଏକତ୍ର



ଫଟୋ ଅନେକ ସମୟରେ ଦେଖିବାକୁ ମିଳିଛି । ନିକଟରେ ପଲାସ କହିଛନ୍ତି ସ୍ମୃତି ଖୁବଶୀଘ୍ର ଇନ୍ଦୋରକୁ ବୋହୂ ହୋଇଆସିବେ । ସ୍ମୃତି ଏବେ ଦିନିକିଆ ବିଶ୍ୱ କପ୍ ଖେଳୁଛନ୍ତି । ବିଶ୍ୱ କପରେ ସ୍ମୃତି ଭଲ ଫର୍ମରେ ଅଛନ୍ତି । ବଲିଉଡରେ କମ୍ ବୟସରେ ଗୀତ ଗାଇବାରେ ପଲାସ ରେକର୍ଡ କରିଛନ୍ତି । ତାଙ୍କ ଭଉଣୀ ପଲକ ମୁଚ୍ଛଲ ମଧ୍ୟ ବଲିଉଡର ଲୋକପ୍ରିୟ ଗାୟିକା । ପଲାସ ଏବେ ରାଜୁବ୍ୟାଣ୍ଡ ବାଲା ଫିଲ୍ମରେ ନିର୍ଦ୍ଦେଶନା ଦେଉଛନ୍ତି ।

# ଶିବପ୍ରସାଦ ଭାରତୀୟ ଦଳର କୋଚ୍

ଭୁବନେଶ୍ୱର, ୧୯।୧୦ (ସବ୍ୟୁ) : ଝାଡଖଣ୍ଡ ରାଞ୍ଚିରେ ଚଳିତ ମାସ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ସାଉଥ୍ ଏସିଆନ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ ହେବାକୁ ଯାଉଛି । ଏହି ପ୍ରତିଯୋଗିତା ପାଇଁ ଓଡିଶାର ଶିବପ୍ରସାଦ ଦାସ ଭାରତୀୟ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି । ସଭାପତି ଜିଏସ୍ ପଟ୍ଟନାୟକ, ଅଧକ୍ଷ ଆର୍ଶୀବାଦ ବେହେରା, ଓଡିଶା ଆଥଲେଟିକ୍ସ ସଂଘର ସମ୍ପାଦକ ଅଭିଜିତ୍ ପାଲ ପ୍ରମୁଖ କୋଚ୍ ଶିବପ୍ରସାଦ ମିଶ୍ରଙ୍କୁ ନୂଆ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

# ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ

## ଲୋଗୋ, ଟ୍ରଫି ଉନ୍ମୋଚିତ

ଭୁବନେଶ୍ୱର, ୧୯।୧୦(ସବ୍ୟୁ) : ଭୁବନେଶ୍ୱର ସିଟି କ୍ଲବ୍ ଆନୁକୁଲ୍ୟରେ ତୃତୀୟ ନନ୍ଦକିଶୋର ପଟ୍ଟନାୟକ ରାଜ୍ୟସ୍ତରୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଲୋଗୋ ଏବଂ ଟ୍ରଫି କଳିଙ୍ଗ ଷ୍ଟାଡ଼ିୟମ୍ ଟେନିସ୍ ହଲରେ ଉନ୍ମୋଚନ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନନୀୟ ଅତିଥିଭାବେ ବିଧାୟକ ଜୟନାରାୟଣ ମିଶ୍ର ବିଧାୟକ ବାବୁ ସିଂହ, ଓଡ଼ିଶା ଅଲମ୍ପିକ୍ ଆସୋସିଏସନରେ ସଭାପତି ସମିର ମହାନ୍ତି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନରେ ସମ୍ପାଦକ ଡକ୍ଟର ସୌର୍ଯ୍ୟ ରଞ୍ଜନ ପରିଜା, ଜଗନ୍ନାଥ ପ୍ରଧାନ, ସିଟି କ୍ଲବ୍ ସମ୍ପାଦକ ପ୍ରଦିପ କୁମାର ରାଉତରାୟ, ଉପ-ସଭାପତି ଇଂ ଅରୁଣ କୁମାର ବିଶ୍ୱାଳ, ଡକ୍ଟର ଦେବସ୍ମିତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷିରେ ଜାତୀୟ ଏବଂ ଅନ୍ତର୍ଜାତିୟ ମହିଳା ଫୁଟବଲରେ




ଗୀତାଞ୍ଜଳି ଖୁ ଆ, ଗାୟତ୍ରୀ ମଲ୍ଲିକ, ଆଲୋଚନା ସେନାପତି, ବିଜୟଲକ୍ଷ୍ମୀ ସାହୁ, ଲୋଚନା ମୁଣ୍ଡା, ସୁପ୍ରଭା ସାମଲ, ସବନମୟୀ ସାମନ, ପ୍ରଶାନ୍ତି ପ୍ରଧାନ, ସସ୍ମିତା ପାତ୍ର, ସୁଦିପ୍ତା ଦାସ, ସେହନାଜ୍ ବେଗମଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବତନ କୋଚ୍ ରାଜକିଶୋର ମଣ୍ଡଲ, ମହମଦ ସହିଦ୍ ଜବାର, ଗଙ୍ଗାଧର ବେହେରା, ବିଜୟ କାନୁନଗୋ, ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜକ ରିଣ୍ଟୁ ମିତ୍ର, ଜାତୀୟ ଖେଳାଳି ରିତୁ ବଦାୟକ, ମନିଷା ପାନ୍ନା, ରଶ୍ମିତା ପାତ୍ର, ଅନ୍ତର୍ଜାତୀୟ ରେଫରି ସୁଜତା ପାତ୍ର, ଜାତୀୟ ପ୍ରସିକ୍ଷକ ସୁଭେଷ୍ଣୁ ପଣ୍ଡା, ଭାରତୀୟ ଫୁଟବଲ୍ ଦଳର ଫିଜିଓ ଡକ୍ଟର ମୁକ୍ତି ପ୍ରସାଦ ଦାସ, ବରିଷ୍ଟ କ୍ରୀଡ଼ା ସଙ୍ଗଠକ ଭକ୍ତ ବଲ୍ଲଭ ଦାସ, ସହଦେବ ରାଉତ, କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ବିରେନ୍ଦ୍ର ମହନ୍ତ, ଇଂ. ଶୁବ୍ରତ ଦାସ ଏବଂ ଜୀବନ ବ୍ୟାପି କ୍ରୀଡ଼ା ସାଧନା ପାଇଁ ଡକ୍ଟର ସୋର୍ଯ୍ୟ ରଂଜନ ପରିଜା ଏବଂ ଭକ୍ତ ବଲ୍ଲଭ ଦାସଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ଓଡ଼ିଶାର ଶ୍ରେଷ୍ଠ ଦଳ ଗୁଡ଼ିକ ଭାଗ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଦଳ ଗୁଡ଼ିକ ହେଲେ ଓଡ଼ିଶା ପୋଲିସ୍ କଟକ, ସ୍ପୋର୍ଟସ୍ ଓଡ଼ିଶା ଭୁବନେଶ୍ୱର, କିଟ୍, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟବଲ୍ ଏକାଡ଼େମୀ, ନିତା ଫୁଟବଲ୍ ଏକାଡ଼େମୀ, ଯୁବ ସଂଗଠନ କୁଆଁର ମୁଣ୍ଡା, ମହିଳା ଫୁଟବଲ୍ ଆସୋସିଏସନ୍ ବାଲେଶ୍ୱର ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବେ । ଚାମ୍ପିଅନ ଦଳକୁ ୩୧,୦୦୦/- ଟଙ୍କା ସହ ଟ୍ରଫି ପ୍ରଦାନ କରିବା ସହ ରନର୍ସପ୍ ଦଳକୁ ଟ.୨୧,୦୦୦/-ଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ଗୋଲ ରକ୍ଷକ, ଶ୍ରେଷ୍ଠ ଡିଫେଣ୍ଡର, ଶ୍ରେଷ୍ଠ ସ୍କୋରର୍ ଏବଂ ପ୍ରତ୍ୟେକ ଦିନ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ । ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୨୫ ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱର ଫୁଟବଲ୍ ଏକାଡ଼େମୀ ଠାରେ ଅନୁଷ୍ଠିତ ହେବ ବୋଲି ସିଟି କ୍ଲବ୍ ସମ୍ପାଦକ ଶ୍ରୀଯୁକ୍ତ ପ୍ରଦିପ କୁମାର ରାଉତରାୟ ଏବଂ ସହ ସମ୍ପାଦକ ବନୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ଏହି ଖେଳକୁ ବହୁ ସଂଖ୍ୟାରେ ଉତ୍ସାହିତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ।




# ନୀଳକଣ୍ଠ ସ୍ମାରକୀ କ୍ରିକେଟ : ଯାଆଁଳା ବିଜୟୀ

ଖୋର୍ଦ୍ଧା,୧୯।୧୦(ସବ୍ୟୁ) :ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଯାଆଁଳା ଏବଂ ମୁକୁନ୍ଦ ପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ରେ ଜିତି ମୁକୁନ୍ଦ ପ୍ରାସାଦ ଦଳ ବୋଲିଂ ନିଷ୍ପତି ନେଇଥିଲେ । ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭର ରେ ୫ ୱିକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଷେକ ପଟନାୟକ ୮୫ ରନ ଓ ବୀର ଅଭିମନ୍ୟୁ ୫୬ ସଂଗ୍ରହ କରିଥିଲେ । ମୁକୁନ୍ଦ ପ୍ରାସାଦ ଦଳର ପଙ୍କଜ ୩ ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ମୁକୁନ୍ଦପ୍ରସାଦ ଦଳ ୧୬ ଓଭର ରୁ ୯ ୱିକେଟ ହରାଇ ୧୬୦ ରନ ରେ ସୀମିତ ରହିଥିଲା । ଏହି ମ୍ୟାଚ କୁ ଯାଆଁଳା ଦଳ ଦଳ ୫୯ ରନ ରେ ଜିତି ନେଇଥିଲା । ଏହି ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ବୀର ଅଭିମନ୍ୟୁ ଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ଅତିଥି ଶଶିକାନ୍ତ ଦାସ (ଟୁବୁଲି ) ଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା । ଦ୍ୱିତୀୟ ମ୍ୟାଚ ରେ ତମାଣ୍ଡୋ ଓ ପାନବରଜ ପରସ୍ପର କୁ ଭେଟିଥିଲେ । ବର୍ଷା ବାଧପ୍ରାପ୍ତ ଅଧା ମ୍ୟାଚ ଆଗାମୀ ୨୨ ତାରିଖକୁ ଘୁଞ୍ଚିଲା । ତୁଷାରକାନ୍ତ ସୁନ୍ଦରାୟ, ସୁଜିତ ପରିଡା, ଅସିତ ପରିଡା, ପ୍ରକାଶ ସାହୁ, ଓମ ଅର୍ପିତ ମହାପାତ୍ର ଖେଳକୁ ପରିଚାଳନା କରିଥିବାବେଳେ କୈଳାସ ପରିଡା ଓ ମହାଦୀପ ଶ୍ରୀ ମହାପ୍ରସାଦ ରଥ ଖେଳକୁ ସଂଯୋଜନା କରିଥିଲେ । ୨୦/୧୦/୨୫ ତାରିଖ




ସୋମବାର ଦିନ ପ୍ରଥମ ମ୍ୟାଚ ପଳାସପୁର ବନାମ କଲ୍ୟାଣପୁର ଓ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବବୋଲି ମ୍ୟାଚ ରେଫରି ସଂକେତ ଦାସ ଓ ଆଶୁତୋଷ ପାଣିଗ୍ରାହୀ ଜଣାଇଛନ୍ତି ।







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି